## ୧୦ ଆଥ୍ଲେଟ୍‌ଙ୍କୁ ସହାୟତାର ହାତ ବଢ଼ାଇଲେ ଶିବମ୍ ଦୁବେ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୮୫ ● ୨୩ ଅପ୍ରେଲ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-85 ● 23rd April 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ପହଲଗାମରେ ପର୍ଯ୍ୟଟକଙ୍କ ଉପରକୁ ଆତଙ୍କବାଦୀଙ୍କ ଗୁଳିମାଡ : ୨୪ ମୃତ

**ଶ୍ରୀନଗର, ୨୨।୪**

ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ବଡ଼ ଧରଣର ଆକ୍ରମଣ ଘଟାଇଛନ୍ତି। ଏହି ଆତଙ୍କବାଦୀମାନେ ଅତର୍କିତ ଭାବେ ପର୍ଯ୍ୟଟନସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କ ଉପରକୁ ଗୁଳିମାଡ କରିବା ଫଳରେ ୨୪ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ଥିବା ଜଣାପଡ଼ିଛି । ସେହିପରି ଆତଙ୍କବାଦୀଙ୍କ ବର୍ବରତାରେ ଅନେକ ଲୋକ ଆହତ ହୋଇଛନ୍ତି । ଗୁରୁତରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହିତ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଗୃହମନ୍ତ୍ରୀ ଜମ୍ମୁ-କଶ୍ମୀର ଗସ୍ତରେ ଆସି ଶ୍ରୀନଗରରେ ପହଞ୍ଚିବା ପରେ ସ୍ଥିତି ସମୀକ୍ଷା କରିଛନ୍ତି। ଏହି *(ପୃଷ୍ଠା ୭ରେ)*



## ଆକ୍ରମଣକୁ ପ୍ରଧାନମନ୍ତ୍ରୀଙ୍କ ନିନ୍ଦା : କହିଲେ ଦୋଷୀଙ୍କୁ ଛଡ଼ାଯିବନି

**ନୂଆଦିଲ୍ଲୀ, ୨୨।୪**

ଜମ୍ମୁ-କଶ୍ମୀରର ପହଲଗାମ ଜିଲ୍ଲାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ଅନେକ ମୃତାହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ମୋଦୀ କହିଛନ୍ତି ଯେ ଆହତ ଲୋକମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ ପ୍ରାର୍ଥନା କରୁଛନ୍ତି । ଏହା ସହିତ ସେ କହିଛନ୍ତି ଯେ ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କର ଘୃଣ୍ୟ କାର୍ଯ୍ୟ କେବେ ସଫଳ ହେବ ନାହିଁ । ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମର ସଂକଳ୍ପ ଦୃଢ଼ ଏବଂ ଏହା ଆହୁରି ଦୃଢ଼ ହେବ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା *(ପୃଷ୍ଠା ୭ରେ)*

## ଆତଙ୍କବାଦୀଙ୍କ ଗୁଳିରେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ

**ବାଲେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମରେ ମଙ୍ଗଳବାର ଆତଙ୍କବାଦୀଙ୍କ ଆକ୍ରମଣରେ ଓଡ଼ିଶାର ପ୍ରଶାନ୍ତ ଶତପଥୀ ନାମକ ଯୁବକ ମୃତ୍ୟୁ ବରଣ କରିଛନ୍ତି । ସେ ପତ୍ନୀ ପ୍ରିୟଦର୍ଶିନୀ ଏବଂ ତାଙ୍କ ୮ ବର୍ଷର ପୁଅ ସହିତ ବୁଲିଯାଇଥିଲେ।

ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ସୁରକ୍ଷା ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ *(ପୃଷ୍ଠା ୭ରେ)*

## ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଏକ ଜଘନ୍ୟ ଓ ବର୍ବର କାଣ୍ଡ ଘଟାଇ ଆତଙ୍କବାଦୀମାନେ କଶ୍ମୀରର ପହଲଗାମଠାରେ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହିତ ମୃତ ପର୍ଯ୍ୟଟକ ମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣାରେ ଜଣେ ଓଡିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାର ମଧ୍ୟ ସୂଚନା ମିଳିଛି। ସଂପୃକ୍ତ ଓଡିଆ ପର୍ଯ୍ୟଟକଙ୍କ ମର ଶରୀର କିପରି ତାଙ୍କର ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିବ, ସେ ସଂପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଆଜିଠୁ ୫ ଦିନ ପାଇଁ ଅଙ୍ଗନବାଡି ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସବୁ ସ୍କୁଲ ବନ୍ଦ



**ଭୁବନେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

ବୁଧବାରଠାରୁ ସ୍କୁଲ ପିଲାଙ୍କ ପାଇଁ ଖରା ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଅପ୍ରେଲ ୨୩ ତାରିଖ ଠାରୁ ଅଙ୍ଗନବାଡି, ଶିଶୁବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟରେ ବର୍ତ୍ତମାନ ଚାଲିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଏହି ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ର, ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସମୟ ମଧ୍ୟରେ ଅଙ୍ଗନବାଡି ପିଲା ମାନଙ୍କୁ ସେମାନଙ୍କ *(ପୃଷ୍ଠା ୭ରେ)*

## ଆଜି ବନକଲାଗି ନୀତି: ଅପରାହ୍ଣ ୫ଟାରୁ ରାତି ୧୦ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ

**ପୁରୀ, ୨୨।୪ : ନ୍ୟୁଜ୍ ବ୍ୟୁରୋ**

ବୁଧବାର ବୈଶାଖ କୃଷ୍ଣ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନେ ଶ୍ରୀବିଗ୍ରହ ଶୃଙ୍ଗାର କରିବେ। ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହେବ। ଏଥିପାଇଁ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ପ୍ରାୟ ୫ଟାରୁ ବନକଲାଗି ନୀତି ଆରମ୍ଭ ହେବା ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବ। ରାତି ୧୦ଟା ପରେ ସର୍ବସାଧାରଣ ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାଉଦି ଆରବର ସ୍ୱତନ୍ତ୍ର ସ୍ୱାଗତ

**ନୂଆଦିଲ୍ଲୀ, ୨୨।୪**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଉଦି ଆରବରେ ଏକ ଐତିହାସିକ ଓ ସ୍ୱତନ୍ତ୍ର ସ୍ୱାଗତ କରାଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବିଶେଷ ବିମାନ ଏୟାର ଇଣ୍ଡିଆ ୱାନ ସାଉଦି ଆରବର ବାୟୁସୀମାରେ ପ୍ରବେଶ କରିବା ମାତ୍ରେ ରୟାଲ ସାଉଦି ଏୟାର ଫୋର୍ସର ଏଫ-୧୫ ଯୁଦ୍ଧ ବିମାନମାନେ ଏହାକୁ ଜେଦ୍ଦା ବିମାନବନ୍ଦର ପର୍ଯ୍ୟନ୍ତ ଏସ୍କର୍ଟ କରିଥିଲେ । ଏହି ସ୍ୱାଗତ ଭାରତ ଓ ସାଉଦି ଆରବ ମଧ୍ୟରେ ଗଭୀର ଦ୍ୱିପାକ୍ଷିକ ସମ୍ପର୍କ ଓ ରକ୍ଷା ସହଯୋଗିତାର ଏକ ପ୍ରତୀକ ଭାବେ ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ସାଉଦି ଆରବର *(ପୃଷ୍ଠା ୭ରେ)*



## ସଡ଼କ ଦୁର୍ଘଟଣା : ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**କଟକ/ଭୁବନେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ସଡ଼କ ଦୁର୍ଘଟଣାରେ କର୍ତ୍ତବ୍ୟରତ ୨ଜଣ ପୁଲିସ କର୍ମଚାରୀ (ଜଣେ ଓଏପିଏଫ କନେଷ୍ଟବଲ୍ ଏବଂ ଜଣେ ହୋମ ଗାର୍ଡ)ଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଉଭୟଙ୍କ ନିକଟ ସଂପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଉଭୟ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ଏକ ପିସିଆର ଭ୍ୟାନକୁ ଟ୍ରକ *(ପୃଷ୍ଠା ୭ରେ)*

## ଦେବ ପ୍ରସାଦ ଦାଶ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ନିଯୁକ୍ତ



**ଭୁବନେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଦାଶଙ୍କୁ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

ଦେବ ପ୍ରସାଦ ଦାଶ ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ନିଯୁକ୍ତି ରାଜ୍ୟ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ଦାଶଙ୍କ ନେତୃତ୍ୱରେ ସୂଚନା ଓ ଲୋକ *(ପୃଷ୍ଠା ୭ରେ)*

## ୨୪ରୁ ନୂଆ ରାସନ କାର୍ଡ

**ଭୁବନେଶ୍ୱର, ୨୨।୪**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୪ ତାରିଖରେ ବଣ୍ଟାଯିବ ନୂଆ ରାସନ କାର୍ଡ । ପ୍ରଥମ ପର୍ଯ୍ୟାୟ ରାସନ କାର୍ଡ ପୁରୀରେ ବଣ୍ଟନ କରାଯିବ। ପୁରୀଠାରେ ପଞ୍ଚାୟତିରାଜ ଦିବସ ପାଳନ ବେଳେ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ପ୍ରଦାନ କରିବେ । ରାଜ୍ୟରେ ୫ ଲକ୍ଷ ୯୦ ହଜାର ହିତାଧିକାରୀ ନୂତନ ରାସନ କାର୍ଡ ପାଇବେ। ଏନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ, ଏଯାବତ ପ୍ରାୟ ୨୫ ଲକ୍ଷ ଲୋକ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିକଳ ଚିତ୍କାରେ ଥରଇ ବଙ୍ଗଳା  
ଚାରିଆଡେ ରକ୍ତ ନଦୀ  
ନେତାଙ୍କ ପାଟିରେ ବେଙ୍ଗ ପସିଅଛି  
ପ୍ରିୟ ତାଙ୍କ ନିଜ ଗାଦି  
ମୁର୍ଖ ଗୋଷ୍ଠୀଙ୍କର ଯେଉଁ ଜିଦି  
ସାହସ ଅଛି ତ ଅଟକାଅ ତାଙ୍କୁ  
କାହିଁକି ହେଉଛି ଛନ୍ଦି ?

## ସମ୍ବିଧାନ ହେଉଛି ନାଗରିକଙ୍କ ଶକ୍ତି ଏବଂ ଗଣତନ୍ତ୍ରର ମୂଳଦୁଆ: ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୨।୪**

ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂରଣ ଅବସରରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'କର୍ତ୍ତବ୍ୟମ' କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଙ୍ଗଳବାର ଦିନ ନାଗରିକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବିଧାନିକ ପଦବୀ କେବଳ ଆନୁଷ୍ଠାନିକ ନୁହେଁ, ପ୍ରତ୍ୟେକ ନାଗରିକଙ୍କ ସ୍ୱର ସର୍ବୋଚ୍ଚ।

ଡିୟୁର ଭାଇସ୍ ରିଗଲ୍ ଲାଉଞ୍ଜରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ଯୋଗେଶ ସିଂହ ଅଧ୍ୟକ୍ଷତା କରିଥିଲେ। ଉପରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ସମ୍ବିଧାନ ସଂସଦଠାରୁ ଉପରେ କୌଣସି କ୍ଷମତାକୁ କଳ୍ପନା କରେ ନାହିଁ। ସଂସଦ ସର୍ବୋଚ୍ଚ ଏବଂ ଏହି ପରିସ୍ଥିତି ପ୍ରତ୍ୟେକ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ। ସମ୍ବିଧାନର ମୌଳିକ ଉପାଦାନଗୁଡ଼ିକୁ ଉପସ୍ଥାପନ କରି ସେ କହିଥିଲେ ଯେ ଆମେ ଭାରତର ଲୋକମାନେ, ଆମର ଜନପ୍ରତିନିଧିମାନଙ୍କ ମାଧ୍ୟମରେ ସମ୍ବିଧାନ ଅଧୀନରେ ଆମର ଆକାଂକ୍ଷା ଏବଂ ଇଚ୍ଛା ପ୍ରକାଶ *(ପୃଷ୍ଠା ୭ରେ)*

## ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଚମକିଲେ ଓଡ଼ିଆ



**ନୂଆଦିଲ୍ଲୀ, ୨୨।୪**

କେନ୍ଦ୍ର ଲୋକ ସେବା ଆୟୋଗ(ୟୁପିଏସସି) ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା-୨୦୨୪ର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ଏଥର ଓଡ଼ିଶାର ଅନେକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଆ ଝିଅ ରୀତିକା ରଥ ୪୮ତମ ସ୍ଥାନରେ ରହିଛନ୍ତି । ସେହିଭଳି ୯୫ତମ ସ୍ଥାନରେ ଅଛନ୍ତି ଦେବିକା ପ୍ରିୟଦର୍ଶିନୀ, ଆଦିତ୍ୟ ଆଚାର୍ଯ୍ୟ। ୯୬ତମ ସ୍ଥାନରେ, ଦୀପ୍ତି ରଞ୍ଜନ ପତି ୧୬୪ତମ ସ୍ଥାନରେ, ୧୭୫ରେ ରଶ୍ମୀ ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ଆଶୁତୋଷ ମିଶ୍ର ୧୯୮ତମ ସ୍ଥାନରେ, ୨୧୨ରେ ଅନୁପ ନାୟକ, ୪୧୪ରେ ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର ଏବଂ ୪୨୮ ର୍ୟାଙ୍କରେ ରହିଛନ୍ତି *(ପୃଷ୍ଠା ୭ରେ)*

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୪ : ନ୍ୟୁଜ୍ ବ୍ୟୁରୋ**

ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ଓଡ଼ିଶାର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସିଭିଲ ସେବା ପରୀକ୍ଷା - ୨୦୨୪ ପରୀକ୍ଷାରେ ସଫଳତା ହାସଲ କରିଥିବା ଓଡ଼ିଶାର ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଉତ୍ତମ ଜନସେବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେବା ମନୋଭାବ ସମସ୍ତଙ୍କ ବ୍ରତ ହେଉ। ସରକାରୀ ବ୍ୟବସ୍ଥାକୁ *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY (KIIT)

Deemed to be University

(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India

A++ Grade Accredited by NAAC

Tier 1 NBA Re-accredited by NBA All Engineering Programs for 6 Years

KIITEE 2025 PHASE - 2

APPLY ONLINE

through KIIT Websites www.kiitee.ac.in / www.kiit.ac.in

Last Date to Apply 4th June 2025 | No Examination Fee (Computer-Based Test)

KIITEE 2025 Online Test (Phase -2) starts from 8th June to 12th June 2025

Special Consultative Status by the UN-ECOSOC

ABET (US) Accreditation

THE 601-800 University Ranking 2024 World University Rankings

IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes

- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines

- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes

- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS

700+ Companies | 5585+ Job Offers | ₹53 LPA Highest Salary Offered

₹8.50 LPA Average CTC | 1500+ Paid Internships | 1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





## ପୋଲିସ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଦାହେବେ ଅଣଛାତ୍ର:କୁଳପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଦା ହେବେ ଅଣଛାତ୍ର। ବର୍ଷ ବର୍ଷ ଧରି କ୍ୟାମ୍ପସ୍‌ରେ ବେଆଇନ୍ ଭାବେ ରହିଆସୁଥିବା ଅଣଛାତ୍ରଙ୍କୁ ତଡ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ୟାମ୍ପସ୍‌ରୁ ସେମାନଙ୍କୁ ବିଦା କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୋଲିସ ସହାୟତା ଲୋଡ଼ିଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ପତ୍ର ଲେଖିଛନ୍ତି। ପ୍ରଫେସର ଆଚାର୍ଯ୍ୟ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଗତ କିଛିବର୍ଷ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ବାହାର ଲୋକ ଅନଧିକୃତ ଭାବେ ଜବରଦଖଲ କରିଛନ୍ତି । ଯାହା ବିଶ୍ୱବିଦ୍ୟାଳୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି । ଜବରଦଖଲକାରୀ ବିଭିନ୍ନ ସମୟରେ ଗୁରୁତ୍ୱହୀନ ପ୍ରସଙ୍ଗରେ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଛାତ୍ରଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେମାନଙ୍କ ଉପସ୍ଥିତି ଯୋଗୁ କ୍ୟାମ୍ପସ୍ ଭିତରେ ଏବଂ ଆଖପାଖ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେମାନଙ୍କୁ ହଟାଇବା ଅନିବାର୍ଯ୍ୟ ହୋଇପଡ଼ିଛି । ତେବେ ଅସାମାଜିକ ବ୍ୟକ୍ତିମାନେ ବିଶୃଙ୍ଖଳା ସୃଷ୍ଟି କରିପାରନ୍ତି। ଯାହା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ । ତେଣୁ କ୍ୟାମ୍ପସ୍‌ରୁ ଜବରଦଖଲକାରୀଙ୍କୁ ହଟାଇବାରେ କମିଶନରେଟ୍ ପୋଲିସ ଆବଶ୍ୟକ ସହାୟତା କରିବା ନେଇ ନିର୍ଦ୍ଦେଶ ଦେବାକୁ ଡିଜିପିଙ୍କୁ ଅନୁରୋଧ କରିଛନ୍ତି କୁଳପତି। ସୂଚନାଯୋଗ୍ୟ ଯେ, ବର୍ଷ ବର୍ଷ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅଣଛାତ୍ର ବେଆଇନ୍ ଭାବେ ରହୁଛନ୍ତି। ଅଣଛାତ୍ରଙ୍କ ଯୋଗୁ ଏହି ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି । ନିଶାମୁକ୍ତ କ୍ୟାମ୍ପସ୍ ହୋଇପାରୁନି । ଅଣଛାତ୍ରଙ୍କ ଜରିଆରେ କ୍ୟାମ୍ପସ୍ ଭିତରକୁ କୋଟି କୋଟି ଟଙ୍କାର ନିଶାଦ୍ରବ୍ୟ ଆସୁଛି। ବିଭିନ୍ନ ରାଜନୈତିକ ସଭା କ୍ୟାମ୍ପସ୍ ଭିତରେ ଆୟୋଜନ କରାଯାଉଛି। ଛାତ୍ରାବାସ ଗୁଡ଼ିକରେ ମଧ୍ୟ ଅଣଛାତ୍ର ରହୁଛନ୍ତି। ଏ ସମ୍ପର୍କରେ ଏବିଭିପି ଅଭିଯୋଗ କରିବା ସହ କ୍ୟାମ୍ପସ୍‌କୁ ଅଣଛାତ୍ରମୁକ୍ତ ନକଲେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲା।

## ୧୫ରୁ ପ୍ରକାଶ ପାଇବ ମାସିକ ବେକାରୀ ତଥ୍ୟ

**ନୂଆଦିଲ୍ଲୀ**

କେନ୍ଦ୍ର ସରକାର ମେ' ୧୫ରୁ ମାସିକ ବେକାରୀ ତଥ୍ୟ ପ୍ରକାଶ କରିବା ଆରମ୍ଭ କରିବେ । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୋମବାର ଏହା ଘୋଷଣା କରିଛନ୍ତି । ପ୍ରାରମ୍ଭିକ ପ୍ରକାଶନରେ ଜାନୁଆରୀ, ଫେବୃୟାରୀ ଏବଂ ମାର୍ଚ୍ଚ ମାସର ତଥ୍ୟ ଅନ୍ତର୍ଭୁକ୍ତ ହେବ ଏବଂ ପରବର୍ତ୍ତୀ ରିପୋର୍ଟ ପ୍ରତି ମାସରେ ପ୍ରକାଶିତ ହେବ। ପ୍ରଥମଥର ପାଇଁ ସରକାର ଏଭଳି କରିବାକୁ ଯାଉଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସହରାଞ୍ଚଳର ତ୍ରୈମାସିକ ବେକାରୀ ତଥ୍ୟ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମିଶ୍ରିତ ବାର୍ଷିକ ବେକାରୀ ତଥ୍ୟ ପ୍ରକାଶ ପାଉଥିଲା। ଅନ୍ୟ ପ୍ରମୁଖ ଅର୍ଥନୀତି ଭଳି ଭାରତରେ ବେକାରୀ ତଥ୍ୟ ସଂଗ୍ରହ ଏବଂ ପ୍ରସାରଣ ପାଇଁ ଏକ ବ୍ୟବସ୍ଥାର ଅଭାବ ରହିଛି। ନୂତନ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଏହି ଅଭାବ ପୂରଣ ହେବ । ଏଥିପାଇଁ ସରକାର ତଥ୍ୟ ସଂଗ୍ରହର ପରିସରକୁ ଆହୁରି ବିସ୍ତାର କରିବାକୁ ଯୋଜନା କରୁଛନ୍ତି । ଅନ୍ୟ ଏକ ଉଲ୍ଲେଖନୀୟ ବିକାଶରେ, ଆଗକୁ ଗ୍ରାମାଞ୍ଚଳ ପାଇଁ ଏକ ତ୍ରୈମାସିକ ଶ୍ରମଶକ୍ତି ସର୍ଭେ ମଧ୍ୟ କରାଯିବ।

## କ୍ୟାପିଟାଲ୍ ହସ୍ପିଟାଲ୍ ପିଜିଆଇ କୋଠା ନିର୍ମାଣ କାମରେ ବିଳମ୍ବ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଣ୍ଟ ପୂରିଲା ହେଲେ କାମ ସରିଲାନାହିଁ । ଏଭଳି ଦେଖିବାକୁ ମିଳିଛି । ପିଜିଆଇଏମ୍ଇଆର ଆଣ୍ଡ କ୍ୟାପିଟାଲ୍ ହସ୍ପିଟାଲ୍ କ୍ଷେତ୍ରରେ । ମାର୍ଚ୍ଚ ଶେଷ ସୁଦ୍ଧା ପିଜିଆଇ କୋଠା ଓ ହଷ୍ଟେଲ୍ କାର୍ଯ୍ୟ ସାରିବା ନେଇ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଏବେ ଏପ୍ରିଲ ଶେଷ ହେବାକୁ ବସିଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ପିଜି ପାଠ୍ୟକ୍ରମ ଆରମ୍ଭକୁ ବିଧିବଦ୍ଧଭାବେ ଅଢ଼େଇ ବର୍ଷ ପୂରିବ କିନ୍ତୁ ଏଯାବତ୍ କାର୍ଯ୍ୟ ଶେଷ ହୋଇପାରିନାହିଁ। ରାଜଧାନୀରେ ସ୍ଥିତି ଏମିତି ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାର ଭେଷଜ ମହାବିଦ୍ୟାଳୟ ସ୍ଥିତି ଏଥିରୁ ଅନୁମେୟ । ଆସନ୍ତା ୫ ବର୍ଷ ମଧ୍ୟରେ ସବୁ ଜିଲ୍ଲାରେ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଏବେବି ଅନେକ ଭେଷଜ ମହାବିଦ୍ୟାଳୟରେ ଅଧାପକ ଓ ଅଧାପିକାଙ୍କ ଅଭାବ ସହିତ ଭିତ୍ତିଭୂମି ଠିକ୍ ନଥିବା ଅଭିଯୋଗ ହୋଇଛି। ରାଜଧାନୀରେ ପିଜିଆଇ ପ୍ରଶାସନିକ କୋଠା ଏବଂ ହଷ୍ଟେଲ୍ ନିର୍ମାଣରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ହସ୍ପିଟାଲ୍ ପଛପାଖରେ କୋଠା କାର୍ଯ୍ୟ ଜାରି ରହିଥିବାବେଳେ ପୂର୍ବରୁ ଯେଉଁ ହାରରେ କାମ ହେଉଥିଲା ଏବେ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି । ପୂର୍ବରୁ ୨୦୨୪ ଜୁଲାଇ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଏହା ସରିନଥିଲା। ପରେ ୨୦୨୪ ଶେଷ ସୁଦ୍ଧା ସାରିବାକୁ କୁହାଯାଇଥିଲେ ହେଁ ତାହା ମଧ୍ୟ ହୋଇପାରିଲା ନଥିଲା । ଶେଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ସାରିବାକୁ କୁହାଗଲା । ହେଲେ ଏବେ ବି କାର୍ଯ୍ୟ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିନାହିଁ । ବର୍ତ୍ତମାନ ବାହାର କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାବେଳେ ଆଭ୍ୟନ୍ତରୀଣ କାର୍ଯ୍ୟ ଜାରିରହିଛି । କେବେ ସରିବ ତାହାର ଉତ୍ତର କାହା ନିକଟରେ ନାହିଁ। ଏଠାରେ ପ୍ରଶାସନିକ କାର୍ଯ୍ୟ ସହିତ ହଷ୍ଟେଲ୍ ବ୍ୟବସ୍ଥା କରାଯିବ। ହସ୍ପିଟାଲ୍‌ରେ ଯେତିକି ବିଭାଗ ରହିଛି ସବୁ ବିଭାଗ ପାଇଁ ଏଠାରେ ସ୍ୱତନ୍ତ୍ର ଭାବେ କକ୍ଷ କରାଯିବ। ବିଶେଷ କରି ପ୍ରଫେସର, ସହକାରୀ ପ୍ରଫେସର କକ୍ଷ ସହିତ ସମ୍ମିଳନୀ କକ୍ଷ, ପରୀକ୍ଷାଗାର, ପ୍ରେକ୍ଷାଳୟ ରହିବ। ଏହାବ୍ୟତୀତ ୩୦୦ କକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ କରାଯିବ ବୋଲି ଜଣାପଡ଼ିଛି ।

## ଗ୍ୟାସ୍ ପାଇପ୍ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଞ୍ଚଳର ଛେଡାକନ, ବରକନ୍ଦା, ତେନ୍ତୁଳିକାନ୍ଦ, ଗେଜାବନ୍ଧ, କୁମ୍ଭାରପଡା, ଦଧିପୁର, ଗୋବର୍ଦ୍ଧନପୁର, ବଡକୁଳ, ଦହିମାଛ କର, ଗାମପୁର, ଯଦୁପୁର, ସାନଗାଁ, ଓଉପଦା, ଭାରତୁଙ୍ଗା, ଦଶରାଜପୁରଦିଆ, କୁସୁନପୁରଦିଆ, ବିଜୟନଗର, ଶ୍ରୀଚନ୍ଦନପୁର, ଏକଲପୁର ପ୍ରଭୃତି ଗ୍ରାମର ଚାଷୀମାନଙ୍କୁ ନେଇ ଗଠିତ ଏକତା ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଗ୍ରାମଗୁଡିକ ମଧ୍ୟରେ ଚାଷ ଜମି ଦେଇ ପାରାଦ୍ୱିପ- ନୁମାଲିଗଡ ରିଫାଇନାରୀ ଲିମିଟେଡ ପକ୍ଷରୁ ଗ୍ୟାସ୍ ପାଇପ୍ ଲାଇନ୍ ପାରାଦ୍ୱୀପରୁ ସିଲିଗୁଡି ପର୍ଯ୍ୟନ୍ତ ବିଛା ଯିବା ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି । ଏହି ଗ୍ୟାସ୍ ପାଇପ୍ ଲାଇନ୍ ଯୋଗୁଁ ଭବିଷ୍ୟତରେ ବଡ ଧରଣର ବିପଦ ଆଶଙ୍କା କରି ଚାଷ ଜମି ହରାଉଥିବା ଚାଷୀମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କମ୍ପାନୀ ପକ୍ଷରୁ ଜମି ମାଲିକ ଚାଷୀମାନଙ୍କୁ ନୋଟିସ୍ ଜାରି କରାଯିବା ସହ ନୋଟିସ୍‌ରେ ଲେଖାଯାଇଥିବା ଖାତା ନଂ ଓ ପ୍ଲଟ୍ ଉପରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ ଯଥା ଗଛ, ଘର, ନଳକୂପ, ଜଳାଶୟ ଆଦି କରିପାରିବେନାହିଁ ବୋଲି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି । ତେବେ ଏହି ଜମିର କ୍ଷତି ପୁରଣ ମୂଲ୍ୟ ୧୯୬୨ ମସିହା ଅନୁଯାଇ ଆକଳନ କରାଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚାଷୀମାନେ ଲ୍ୟାଣ୍ଡ ଆକ୍ୟୁଏସନ୍ ମାଧ୍ୟମରେ ବର୍ତ୍ତମାନ ବଜାର ମୂଲ୍ୟ ହିସାବରେ ଜମି କ୍ଷତିପୁରଣ ଦାବି କରିବା ସହ ସେମାନଙ୍କ ପରିବାରରୁ ଚାକିରୀ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରକାଶ ରାଉତ, ଶିଶିର ମହାନ୍ତି, ସାଗର କୁମାର ବେହେରା, ଶଶିକାନ୍ତ ମହାନ୍ତି, ନୃସିଂହ ଖଟୁଆ, ସାଗର କୁମାର ବେହେରା, କ୍ଷିରୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବସ୍‌ଷ୍ଟାଣ୍ଡରେ ସୂଚନା ଫଳକ ଉପାଡ଼ି ଫିଙ୍ଗିବା ଘଟଣା ନେଇ ଅସନ୍ତୋଷ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକର ଦୋବଲ ବସ୍‌ଷ୍ଟାଣ୍ଡରେ ଲାଗିଥିବା ସୂଚନା ଫଳକକୁ ଉପାଡ଼ି ଫିଙ୍ଗି ଦିଆଯାଇଛି। କିଛିଦିନ ପୂର୍ବରୁ ଦୋବଲ ବସ୍‌ଷ୍ଟାଣ୍ଡ ଜାଗାରେ କଓ୍ୱାଲି ପ୍ରୋଗ୍ରାମ୍ ହେଉଥିଲା। ଷ୍ଟେଜ୍ ନିର୍ମାଣ କରିବା ପାଇଁ ଆୟୋଜନ କମିଟି ଫଳକଟିକୁ ଉପାଡ଼ି ଦେଇଥିଲା। କଓ୍ୱାଲି ପ୍ରୋଗ୍ରାମ୍ ହେଲା। ତାପରେ ଷ୍ଟେଜ୍ ମଧ୍ୟ ଖୋଲାଗଲା। ହେଲେ ପାଞ୍ଚ ଦିନ ପରେ ବି ଫଳକ ଉକ୍ତ ଜାଗାରେ ଲଗାଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିନାହିଁ। ପ୍ରତିବର୍ଷ ଦୋବଲ-ମୁସ୍ତଫାପୁର କଓ୍ୱାଲି ଆୟୋଜନ କମିଟି ବସ୍‌ଷ୍ଟାଣ୍ଡରେ ହିଁ କଓ୍ୱାଲି ଆୟୋଜନ କରିଥାଏ। ଆଉ ଯେଉଁ ଜାଗାରେ ବସ୍‌ଷ୍ଟାଣ୍ଡର ସୂଚନା ଫଳକ ଲାଗିଥାଏ, ସେହି ଜାଗାରେ ହିଁ ତାଙ୍କର ଷ୍ଟେଜ୍ ନିର୍ମାଣ କରନ୍ତି। ଆଉ ସୂଚନା ଫଳକକୁ କାଢ଼ି ରଖିଦିଅନ୍ତି। ଗତ ଦୁଇବର୍ଷ ଧରି ଏମିତି ହୋଇଥିଲା ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଆୟୋଜନ କମିଟି ସେହି ଫଳକକୁ ଆଣି ପୋତି ଦେଇଥାନ୍ତି। ଏଥର ଏଯାଏ ପୋତା ଯାଇନଥିବାରୁ ପୁଣି ଅସନ୍ତୋଷ ଦେଖାଦେଇଛି। ଧାମନଗର ବ୍ଲକ ଦୋବଲ ଜୋନ୍ ୬ଟି ପଞ୍ଚାୟତବାସୀଙ୍କ ଯାତାୟାତର କେନ୍ଦ୍ରସ୍ଥଳୀ ହେଉଛି ଦୋବଲ ବସ୍‌ଷ୍ଟାଣ୍ଡ। ଏହାର ବିଶାଳ ଜମିକୁ ସ୍ଥାନୀୟ ଧାର୍ମିକ ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ଜବରଦଖଲ କରିନେବାରୁ ତିନି ବର୍ଷ ତଳେ ବିବାଦ ଦେଖାଦେଇଥିଲା। ଦୀର୍ଘଦିନ ଯାଏ ପରିବେଶ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଗୋଟିଏ ପଟେ ଜମି ଜବରଦଖଲ ସାଙ୍ଗକୁ ବସ୍‌ଷ୍ଟାଣ୍ଡ ଭିତରେ ବେଆଇନ୍ ଭାବେ ଟ୍ରକ୍ ଓ ଅନ୍ୟ ଗାଡ଼ି ପାର୍କିଂ କରାଯାଉଥିଲା। ବସ୍‌ଷ୍ଟାଣ୍ଡ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଏଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ତହସିଲଦାର ଏଠାରେ ଏକ ସୂଚନା ଫଳକ ଲଗାଇଥିଲେ। ତା ସହିତ ବସ୍‌ଷ୍ଟାଣ୍ଡ ଜାଗାରେ ବେଆଇନ୍ ଗାଡ଼ି ପାର୍କିଂ କରିବାକୁ ବାରଣ କରିଥିଲେ। ହେଲେ କଓ୍ୱାଲି ଆୟୋଜନ କମିଟି ଏବେ ସୂଚନା ଫଳକ ଉପାଡ଼ି ଦେଇଥିବାରୁ ବସ୍‌ଷ୍ଟାଣ୍ଡ ଜାଗାଟି ପୁଣି ଜବରଦଖଲ ହୋଇଯିବ ବୋଲି ଆଶଙ୍କା ଦେଖାଦେଇଛି। ତେବେ ଏନେଇ ଧାମନଗର ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସାଇ ସିଲୋନା କହିଛନ୍ତି ଯେ, ଏନେଇ ଆୟୋଜକ କମିଟିକୁ ଜଣାଯାଇଛି। ସୂଚନା ଫଳକ ନଲଗାଇଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।




## ଚଳନ୍ତା କାର୍‌ରୁ ଡେଇଁ ଯୁବତୀ ଗୁରୁତର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ପୋଷ୍ଟାଲ ପ୍ରିଣ୍ଟିଙ୍ଗ ପ୍ରେସ୍ ଛକରେ ରବିବାର ରାତି ପ୍ରାୟ ୧୦ଟା ବେଳେ ଏକ ଚଳନ୍ତା କାରୟରୁ ଜଣେ ଯୁବତୀ ତଳକୁ ଡେଇଁ ପଡ଼ିଥିଲେ। ଯୁବତୀ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ଗୋଡ଼, ମୁହଁ ଓ ଛାତିରେ ଆଘାତ ଲାଗିଥିଲା । ରାସ୍ତାରେ ଯାଉଥିବା ଯାତ୍ରୀ ଏଭଳି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେବା ସହ ପୋଲିସକୁ ସୂଚନା ଦେଇଥିଲେ। କାରରେ ଥିବା ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଆହତ ଯୁବତୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୋମବାର ଯୁବତୀ ଜଣକ ସୁସ୍ଥ ହେବାପରେ ଘରକୁ ଫେରିଥିବା ପୋଲିସ କହିଛି । ପୋଲିସ ସୂଚନା ଅନୁଯାୟୀ, ରବିବାର ଜୟଦେବ ବିହାର ଛକରୁ ଯୁବତୀଙ୍କୁ ଅପହରଣ କରାଯାଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ବାସ୍ତବରେ ଠିକ୍ ନୁହେଁ। ଡୁମଡୁମା ଅଞ୍ଚଳର ଯୁବତୀଜଣକ ସହିଦନଗରର ଏକ ପାଥୋଲାବ୍‌ରେ କାର୍ଯ୍ୟ କରନ୍ତି। ରବିବାର ସେ କାର୍‌ରେ ଯାଉଥିବାବେଳେ ପୁରୁଷ ବନ୍ଧୁଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଯୁବତୀଜଣକ କାରରୁ ଡେଇଁ ପଡ଼ିଥିଲେ। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପୋଲିସ କହିଛି ।

## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ 'ଘର ହିଁ ବିଦ୍ୟାଳୟ' ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ପ୍ରମୁଖ ବି. ସୁଶୀଳା ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଶିଶୁ ହିଁ ଅନୁଷ୍ଠାନର ଭାତ ହାଣ୍ଡି ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରସନ୍ନ କୁମାର ମିଶ୍ର (ସଂପାଦକ), ଦିଗାମ୍ବର ମାହାଙ୍କୁଡ (ଉପଦେଷ୍ଟା), ରାମଚନ୍ଦ୍ର ବାଡତୀୟା, ଅମୂଲ୍ୟ କୁମାର ସେନାପତି (ଗଞ୍ଜାମ ଖଣ୍ଡ ସଂଘ ଚାଳକ), ଶ୍ରୀଧର ପ୍ରଧାନ (ପ୍ରଧାନ ଆଚାର୍ଯ୍ୟ), ପ୍ରଭାସିନୀ ତରାଇ (ଶିଶୁ ବାଟିକା ପ୍ରମୁଖ) ମଞ୍ଚାସିନ ରହି 'ଘର ହିଁ ବିଦ୍ୟାଳୟ' ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିଶୁ ଅରୁଣ, ଉଦୟ, ପ୍ରଭାତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଅଭିଭାବକ/ଅଭିଭାବିକା କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ଗୁରୁମା ପାର୍ବତୀ ନାହାକ କୃତଜ୍ଞତା ଜ୍ଞାପନ କରିଥିଲେ। ତତ୍ ସହିତ ଅନୁଷ୍ଠାନର ଶିଶୁ କଳାକାର ମାନଙ୍କୁ ନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ/ଗୁରୁମା, ମଉସା/ମାଉସୀ ସହଯୋଗ କରିଥିଲେ।




## କଟକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି:୫୪ ମାମଲା ପଞ୍ଜୀକୃତ, ୬ଟି ତ୍ୱରିତ ସମାଧାନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୬ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ ।

## ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଅଣଦେଖା ନେଇ ଅସନ୍ତୋଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ହତାଦର । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଏହି ପ୍ରତିଷ୍ଠାନକୁ ଏବେ ଉପେକ୍ଷା କରାଯାଉଛି । ଅବସରପ୍ରାପ୍ତ ଅଧିକାରୀଙ୍କ ହାତରେ ଆର୍ଥିକରୁ ନେଇ ସମସ୍ତ କ୍ଷମତା ନ୍ୟସ୍ତ କରାଯାଇଛି। ନାମକୁ ମାତ୍ର ଦାୟିତ୍ୱରେ ରହିଛନ୍ତି ନିର୍ଦ୍ଦେଶକ। ଏହା ସାଙ୍ଗକୁ ଏଠାରେ କୌଣସି ନିୟମିତ କର୍ମଚାରୀ ନାହାନ୍ତି। ପୂର୍ବରୁ ଭାଷା ପ୍ରତିଷ୍ଠାନ ସଂସ୍କୃତି ଭବନରେ କାର୍ଯ୍ୟ କରୁଥିଲା। ଏହାପରେ ଖାରବେଳ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ଠିକଣା ବଦଳିଥିଲେ ହେଁ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଖାରବେଳ ଭବନକୁ ସାଧାରଣ ଲୋକଙ୍କ ଯାତାୟାତ ବାରଣ ଥିବାବେଳେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏବେ ପୁନଃ ସଂସ୍କୃତି ଭବନକୁ ଆସିବା ନେଇ ପଥ ପରିଷ୍କାର ହୋଇଛି। ନିକଟରେ ସରକାର ଓଡ଼ିଆ ପକ୍ଷ ପାଳନ କଲେ। ସଂସ୍କୃତି ବିଭାଗ ଅନ୍ୟ ବିଭାଗ ସହଯୋଗରେ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କଲା ଯେଉଁଥିରେ ବିବିଧ କାର୍ଯ୍ୟକ୍ରମ ରହିଥିଲା। ହେଲେ ଭାଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭାଷା ପ୍ରତିଷ୍ଠାନକୁ ଭୁଲିଗଲେ। ୨୦୦୬ରୁ ଏହି ପ୍ରତିଷ୍ଠାନ ଶୁଭାରମ୍ଭ ହୋଇଥିଲେ ବି ଏବେ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠାନ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହେଉନାହିଁ। ପୂର୍ବରୁ ଗଣଶିକ୍ଷା ବିଭାଗ ଅଧୀନରେ ଥିବାବେଳେ ପ୍ରତିଷ୍ଠାନ ନିୟମିତ କାର୍ଯ୍ୟଧାରା କରୁଥିଲା, ହେଲେ ୨୦୧୫ରେ ସଂସ୍କୃତି ବିଭାଗକୁ ଆସିବା ପରେ ଏହାର ବିଳୟ ଆରମ୍ଭ ହେଲା। ସେବେଠାରୁ ପ୍ରତିଷ୍ଠାନକୁ ସ୍ଥାୟୀ ନିର୍ଦ୍ଦେଶକ ମିଳିପାରି ନଥିବାବେଳେ ଦାୟିତ୍ୱରେ ବିତିଲାଣି ୧୦ ବର୍ଷ । ଏହାସହିତ ଏବେ ଏଠାରେ କର୍ମଚାରୀ ମରୁଡ଼ି ଦେଖାଦେଇଛି। ଏଠାରେ ଜଣେ ହେଲେ ନିୟମିତ କର୍ମଚାରୀ ନଥିବାବେଳେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ହାତରେ ଅଖଣ୍ଡ କ୍ଷମତା ଦିଆଯାଇଛି। ପ୍ରତିଷ୍ଠାନରେ ବିଭାଗର କୌଣସି ବରିଷ୍ଠ ଅଧିକାରୀଙ୍କ ପାଦ ପଡୁନାହିଁ। କ'ଣ ହେଉଛି ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ। ଏବେ ପ୍ରତିଷ୍ଠାନର ସାଧାରଣ ପରିଷଦ କମିଟି ସଦସ୍ୟ ସଂଖ୍ୟାକୁ ହ୍ରାସ କରାଯାଇଛି। ପୂର୍ବରୁ ଏହି ସଂଖ୍ୟା ୭୦ ଥିବାବେଳେ ଏବେ ଏହାକୁ ୧୦ରେ ସୀମିତ ରଖାଯାଇଛି। ସେହିପରି କାର୍ଯ୍ୟକାରୀ ପରିଷଦ କମିଟିର ସଦସ୍ୟ ସଂଖ୍ୟାକୁ ୫କୁ ହ୍ରାସ କରାଯାଇଛି। ଯେଉଁମାନେ ପୂର୍ବରୁ କାମ କରୁଥିଲେ ସେମାନଙ୍କ ପଦୋନ୍ନତି ମଧ୍ୟ କରାଯାଉନାହିଁ। ଏଭଳି ଅବ୍ୟବସ୍ଥାରେ ଏବେ ଛନ୍ଦି ହୋଇପଡ଼ିଛି ଓଡ଼ିଆ ଭାଷା ପ୍ରତିଷ୍ଠାନ ସଂସ୍କୃତି ଭବନକୁ ଫେରିବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ଆୟୁଷ୍ମାନ୍ କାର୍ଡ ପ୍ରଦାନ ନାଁରେ ଠକେଇ ଅଭିଯୋଗ

**ବେଗୁନିଆ, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ପକ୍ଷରୁ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ପ୍ରତ୍ୟେକ ଗାଁରେ ପ୍ରତି ହିତାଧିକାରୀଙ୍କୁ ମାଗଣା ବଣ୍ଟନ କରାଯାଉଛି । ଏହାର କିଛିଦିନ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବୋତଲମା ପଞ୍ଚାୟତ ଛତ୍ରପଡ଼ା ଗ୍ରାମରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ସହ ଆଧାର ଲିଙ୍କ ନିମନ୍ତେ ୨ ଜଣ ବ୍ୟକ୍ତିକୁ ସରପଞ୍ଚ ଗାଁ ଠାକୁରାଣୀଙ୍କ ମନ୍ଦିର ନିକଟକୁ ପଠାଇଛନ୍ତି ବୋଲି ଗ୍ରାମର ଜନୈକ ବ୍ୟକ୍ତିଦ୍ୱୟ ଘରକୁ ଘର ବୁଲି ପ୍ରତିକାର୍ଡ ପିଛା ଆଧାରକାର୍ଡ଼ ସହିତ ୫୦ ଟଙ୍କା ଲେଖାଏଁ ସେମାନଙ୍କୁ ଦେଲେ ସେମାନେ ଆଧାରଲିଙ୍କ କରିବେ । ପରେ ସ୍ୱତଃ ଭାବେ ପଇସା ଦେଇ ଆଧାର ଲିଙ୍କ କରିଥିବା ବ୍ୟକ୍ତିଙ୍କ ନିକଟକୁ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ଆସି ପହଞ୍ଚିବ କହିଥିଲେ। ଯିଏ ନକରିବ ତାର ଆଉ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ଆସିପାରିବନାହିଁ ବୋଲି ଗ୍ରାମର ପ୍ରତ୍ୟେକ ଘରେ ଜଣାଇବା ପରେ ଦୁଇ ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରି ଗ୍ରାମର ଶତକଡ଼ା ୯୦ ଭାଗରୁ ଅଧିକ ଆଧାର କାର୍ଡଧାରୀ ମନ୍ଦିର ନିକଟକୁ ଆସିଥିଲେ। ସେମାନଙ୍କ ଠାରୁ ଦୁଇ ବ୍ୟକ୍ତି ୫୦ ଟଙ୍କା ଲେଖାଏଁ ଆଦାୟ କରିଥିଲେ । ମନ୍ଦିର ପାଖରେ କମ୍ପ୍ୟୁଟର ଧରି ବସିଥିବା ୨ ଅପରିଚିତ ବ୍ୟକ୍ତି ଯେଉଁମାନେ ପଇସା ଦେଉଥିଲେ ସେମାନଙ୍କ ଆଧାର କାର୍ଡକୁ କମ୍ପ୍ୟୁଟରରେ ଅପଲୋଡ୍ କରିସାରି ତୁମର ହୋଇଗଲା। ତୁମର ଆୟୁଷ୍ମାନ୍ କାର୍ଡ ଆସି ପହଞ୍ଚିଯିବ ବୋଲି କହି ସେଠାରୁ ଛାଡୁଥିଲେ। ଏହିଭଳି ଭାବେ ଏମାନେ ଛତ୍ରପଡ଼ା ଗ୍ରାମରୁ ହଜାର ହଜାର ଟଙ୍କା ଆଦାୟ କରିଥିଲେ । ପରବର୍ତ୍ତୀ ଦୁଇ ଦିନ ପରେ ସରକାରଙ୍କ ତରଫରୁ ପ୍ରତ୍ୟେକ ରାସନ କାର୍ଡରେ ନାମଥିବା ୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରାପ୍ତବୟସ୍କ ପର୍ଯ୍ୟନ୍ତ ସମସ୍ତ ଆଧାରକାର୍ଡଧାରୀଙ୍କୁ ଆୟୁଷ୍ମାନ୍ କାର୍ଡ ମାଗଣାରେ ଆଶା କର୍ମୀଙ୍କ ସହାୟତାରେ ଏହାକୁ ସଚଳ କରି ଯୋଗାଇ ଦିଆଯାଉଛି । ଏହି କାର୍ଡ ଦିଆଯିବା ପରେ ୫୦ ଟଙ୍କା ଲେଖାଏଁ ଆଦାୟ କରି ଲୁଟିନେଇଥିବା ସାମ୍ନାକୁ ଆସିଥିଲା। ଆମ ଆଧାରକାର୍ଡ଼ ସହ ୫୦ ଟଙ୍କା ଲେଖାଏଁ ଏହିପରି ଆମ ଗାଁରୁ ହଜାର ହଜାର ଟଙ୍କା ଲୁଟି ନେଲ ବୋଲି କେତେକ ନିରୀହ ତଥା ଦିନ ମଜୁରିଆ ବ୍ୟକ୍ତି ଆଦାୟ କରିଥିବା ଜନୈକ ଯୁବକ ଦ୍ୱୟଙ୍କୁ ପଚାରିଥିଲେ। ସେମାନଙ୍କ ଦେଇଥିବା ଅର୍ଥ କିପରି ଫେରସ୍ତ ପାଇବେ ତାହାର ବ୍ୟବସ୍ଥା କରିବା ପରିବର୍ତ୍ତେ ଯୁବକଦ୍ୱୟ ଓଲଟା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ପରେ ଘଟଣା ଗ୍ରାମରେ ପ୍ରଚାରିତ ହେବାପରେ ଗ୍ରାମବାସୀ ବୈଠକ କରି ଟଙ୍କା ଆଦାୟ କରିଥିବା ଯୁବକ ଦ୍ୱୟଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ସେପଟେ ସରପଞ୍ଚଙ୍କୁ ପଚାରିବାରେ ଏଭଳି ଖବର ତାଙ୍କ ପାଖରେ ନଥିବା ଏବଂ ସେ କାହାକୁ ପଠାଇନଥିଲେ ବୋଲି କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଏଭଳି ଘଟଣା ନେଇ ତାଙ୍କ ପାଖରେ ସୂଚନାନାହିଁ ଯଦି କାର୍ଡ ଦେବାବେଳେ କିଏ ପଇସାପତ୍ର ମାଗନ୍ତି ତେବେ ତୁରନ୍ତ ଦୃଷ୍ଟିକୁ ଆଣିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



## ଡ଼. ଭୀମ ରାଓ ଆମ୍ବେଦକର ସମ୍ମାନ ଅଭିଯାନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍**

ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ଼. ଭୀମ ରାଓ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ସପ୍ତାହ ଅବସରରେ କେନ୍ଦୁଝର ସହରର ନଗରଭବନ ଠାରେ ସୋମବାର ଡ଼. ଭୀମ ରାଓ ଆମ୍ବେଦକର ସମ୍ମାନ ଅଭିଯାନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର କଲା କେନ୍ଦୁଝର ଜିଲ୍ଲା ବିଜେପି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଏବଂ ଆମ୍ବେଦକରଙ୍କୁ କଂଗ୍ରେସର କିପରି ଅପମାନିତ କରିଥିଲା ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ଭୀମ ରାଓ ଆମ୍ବେଦକର ସମ୍ମାନ ଅଭିଯାନର କେନ୍ଦୁଝର ପରି ପାଞ୍ଚଟି ଜିଲ୍ଲାର ଦାୟିତ୍ୱରେ ଥିବା ତଥା କେନ୍ଦୁଝର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ତେଲକୋଇ ବିଧାୟକ ଡ଼. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରିଷ୍ଠ ନେତା ଡ଼. ଶମ୍ଭୁନାଥ ରାଉତ ମଞ୍ଚାସିନ ହୋଇ ଭାରତ ରତ୍ନ ଡ଼. ଭୀମ ରାଓ ଆମ୍ବେଦକରଙ୍କ ଦେଶ ପ୍ରତି ବଳିଷ୍ଠ ଅବଦାନ ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କ ସମ୍ମୁଖରେ ରଖିଥିଲେ। ଅତିଥି ମାନଙ୍କ ଅଭିଭାଷଣ ପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବୁଦ୍ଧିଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୧୦୮ ଆମ୍ବୁଲାନ୍ସ ଜଳିଗଲା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ପରିସରରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ଥୁଆ ହୋଇଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ିରେ ନିଆଁ ଲାଗି ଗାଡିଟି ହୁତୁହୁତୁ ହୋଇ ସମ୍ପୂର୍ଣ୍ଣ ଜଳିଯାଇଛି। ସୋମବାର ଅପରାହ୍ନରେ ଆମ୍ବୁଲାନ୍ସଟି କଟକରେ ରୋଗୀ ଛାଡ଼ି ଡ୍ରାଇଭର ବିଶ୍ରାମ ନେଉଥିବା ବେଳେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ନିଆଁ ନଳିଭିବାରୁ ଉପସ୍ଥିତ ଲୋକେ ଚଣ୍ଡିଖୋଲ ଦମକଳକେନ୍ଦ୍ରକୁ ଜଣାଇଥିଲେ। ଦମକଳ ବିଭାଗର କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଓ୍ୱାରିଙ୍ଗ ସର୍ଟ ପାଇଁ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି।

## ଜଗତସିଂହପୁରର ଜିଲ୍ଲା କଂଗ୍ରେସର ପଦଯାତ୍ରା:ଯୋଗଦେଲେ ପିସିସି ସଭାପତି



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ନାରା ଦେଇ ପ୍ରଦେଶ କଂଗ୍ରେସ ପଦଯାତ୍ରାର ଶୁଭାରମ୍ଭ କରିଛି। ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପିଠରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମା' ଶାରଳାଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇ ପଦଯାତ୍ରା ଆରମ୍ଭ କରିଥିଲେ । ତିର୍ତ୍ତୋଲ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ତରଫରୁ ସମ୍ବିଧାନ ଗ୍ରନ୍ଥ ପିସିସି ସଭାପତି ଶ୍ରୀ ଦାସଙ୍କୁ ପ୍ରଦାନ କରାଯାଇଥିଲା । ସେ ଏହି ଗ୍ରନ୍ଥକୁ ଧରି ପଦଯାତ୍ରା ଆରମ୍ଭ କରିଥିଲେ । ଏହି ପଦଯାତ୍ରା ସକାଳ ୮ଟା ସମୟରେ ଆରମ୍ଭ ହୋଇ ମା' ଶାରଳା ମନ୍ଦିରରୁ ବାହାରି ମୁଲିସିଂ ବଜାର, ବିରତୋଳ, ସଂଅରା ଛକ, ସାଁପୁର, ତରଡାପଡା ଛକ, ପୁରୋହିତପୁର ଦେଇ ଜଗତସିଂହପୁର ସହରର ସ୍ଥିତ ଚର୍ଚ୍ଚିକା ବଜାରରେ ପହଞ୍ଚିଥିଲା । ଚର୍ଚ୍ଚିକା ବଜାରରୁ ସନ୍ଧ୍ୟା ୬ଟା ସମୟରୁ ମଶାଲ ଶୋଭାଯାତ୍ରାରେ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯିବା ସହ ଗାନ୍ଧୀ ଛକ ଠାରେ ପହଞ୍ଚି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସମେତ ପଦଯାତ୍ରୀଙ୍କୁ ଉଦ୍‌ବୋଧନ ଦେଉଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଜିଲ୍ଲା ସଭାପତି ନଟବର ବାରିକ, ପିସିସି ସଦସ୍ୟ ତଥା ଯୁବ ନେତା ଦେବ ପ୍ରସାଦ ନାୟକ, ପାରାଦ୍ୱୀପ ନେତା ନିରଞ୍ଜନ ନାୟକ, ଏରସମା ବାଲିକୁଦା ନେତା ନଳିନୀକାନ୍ତ ସ୍ୱାଇଁ, ତିର୍ତ୍ତୋଲ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଓ୍ୱାର୍ଡ ସଭ୍ୟା ସଭ୍ୟ, ଜଗତସିଂହପୁର, ତିର୍ତ୍ତୋଲ, ଏରସମା-ବାଲିକୁଦା, ପାରାଦ୍ୱୀପ ଲୋକସଭା ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃମଣ୍ଡଳୀ ଓ ସହସ୍ରାଧିକ କର୍ମୀମାନେ ଯୋଗଦେଇଥିଲେ ।

## ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିରାପତ୍ତା ବୃଦ୍ଧି ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅନୁଯାୟୀ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ରେଳ ମଣ୍ଡଳ ଏପ୍ରିଲ ୨୧ ରୁ ଏପ୍ରିଲ ୨୬, ୨୦୨୫ ପର୍ଯ୍ୟନ୍ତ ରାଉରକେଲା ଏବଂ ବଣ୍ଡାମୁଣ୍ଡା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହାତକୁ ନେଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ରାଉରକେଲା-ବଣ୍ଡାମୁଣ୍ଡା ରେଳ ସେକ୍ସନରେ ମଲ୍ଟି-ଟ୍ରାକିଂ ଲାଇନ୍‌ଗୁଡ଼ିକର କାର୍ଯ୍ୟକ୍ଷମର ଅଂଶ ଭାବରେ ଟ୍ରାକ୍ ସଂଯୋଗ ଏବଂ ନନ୍-ଇଣ୍ଟରଲକିଂ ପରିଚାଳନା ଅନ୍ତର୍ଭୁକ୍ତ । ଏହି ଅପଗ୍ରେଡଗୁଡ଼ିକ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବା ସହ ଦୀର୍ଘକାଳୀନ ଭାବରେ ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସେବା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ । ଏହି ପ୍ରକଳ୍ପର ସୁଗମ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ, କିଛି ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବାତିଲ୍ କିମ୍ବା ଆଂଶିକ ଭାବରେ ବାତିଲ୍ କରାଯିବ । ଯାତ୍ରୀ ସୁରକ୍ଷା ଏବଂ ଯାତ୍ରା କରୁଥିବା ଜନସାଧାରଣଙ୍କ ଅସୁବିଧାକୁ ସର୍ବନିମ୍ନ ପ୍ରାଥମିକତା ଦେଇ ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ।

ଟ୍ରେନ୍ ସେବା ବାତିଲ୍: ୧. ୧୮୪୫୨ ପୁରୀ-ହଟିଆ ତପସ୍ୱିନି ଏକ୍ସପ୍ରେସ୍ ୨୦, ୨୧, ୨୨, ୨୪ ଏବଂ ୨୫ ଏପ୍ରିଲ୍ ୨୦୨୫ ରେ ପୁରୀ ଠାରୁ ବାତିଲ୍ ରହିବ । ୨. ୧୮୪୫୧ ହଟିଆ - ପୁରୀ ତପସ୍ୱିନି ଏକ୍ସପ୍ରେସ୍ ୨୧, ୨୨, ୨୩, ୨୫ ଏବଂ ୨୬ ଏପ୍ରିଲ୍ ୨୦୨୫ ରେ ହଟିଆ ଠାରୁ ବାତିଲ୍ ରହିବ। ୩. ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ୨୪ ଏବଂ ୨୫ ଏପ୍ରିଲ, ୨୦୨୫ରେ ରାଉରକେଲା ଠାରୁ ବାତିଲ୍ ରହିବ । ୪. ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ୨୫ ଏବଂ ୨୬ ଏପ୍ରିଲ୍, ୨୦୨୫ରେ ପୁରୀ ଠାରୁ ବାତିଲ୍ ରହିବ । ୫. ୧୮୧୧୮/୧୮୧୧୭ ଗୁଣୁପୁର-ରାଉରକେଲା-ଗୁଣୁପୁର ରାଜ୍ୟରଣୀ ଏକ୍ସପ୍ରେସ୍ ୨୪ ଏପ୍ରିଲରେ ଗୁଣୁପୁରରୁ ଏବଂ ୨୫ ଏପ୍ରିଲ, ୨୦୨୫ରେ ରାଉରକେଲାରୁ ବାତିଲ୍ ରହିବ ।



ଟ୍ରେନ୍‌ଗୁଡ଼ିକର ଆଂଶିକ ବାତିଲ: ୧. ୨୨୮୬୨/୧୨୮୭୨ କଣ୍ଟାବାଞ୍ଜୀ/ ଟିଟିଲାଗଡ଼ - ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଏପ୍ରିଲ ୨୧ ରୁ ୨୬ ତାରିଖ ପର୍ଯ୍ୟନ୍ତ କେବଳ କଣ୍ଟାବାଞ୍ଜୀ/ଟିଟିଲାଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଚଳାଚଳ କରିବ । ୨. ୨୨୮୬୧/ ୧୨୮୭୧ ହାଓଡ଼ା - କଣ୍ଟାବାଞ୍ଜୀ / ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ କେବଳ ହାଓଡ଼ା ଓ ଟାଟାନଗର ମଧ୍ୟରେ ଏହି ସମୟରେ ଚଳାଚଳ କରିବାକୁ ଥିବାବେଳେ ଉଭୟ ପାର୍ଶ୍ୱରୁ ଝାରସୁଗୁଡ଼ା ଓ ଟାଟାନଗର ମଧ୍ୟରେ ବାତିଲ୍ ରହିବ । ୩. ୧୫୦୨୮/ ୧୫୦୨୭ ସମ୍ବଲପୁର-ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ୍ ଗୋରଖପୁର ଠାରୁ ଏପ୍ରିଲ୍ ୨୧ ଏବଂ ୨୪ରେ ହଟିଆ ଓ ସମ୍ବଲପୁର ମଧ୍ୟରେ ବାତିଲ୍ ରହିବାକୁ ଥିବାବେଳେ ସମ୍ବଲପୁର ଠାରୁ ୨୩ ଏବଂ ୨୬ ଏପ୍ରିଲ, ୨୦୨୫ରେ ଛାଡିବାକୁ ଟ୍ରେନ୍ ସମ୍ବଲପୁର ଓ ହଟିଆ ମଧ୍ୟରେ ବାତିଲ୍ ରହିବ । ୪. ୨୦୮୩୫/୨୦୮୩୬ ରାଉରକେଲା-ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଭୟ ପାର୍ଶ୍ୱରୁ ୨୫ ଏପ୍ରିଲ୍, ୨୦୨୫ରେ ଝାରସୁଗୁଡ଼ା ଓ ରାଉରକେଲା ମଧ୍ୟରେ ବାତିଲ୍ ରହିବ । ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଟ୍ରେନ୍ ସମୟସୂଚୀ ଯାଞ୍ଚ କରି ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରନ୍ତୁ । ରେଳବାଇ ସାମୟିକ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରୁଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିର ସମୟରେ ଜନସାଧାରଣଙ୍କ ଠାରୁ ସହଯୋଗ ଚାହୁଁଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅପ୍ରେଲ ୨୦୨୫ ବୁଧବାର





## କିଶୋରଙ୍କୁ ଚିହ୍ନଟ ପାଇଁ ଏଆଇ ବ୍ୟବହାର କରୁଛି ଇନ୍‌ଷ୍ଟାଗ୍ରାମ୍

**ନୂଆଦିଲ୍ଲୀ**

ସାମାଜିକ ବୟସ ଗଣମାଧ୍ୟମରେ କଟକଣା ଅକାମୀ ହୋଇଛି । ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସବୁ ବୟସର ଲୋକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଛନ୍ତି । କିଶୋରଙ୍କ ପାଇଁ ସାମାଜିକ ଗଣମାଧ୍ୟମରେ ସ୍ୱତନ୍ତ୍ର ଆକାଉଣ୍ଟ ଥିବାବେଳେ ସେମାନେ ଭୁଲ୍ ବୟସ ସୂଚନା ଦେଇ କେବଳ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ କିଛି ବିଷୟବସ୍ତୁ ଦେଖୁଛନ୍ତି । ଏହାକୁ ରୋକିବା ପାଇଁ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର ଆରମ୍ଭ କରିଛି । ଇନ୍‌ଷ୍ଟାଗ୍ରାମ୍ ଏଆଇ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ବ୍ୟବହାରକାରୀଙ୍କ ମୁହଁର ଫଟୋ ଦେଖି ବୟସ ଆକଳନ କରିଥାଏ । ଏହି ବ୍ୟବସ୍ଥାରେ ୧୩ରୁ ୧୭ ବର୍ଷ ବୟସର କୌଣସି କିଶୋର ନିଜକୁ ୧୮ ବର୍ଷରୁ ଅଧିକ ବୟସ ହୋଇଥିବା ଦର୍ଶାଯାଉଛନ୍ତି କି ନାହିଁ ତାହା ଏହି କୃତ୍ରିମ ବୁଦ୍ଧିମତ୍ତା ନିର୍ଣ୍ଣୟ କରିବ । ଯଦି ଇନ୍‌ଷ୍ଟାଗ୍ରାମ୍‌ର କୌଣସି ସନ୍ଦେହ ହୁଏ ତେବେ ଏହା ବ୍ୟବହାରକାରୀଙ୍କ ମୁହଁ ସ୍କାନ୍ କିମ୍ବା ବୟସ ପ୍ରମାଣପତ୍ର ମାଗିପାରିବ । ସତ୍ୟ ସାମ୍ନାକୁ ଆସିବା ପରେ, ଏପରି ଆକାଉଣ୍ଟକୁ କିଶୋର ଆକାଉଣ୍ଟକୁ ପରିବର୍ତ୍ତନ କରାଯିବ । ସମ୍ପୂର୍ଣ୍ଣ ଗୋପନୀୟତାକୁ ଧ୍ୟାନରେ ରଖି ଏହି ତଥ୍ୟ କାହା ସହିତ ସେୟାର କରିବନାହିଁ ଏବଂ କିଛି ମିନିଟ୍ ମଧ୍ୟରେ ସ୍କାନ୍‌ଗୁଡ଼ିକ ଡିଲିଟ୍ ହୋଇଯିବ ବୋଲି କୁହାଯାଇଛି ।

# କର୍ଣ୍ଣାଟକ ଡିଜିପିଙ୍କ ହତ୍ୟା ଘଟଣାରେ ପତ୍ନୀ ଓ ଝିଅ ଗିରଫ

**ବେଙ୍ଗାଲୁରୁ**

କର୍ଣ୍ଣାଟକର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓମ୍ ପ୍ରକାଶଙ୍କୁ ହତ୍ୟା ଘଟଣାରେ ତାଙ୍କ ପତ୍ନୀ ଓ ଝିଅଙ୍କୁ ଗିରଫ କରାଯାଇଛି । ଓମ୍ ପ୍ରକାଶଙ୍କ ହତ୍ୟାକୁ ନେଇ ତାଙ୍କ ପୁଅ କାର୍ତ୍ତିକେଶ କରିଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହିତ ପତ୍ନୀ ପଲ୍ଲବୀ ଓ ଝିଅ କୀର୍ତ୍ତିଙ୍କୁ ଗିରଫ କରିଛି । ଓମ୍ ପ୍ରକାଶଙ୍କୁ ରବିବାର ସନ୍ଧ୍ୟାରେ ବେଙ୍ଗାଲୁରୁର ଏଚ୍‌ଏସ୍‌ଆର୍ ଲେଆଉଟ୍ ସ୍ଥିତ ବାସଭବନରେ ହତ୍ୟା କରାଯାଇଥିଲା । କାର୍ତ୍ତିକେଶ ଅଭିଯୋଗ କରିଛନ୍ତି ଯେ ମା’ ପଲ୍ଲବୀ ପିତାଙ୍କୁ ହତ୍ୟା କରିବା ଲାଗି ଏକ ସପ୍ତାହ ହେଲା ଧମକ ଦେଇ ଆସୁଥିଲେ । ମା’ଙ୍କ ହତ୍ୟା ଧମକକୁ ନେଇ ପିତା ବଡ ଭଉଣୀ ସରିତା କୁମାରୀଙ୍କ ଘରେ ରହୁଥିଲେ । ଦୁଇଦିନ ପୂର୍ବେ ସାନ ଭଉଣୀ କୀର୍ତ୍ତି ବଡ଼ ଭଉଣୀ ସରିତାଙ୍କ ଘରକୁ ଯାଇ ପିତାଙ୍କୁ ଘରକୁ ଫେରିଯିବାକୁ ବାଧ କରିଥିଲେ । ପିତାଙ୍କ ଅନିଚ୍ଛା ସତ୍ତ୍ୱେ ସାନ ଭଉଣୀ କୀର୍ତ୍ତି ତାଙ୍କୁ ଘରକୁ ସାଙ୍ଗରେ ନେଇ ଆସିଥିଲେ । ଘରେ ସାନ ଭଉଣୀ ଓ ମା’ ପିତାଙ୍କୁ ହତ୍ୟା କରିଛନ୍ତି । ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ତାଙ୍କର ଜଣେ ପଡୋଶୀ ଫୋନ୍ କରି ପିତା ରକ୍ତାକ୍ତ ଅବସ୍ଥାରେ ଘର ଶିଡିରେ ପଡିଥିବା କହିଥିଲେ । ଫୋନ୍ କଲ୍ ପାଇବା ପରେ ସେ ତୁରନ୍ତ ଘରେ ପହଞ୍ଚିଥିଲେ । ସେତେବେଳକୁ ବରିଷ୍ଠ ପୋଲିସ ଅଧିକାରୀ ଓ ଅନ୍ୟ ପଡୋଶୀମାନେ ଘରେ ରୁଣ୍ଡ ହୋଇଥିଲେ । ପିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ସେ ଦେଖିବାକୁ ପାଇଥିଲେ । ତାଙ୍କ ମୁଣ୍ଡ ଓ ଶରୀରରେ କ୍ଷତ ହୋଇଥିଲା । ତାଙ୍କୁ ସେଣ୍ଟଜନ୍ସ ହସ୍ପିଟାଲ୍‌କୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମା ପଲ୍ଲବୀ ଓ ଭଉଣୀ କୀର୍ତ୍ତି ନିୟମିତ ଭାବେ ପିତାଙ୍କ ସହିତ ଝଗଡା କରୁଥିଲେ ବୋଲି କାର୍ତ୍ତିକେଶ ଅଭିଯୋଗ କରିଛନ୍ତି । ତେଣୁ ଦୁଇଜଣ ପିତାଙ୍କୁ ହତ୍ୟା କରିଛନ୍ତି । ତାଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସକୁ ନିବେଦନ କରିଛନ୍ତି । ଅନ୍ୟପଟେ ପତ୍ନୀ ପଲ୍ଲବୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ପଣବନ୍ଦୀ ଭାବେ ରଖାଯାଇଥିଲା । ସ୍ୱାମୀଙ୍କ ଏଜେଣ୍ଟମାନେ ସର୍ବଦା ତାଙ୍କ ଗତିବିଧି ଉପରେ ନଜର ରଖିଆସୁଥିଲେ । ଏପରିକି ତାଙ୍କୁ ଖାଦ୍ୟରେ ବିଷ ଦିଆଯାଉଥିଲା । ବିଷ ପ୍ରଭାବରେ ତାଙ୍କ କିଡନୀ ନଷ୍ଟ ହୋଇଥିବା କହିଛନ୍ତି । ପଲ୍ଲବୀ କହିଛନ୍ତି ଯେ ଘରୋଇ ସହାୟକ ଓ ରୋଷେୟାଙ୍କୁ ଲାଞ୍ଚ ଦିଆଯାଇ ତାଙ୍କୁ ଅପମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଉଥିଲା । ଏପରିକି ଜମାଟୋ ଓ ସ୍ୱିଗି ଭଳି ଖାଦ୍ୟ ଯୋଗାଣକାରୀ ସଂସ୍ଥାକୁ ପ୍ରଭାବିତ କରି ଖାଦ୍ୟରେ ବିଷ ମିଶାଯାଉଥିଲା । ପଲ୍ଲବୀ ହ୍ୱାଟ୍ସଆପ୍ ମାଧ୍ୟମରେ ଏହିସବୁ ଅଭିଯୋଗ କରିଥିବା ଜଣାଯାଇଛି । ତେବେ ପୋଲିସ ହତ୍ୟା ପଛର କାରଣ କ’ଣ ତାହା ଜାଣିବା ଲାଗି ତଦନ୍ତ ଜାରି ରଖିଥିବା କହିଛି ।



# ଖୋର୍ଦ୍ଧା ରୋଡ଼-ବାଲୁଗାଁ-ବ୍ରହ୍ମପୁର ସେକ୍ସନ୍‌ରେ ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ ଅଭିଯାନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା, ପ୍ରକୃତ ଟିକେଟଧାରୀ ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ରେ, ଖୋର୍ଦ୍ଧା ରୋଡ୍-ବାଲୁଗାଁ-ବ୍ରହ୍ମପୁର ସେକ୍ସନ୍‌ରେ, ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ ଅଭିଯାନ କରଯାଇଥିଲା । ଏହି ସେକ୍ସନ୍ ଦେଇ ଯାଉଥିବା ଟ୍ରେନ୍‌ଗୁଡ଼ିକୁ, ବାଣିଜ୍ୟ ଅଧିକାରୀ, ଟିକେଟ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳଙ୍କୁ ନେଇ ଗଠିତ ଏକ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ ଯାଞ୍ଚ କରଯାଇଛି । ଯାଞ୍ଚ ହୋଇଥିବା ଟ୍ରେନ୍ ଗୁଡିକ ହେଉଛି, ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ୍, (ଟ୍ରେନ୍ ନମ୍ବର ୧୮୪୬୩), ହାଓଡ଼ା-SMVT ବାଙ୍ଗାଲୋର ସୁପରଫାଷ୍ଟ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୨୮୬୩), ହାଓଡ଼ା-ଚେନ୍ନାଇ ମେଲ୍ (ଟ୍ରେନ୍ ନମ୍ବର ୧୨୮୩୯) ସିକୁନ୍ଦ୍ରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୨୭୦୪) ଏବଂ SMVT ବାଙ୍ଗାଲୋର-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୨୮୬୪) ଇତ୍ୟାଦି । ଅନଧିକୃତ ଯାତ୍ରୀଙ୍କ ଯାତ୍ରାକୁ ରୋକିବା ପାଇଁ ଏହି ଟ୍ରେନ୍‌ଗୁଡ଼ିକର ପ୍ୟାଣ୍ଟ୍ରି କାର୍ ସମେତ ସମସ୍ତ ବର୍ଗର କୋଚ୍ ଯାଞ୍ଚ କରାଯାଇଥିଲା । ଉପରୋକ୍ତ ଟିକେଟ୍ ଯାଞ୍ଚ ଅଭିଯାନ ସମୟରେ, ୧୦୩ ଟି ବିନା ଟିକେଟ୍ ଯାତ୍ରୀ ଚିହ୍ନଟ ହେଇଥିଲେ ଏବଂ ଏହି ଯାତ୍ରୀମାନଙ୍କ ଠାରୁ ଭଡା ସହିତ ଜରିମାନା ଆକାରରେ ୩୭,୮୨୦/ - ଟଙ୍କା ସଂଗ୍ରହ କରାଯାଇଥିଲା । ଅନୀଲ କୁମାର ଏସ୍, ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ ମାର୍ଗଦର୍ଶନରେ, କେବଳ ପ୍ରକୃତ ଯାତ୍ରୀମାନେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି, ତାହା ନିଶ୍ଚିତ କରିବା ପାଇଁ, ମଣ୍ଡଳ ଦ୍ୱାରା ଏହି ପ୍ରକାରର ଟିକେଟ୍ ଯାଞ୍ଚ ଅଭିଯାନ ନିୟମିତ ଭାବରେ କରାଯାଉଛି । ତେଣୁ, ଯାତ୍ରା ସମୟରେ କୌଣସିପ୍ରକାର ଅସୁବିଧାର ସମ୍ମୁଖୀନ ନହେବା ପାଇଁ, ଉପଯୁକ୍ତ ଟିକେଟ୍/ପ୍ରାଧିକରଣ ସହିତ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ, ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଯାତ୍ରୀମାନଙ୍କୁ ନମ୍ରତାର ସହିତ ଅନୁରୋଧ କରୁଛି ।

# ଗର୍ଭବତୀ ମହିଳାଙ୍କ ମୃତ୍ୟୁ ନେଇ ଉତ୍ତେଜନା:ଚିକିତ୍ସାରେ ଅବହେଳା ଅଭିଯୋଗ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ପତ୍ନୀକୁ ଜଗତସିଂହପୁର ଡାକ୍ତରଖାନାରେ ଭଲ ଚିକିତ୍ସା କରାଇବା ପାଇଁ ଆଣିଥିଲେ ସ୍ୱାମୀ । ହେଲେ ଭାଗ୍ୟର ବିଡ଼ମ୍ବନା ରୋଗ ଚିକିତ୍ସା ସମୟରେ ସବୁଦିନ ପାଇଁ ଆଖି ବୁଜିଛନ୍ତି ରଶ୍ମିତା । ଜଗତସିଂହପୁର ମେଡିକାଲ୍‌ରେ ଚିକିତ୍ସା ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା । ହଠାତ୍ ଦେହ ସଂକ୍ରାଟପର୍ଣ୍ଣ ହେବାରୁ ରଶ୍ମିତାଙ୍କର ମୃତ୍ୟୁ ଘଟିଛି । ପତ୍ନୀଙ୍କ ମୃତ୍ୟୁ ପାଇଁ ସରକାରୀ ଅବହେଳାକୁ ଦାୟୀ କରିଛନ୍ତି ସ୍ୱାମୀ ଦୀପକ । ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭଲରେ ଚିକିତ୍ସା କରାଯାଇଥିଲେ ହୁଏତ ମୋ ସ୍ତ୍ରୀ ଆଉ କିଛି ଦିନ ବଞ୍ଚିଯାଇଥାନ୍ତା ବୋଲି ସ୍ୱାମୀ ଦୀପକ କହିଛନ୍ତି । ଜଗତସିଂହପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ମୃତ୍ୟୁକୁ ନେଇ ଉତ୍ତେଜନା । ଚିକିତ୍ସା ପାଇଁ ଆସିଥିବା ପ୍ରସୂତି ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା । ପରିସ୍ଥିତି ସୃଷ୍ଟି ହୋଇଥିଲା, ମୃତକ ପରିବାର ଲୋକେ ମେଡିକାଲ୍ ଫାଟକ ସାମ୍ନାରେ ମୃତଦେହକୁ ଧରି ଧାରଣାରେ ମୃତକଙ୍କ ସମ୍ପର୍କୀୟ ବସିରହିଥିଲେ । ଚିକିତ୍ସା ଅବହେଳା ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବାର ଅଭିଯୋଗ ହୋଇଛି । ପାରାଦୀପଗଡ଼ ଅଞ୍ଚଳର ଦୀପକ ଦଳେଇଙ୍କ ସ୍ତ୍ରୀ ରଶ୍ମିତା ନାଥ ୫ ମାସର ଗର୍ଭବତୀ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ଅଠର ବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଜଗତସିଂହପୁର ଚିକିତ୍ସାଳୟ ଡ଼କ୍ଟର ସୁବାସ ଚନ୍ଦ୍ର ବେହେରା ଚିକିତ୍ସା କରାଇଥିଲେ । ଜାଣିବାକୁ ପାଇଥିଲେ ଯେ ପ୍ରଥମ ଗର୍ଭପାତ ହୋଇଥିଲା । ଦ୍ୱିତୀୟ ଗର୍ଭ ଥିବାବେଳେ କୌଣସି ଡ଼କ୍ଟରଙ୍କ ନିକଟରେ ଚିକିତ୍ସା କରାଇନଥିଲେ । ହେଲେ ଏଠାରେ ସେ ଗୁରୁତର ହୋଇପଡିବା ସହ ତାଙ୍କର ମୃତ୍ୟୁ ହୋଇଥିଲା । ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଯାଇଥିଲା । ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଅଣଆୟତ୍ତ ହୋଇଥିଲା । ଗର୍ଭପାତ ୫ ମାସ ଥିବା ଜଣାପଡ଼ିଥିଲା ଗର୍ଭଅବସ୍ଥାରେ ରୋଗୀ କୌଣସି ଡ଼କ୍ଟରଙ୍କ ନିକଟରେ ଚିକିତ୍ସା ହେବାର କାଗଜପତ୍ର ନଥିଲା । ମହିଳାଙ୍କ ଦେହରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେବାରୁ ମୃତ୍ୟୁ ଘଟିଛି । ଚିକିତ୍ସାଳୟ ପକ୍ଷରୁ ସମସ୍ତ ଚିକିତ୍ସା ଲାଗି ଆପ୍ରାଣ ଚେଷ୍ଟା କରାଯାଇଥିଲା । ରୋଗୀପ୍ରତି କୌଣସି ଅବହେଳା କରାଯାଇନଥିଲା । ଏଡିଏମ୍ ସରୋଜ କୁମାର ଜେନା ଅଭିଯୋଗକୁ ଖଣ୍ଡନ କହିଛନ୍ତି । ମୃତ ଶରୀରକୁ ପୋଲିସ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା ବୋଲି ଏଡ଼ିଏମ୍ ଶ୍ରୀ ଜେନା ସୂଚନା ଦେଇଥିଲେ ।

# ଅବହେଳିତ ଅବସ୍ଥାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପାଶ୍ଚାତ୍ୟକୁ ଆପଣାଇ ଆଧୁନିକତାର ଚାପ ଓ ଛାପ ତଥା ଭାଷା ଓ ସାହିତ୍ୟକୁ ଭୁଲି ଓଡ଼ିଆଙ୍କ ପରିଚୟ ଓ ସ୍ୱାଭିମାନ ପ୍ରତି ପ୍ରଶ୍ନ ଉଙ୍କି ମାରିଛି । ରମ୍ଭା ଅଞ୍ଚଳର ପ୍ରବେଶ ପଥ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ସ୍ୱର୍ଣ୍ଣକାତର ଜାଗା, ଶିକ୍ଷାନୁଷ୍ଠାନ ମାନଙ୍କରେ ଓଡ଼ିଆ ଜାତିର ଗାଥା ଓ ପ୍ରତିମୂର୍ତ୍ତି ଚିହ୍ନଟ କରିବା ପାଇଁ ପରିଚୟ ଲେଖାନଥିବା ଜଣାପଡିଛି । ଏପରି ଗୌରବମୟ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧ ତାରିଖକୁ ଉତ୍କଳ ଦିବସ ରୂପେ ପାଳନ କରାଯାଇଥାଏ । କିନ୍ତୁ ଯେଉଁ ମହାପୁରୁଷଙ୍କ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣ କରିଥିଲେ ସେମାନଙ୍କ ପ୍ରତିମୂର୍ତ୍ତିର ରକ୍ଷଣା ବେକ୍ଷଣାର ଅବହେଳା ହୋଇପଡ଼ିଥିବା ଦେଖିବାକୁ ମିଳିଛି । ସହରର ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ଗୁଡିକ ଅବହେଳିତ ହୋଇଥିବା ବେଳେ ଏଥିରୁ ଶିକ୍ଷାନୁଷ୍ଠାନ ଗୁଡିକ ମଧ ବାଦ୍ ପଡ଼ିନାହାନ୍ତି । ଶିକ୍ଷାନୁଷ୍ଠାନ ଗୁଡିକରେ ଚର୍ଚ୍ଚିତ ଉତ୍କଳମଣି ଗୋପବନ୍ଧୁ ଦାଶ, ଉତ୍କଳ ଗୌରବ ମଧୁସୂଦନ ଦାସ, ମହାତ୍ମାଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଡ଼. ଏ.ପି.ଜେ ଅବ୍‌ଦୁଲ୍ କଲାମ, ସ୍ୱାମୀ ବିବେକାନନ୍ଦ, ଡ଼. ଭୀମରାଓ ଆମ୍ବେଦକର ପ୍ରମୁଖ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସେମାନଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ହେଲେ ଏଭଳି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଶିକ୍ଷାନୁଷ୍ଠାନ ସହିତ ସହର ଉପକଣ୍ଠ ମାନଙ୍କରେ ଅଲୋଡ଼ା ଭାବେ ପଡିରହିଥିବା ପରିବେଶ ମଧ୍ୟରେ ଘାସ ଉଠି ଥିବା, ଉପରେ ଛାତ ନଥିବା ସହିତ ପ୍ରଶାସନର ଏହାପ୍ରତି ନିଘା ନଥିବା ଜଣାପଡିଛି । ସ୍ଥାନେ ସ୍ଥାନେ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱ ଖୋଲା ମେଲା ସାଙ୍ଗକୁ କିଛି ଅଂଶ ଭାଙ୍ଗି ରୁଜି ଆଶଙ୍କା ରହିବା ସହ ପ୍ରତିମୂର୍ତ୍ତି ଗୁଡିକର ରଙ୍ଗ ଛାଡି ବର୍ଷ ବର୍ଷ ଧରି ଖୋଲା ଆକାଶ ତଳେ ଖରା ବର୍ଷା ମାଡ଼ ଖାଉଛି । ତତ୍ ସହିତ କାଉ ମାଙ୍କଡ଼ଙ୍କ ଅବାଧରେ ବିଚରଣ ହେଉଥିବା ଲକ୍ଷ୍ୟ କରାଯାଉଛି । ବିଦ୍ୟାଳୟ ଗୁଡିକରେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ବିଷୟରେ ପାଠ ପଢା ଯାଉଥିବାବେଳେ ଅବହେଳିତ ଅବସ୍ଥାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରହିଛି । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀମାନେ କଣ ଶିକ୍ଷା ଲାଭ କରିବେ ଏହା ବଡ଼ ପ୍ରଶ୍ନ ଉଙ୍କି ମାରିଛି । ସମସ୍ତ ପ୍ରତିମୂର୍ତ୍ତିର ରାକ୍ଷଣବେକ୍ଷଣ ନିମନ୍ତେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ ସଂଗଠନ ମହଲରେ ଦାବି ହେଉଛି । ଏହାପ୍ରତି ବିଭିନ୍ନ ସଂଗଠନ ନିନ୍ଦା କରିବା ସହ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ପୁଣି ଭାରତ ବଜାରମୁହାଁ ବିଦେଶୀ ନିବେଶକ

**ମୁମ୍ବାଇ**

କିଛିଦିନ ପାଇଁ ଦୂରେଇ ଯିବା ପରେ ବିଦେଶୀ ସଂସ୍ଥାଗତ ନିବେଶକମାନେ ପୁଣି ଭାରତୀୟ ଷ୍ଟକ୍ ବଜାରକୁ ଫେରିଛନ୍ତି । ଗତ ୩ଟି କାରବାର ଦିବସରେ ସେମାନେ ଭାରତୀୟ ଷ୍ଟକ୍ ବଜାରରେ ପାଖାପାଖି ୧୫ ହଜାର କୋଟି ଟଙ୍କା ଖଟାଇଛନ୍ତି । କ୍ରମାଗତ ୯ ଦିନ ଧରି ଭାରତୀୟ ଷ୍ଟକ୍ ମାର୍କେଟ୍‌ରୁ ସେୟାର ବିକ୍ରି କରି ବାହାରିଯିବା ପରେ ଏହି ଅର୍ଥ ଖଟାଇଛନ୍ତି । ଗତ ୩ଟି କାରବାର ଦିବସରେ ସେନ୍‌ସେକ୍ସ ପ୍ରାୟ ୩୪୦୦ ପଏଣ୍ଟ ବଢ଼ିଛି । ସେନ୍‌ସେକ୍ସର ଏହି ବୃଦ୍ଧି ପଛରେ ବିଦେଶୀ ନିବେଶକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ବିଶେଷଜ୍ଞଙ୍କ କହିବାନୁଯାୟୀ, ଦୁଇଟି । କାରଣ ପାଇଁ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କ ସୁଅ ଭାରତୀୟ ଷ୍ଟକ୍ ବଜାରକୁ ଛୁଟିଛି । ସେଥିରୁ ଗୋଟିଏ ହେଲା ଡଲାର ସୂଚକାଙ୍କ ୧୦୦କୁ ହ୍ରାସ ପାଇବ । ଏବଂ ଆଗାମୀ ଦିନରେ ଡଲାର୍ ଅଧିକ ଦୁର୍ବଳ ହେବାର ଆଶଙ୍କା । ସେହିଭଳି ଦ୍ୱିତୀୟ କାରଣଟି ହେଲା ଚଳିତବର୍ଷ ଉଭୟ ଆମେରିକା ଓ ଚୀନର ଆର୍ଥିକ ଅଭିବୃଦ୍ଧି ଅପେକ୍ଷାକୃତ ଭାବେ କମ୍ ରହିବ । ଏଥିଯୋଗୁ ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତ ଭଳି ବିଶ୍ୱର ଅନ୍ୟ ପ୍ରମୁଖ ଅଭିବୃଦ୍ଧି ହାସଲକାରୀ ବଜାର ଆଡ଼କୁ ନିବେଶମୁହାଁ ହୋଇଛନ୍ତି । ଯଦିଓ ବିଦେଶୀ ନିବେଶକମାନେ ଗତ ୩ଟି କାରବାର ଦିବସରେ ଭାରତମୁହାଁ ହୋଇଛନ୍ତି ତଥାପି ଏପ୍ରିଲ୍ ମାସର ଆଜି ସୁଦ୍ଧା ତଥ୍ୟ ଉପରେ ନଜର ପକାଇଲେ ଜଣାପଡ଼େ ଯେ ସେମାନେ ଏହି ମାସରେ ଭାରତୀୟ ପୁଞ୍ଜିବଜାରରୁ ୧୮ ହଜାର କୋଟି ଟଙ୍କାରୁ ଅଧିକ ଉଠାଇ ନେଇଛନ୍ତି । କେବଳ ଷ୍ଟକ୍ ବଜାର ନୁହେଁ, ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ମଧ୍ୟ ସୁଧାର ଆସିଛି । ଗତ ଶୁକ୍ରବାର ଡଲାର୍ ତୁଳନାରେ ଟଙ୍କା ମୂଲ୍ୟରେ ୩୧ ପଇସାର ସୁଧାର ଆସି ୮୫ ଟଙ୍କା ୩୭ ପଇସାରେ ରହିଛି ।

# ନିଶାକାରବାର ବୃଦ୍ଧି ଯୋଗୁ ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାରେ ବଢ଼ିଲାଣି ଅସାଧୁଙ୍କ ନିଶା କାରବାର । ଏଥିରେ ପଥଭ୍ରଷ୍ଟ ହୋଉଛନ୍ତି ଯୁବପିଢ଼ି । ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ସାହି ବସ୍ତିଠୁ ଆରମ୍ଭ କରି ଖୋଦ୍ ଟାଉନ୍‌ର ଛାତି ଉପରେ ଚାଲୁଚି ବେଧଡକ୍ ଚୋରା ଦେଶୀ ବିଦେଶୀ ମଦ ସହ ଗଞ୍ଜେଇ, କଫ୍ ସିରଫ୍ ଭଳି ବିଭିନ୍ନ ନିଶାଦ୍ରବ୍ୟର ବେପାର । କେତକ ଛୋଟ ବଡ ବେପାର ନାଁରେ ଚଳେଇଛନ୍ତି ନିଶାର କାରବାର । ବିଶେଷ କରି ଯୁବକମାନେ ନିଶା ଖାଇ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାମରେ ଲିପ୍ତ ରହିବା ସହ ବାଟ ଘାଟରେ ମାଡ ପିଟି କରିବା ସହ ଜୋର୍‌ଜବର୍‌ଦସ୍ତ ପଇସା ମାଗୁଛନ୍ତି । ଏପରିକି ପରିବାରରେ ଅଶାନ୍ତି ସୃଷ୍ଟି କରୁଥିବାରୁ ଅନେକ ସମୟରେ ପରିବାର ସଦସ୍ୟମାନେ ଥାନାର ଦ୍ୱାରସ୍ତ ହେଉଛନ୍ତି । ସଞ୍ଜ ନଇଁଲେ ଛକରେ ଜମୁଛି ବେପାରୀଙ୍କ ଆଡ୍ଡା । ଛକ ବଜାରର ଦୋକାନମାନଙ୍କରେ ଖୁଲମ୍ ଖୋଲା ଚାଲିଛି ବେପାର । କେତେକ ବ୍ୟବସାୟୀ ଗଞ୍ଜେଇକୁ ସିଗାରେଟ୍‌ରେ ଭରି କରି ବିକ୍ରି କରୁଥିବାବେଳେ କେତକ ଅସାଧୁ ଯୁବକମାନେ ସିଗାରେଟ୍‌ରେ ପାଉଡର ଭଳି ମାଦକ ଦ୍ରବ୍ୟ ମିଶାଇ ସେବନ କରି ବାଟ ଘାଟରେ ସାଧାରଣ ଲୋକମାନଙ୍କ ସହ ଅସଭ୍ୟ ବ୍ୟବହାର କରୁଛନ୍ତି । ସନ୍ଧ୍ୟା ହେଲେ ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ଛକ ସହ ସୋନପୁର ସହରର ବାଳିକା ସ୍କୁଲ୍ ରାସ୍ତାରେ ଜମୁଛି ମଦୁଆଙ୍କ ଆଡ୍ଡା । ସେହିପରି ସର୍କିଟ୍ ହାଉସ୍ ପଛ ପଟେ, ସଞ୍ଜ ହେଇଗଲେ ମହାନଦୀ କୂଳ ଓ ତେଲନଦୀ କୂଳରେ ମଦୁଆ ଆଡ୍ଡା ଜମାଉଛନ୍ତି । ସେହିପରି ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ନିଶା କାରବାର । ଖୁଲମ୍‌ଖୁଲା ବେପାର ସାମ୍ରାଜ୍ୟ । କିଛି ବର୍ଷ ତଳେ ସୁବର୍ଣ୍ଣପୁର ସହରରେ ଅବକାରୀ ବିଭାଗ ଏବଂ ପୋଲିସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏଭଳି କାର୍ଯ୍ୟ ଉପରେ ରୋକ୍ କରାଯାଉଥିବାବେଳେ ଏବେ କିନ୍ତୁ ସେଭଳି କୌଣସି ପଦକ୍ଷେପ ନଜରକୁ ଆସୁନଥିବା ଦେଖାଯାଇଛି । ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ବର୍ଗରେ ଏହାକୁ ଘୋର ନିନ୍ଦା କରୁଛନ୍ତି । ନିଶା କବଳରୁ ଯୁବ ସମାଜକୁ ରକ୍ଷା କରିବା ଏବଂ ନିଶା ଯୋଗୁଁ ଘର ମାନଙ୍କରେ ସୃଷ୍ଟି ହୋଉଥିବା ଅପ୍ରୀତିକାର ପରିସ୍ଥିତିକୁ ରୋକ୍ ଲଗେଇବାକୁ ହେଲେ ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତର ନେଇ ପ୍ରତ୍ୟେକ ଦିନ ଏଭଳି ଜାଗାରେ ପୋଲିସ ପାଟ୍ରୋଲିଂ କରିବା ସହ ଚୋରା ବେପାରୀ ଏବଂ ଏଭଳି କାର୍ଯ୍ୟରେ ଲିପ୍ତଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନବା ପାଇଁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ପକ୍ଷରୁ ଦାବି ହୋଇଛି ।



## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭଞ୍ଜ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ସାରସ୍ୱତ ସାଧନା କ୍ଷେତ୍ରରେ ପଦ୍ମଶ୍ରୀ ରଜତ କୁମାର କରଙ୍କ ଅବଦାନ ସ୍ୱୀକାର୍ଯ୍ୟ ବୋଲି ଶତାୟୁ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥ୍ୟ ଭାବେ ଯୋଗ ଦେଇ ବିଶିଷ୍ଟ ସାରସ୍ୱତ ସାଧକ ଡାକ୍ତର ଶୈଳେଶ୍ୱର ନନ୍ଦ ପ୍ରକାଶ କରିଛନ୍ତି । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ, କଟକ ଠାରେ ଆୟୋଜିତ ଭବ୍ୟ ସମାରୋହରେ ଶ୍ରୀ କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ କରଙ୍କ ସାରସ୍ୱତ ସାଧନା ଓ ସିଦ୍ଧି ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ପ୍ରଫୁଲ୍ଲ କୁମାର ଦାଶ ସମ୍ମାନନୀୟ ବକ୍ତା ଡକ୍ଟର ସତ୍ୟ ରାୟ ଜଣେ ବାଗ୍ମୀ, ଶିକ୍ଷାବିତ ଓ ଦକ୍ଷ ଶିକ୍ଷା ପ୍ରଶାସକ ଭାବେ ଶ୍ରୀ କରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ. ଚନ୍ଦ୍ରଶେଖର ନନ୍ଦ, ପ୍ରଭାତ କୁମାର ନନ୍ଦ, ଡାକ୍ତର ଅଂଶୁମାନ କର ଓ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶ୍ରୀ କରଙ୍କ ବ୍ୟକ୍ତିଗତ ଜୀବନ ଓ ସାଧନା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଦିଲ୍ଲୀପ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକଙ୍କ ସମେତ ରଜତ କୁମାର କରଙ୍କ ସୁପୁତ୍ର ରଣଜିତ କର ଏବଂ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା କମିଟି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ, ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ, ମୁରଲୀଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୪।୨୦୨୫, ବୈଶାଖ ଦ୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୩।୫୨** **ଚନ୍ଦ୍ରୋଦୟ- ରାଘ ୨।୩୮।୧୨**

**ଦଶମୀ-** ଦିଘ ୪।୪୪ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୧୨।୦୬ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୪।୪୪ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୭ ଗତେ ଘ ୭।୦୮ ମଧ୍ୟେ । ଦିଘ ୧।୫୧ ଗତେ ଘ ୫।୧୩ ମଧ୍ୟେ ।
**ପର୍ବୋତ୍ସବ-** ବିଶ୍ୱ ପୁସ୍ତକ ଦିବସ ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ମାନସିକ ଶାନ୍ତି ଲାଭ କରିବେ । ମହିଳାମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । ଧନ ଲାଭ ଯୋଗ ରହିଛି । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ବୃଷ:** ଶରୀର ସୁସ୍ଥ ରହିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ ।

**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନ ରହିବେ । ବେପାର ବାଣିଜ୍ୟରେ କ୍ଷତି ସହିବାକୁ ପଡ଼ିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବ ।

**କର୍କଟ:** ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟ କରିପାରନ୍ତି । ଅଟକି ରହିଥିବା କାମଟି ପୁଣିଥରେ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ ।

**ସିଂହ:** ଧନ ଲାଭ ହେବ । ଅନେକ ଯଶର ଅଧିକାରୀ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**କନ୍ୟା:** ସତ୍ କର୍ମରେ ଲିପ୍ତ ରହିବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ତୁଳା:** ପ୍ରତ୍ୟୁଷର ଯାତ୍ରାରେ ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଶରୀର ସୁସ୍ଥ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ ।

**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ । ଆୟର ପରିମାଣ ବଢ଼ିବ । ପରୋପକାରୀ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ ।

**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଶରୀର ସୁସ୍ଥ ରହିବ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ ।

**ମକର:** ଚଞ୍ଚଳମନା ହେବେ । ଶୁଭ କାର୍ଯ୍ୟରେ ଯୋଗଦେବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ । ଆୟ ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**କୁମ୍ଭ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ ।

**ମୀନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୪।୨୦୨୫, ବୈଶାଖ ଦ୧୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୩।୧୦** **ଚନ୍ଦ୍ରୋଦୟ- ରାଘ ୩।୧୭।୧୪**

**ଏକାଦଶୀ-** ଦିଘ ୨।୩୩ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୧୦।୪୮ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୩।୨୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ରାଘ ୩।୨୪ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୩।୨୪ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୨।୩୩ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୭।୦୭ ମଧ୍ୟେ । ଦିଘ ୧୦।୩୦ ଗତେ ଘ ୧।୦୧ ମଧ୍ୟେ ।
**ପର୍ବୋତ୍ସବ-** ବରୁଥିନୀ ଏକାଦଶୀ, ଶରଣ ପଞ୍ଚକ ଶେଷ, ମାନବ ଏକତା ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗରିବଙ୍କୁ ଅଧିକ ସହାୟତା ଜରୁରୀ

ବାସ୍ତବରେ ଫ୍ରିବିଜ୍ ଓ ଜନହିତକାରୀ ଯୋଜନା ମଧ୍ୟରେ ପ୍ରାର୍ଥକ୍ୟ ବହୁତ କମ୍ । ଏଣୁ ସରକାର ଫ୍ରିବିଜ୍ ଅପେକ୍ଷା ବାସହୀନଙ୍କୁ ଗୃହ ଏବଂ ସମସ୍ତଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ମାଗଣା ଯୋଗାଇ ଦିଅନ୍ତୁ । ଅତ୍ୟାବଶ୍ୟକ ସାମଗ୍ରୀ, ସେବା ସୁଲଭ ମୂଲ୍ୟରେ ଦିଅନ୍ତୁ । ଦରଦାମ୍ ନିୟନ୍ତ୍ରଣ କରନ୍ତୁ, ଆଉ ଫ୍ରିବିଜ୍ ଦରକାର ହେବନାହିଁ। ନିକଟରେ ଭାରତର ସହରାଞ୍ଚଳରେ ବାସହୀନ ଲୋକଙ୍କୁ ଆଶ୍ରୟ ଅଧିକାର ପ୍ରଦାନ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲାର (ପିଆଇଏଲ୍) ଶୁଣାଣି କରି ଜଷ୍ଟିସ୍ ବି.ଆର. ଗଭାଇ ଏବଂ ଏ.ଜି. ମସିହ କହିଛନ୍ତି ଯେ, ନିର୍ବାଚନ ଆସିଗଲେ ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ପ୍ରଦାନର (ଫ୍ରିବିଜ୍) ପ୍ରତିଶ୍ରୁତିରେ ପୋତି ଦେଉଛନ୍ତି। ମାଗଣାରେ ରାସନ ଓ ଟଙ୍କା ମିଳିଯାଉଥିବାରୁ ଲୋକେ କାର୍ଯ୍ୟକରି ଅର୍ଥ ଉପାର୍ଜନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଦେଶର ବିକାଶରେ ଯୋଗଦାନ ଦେଇ ସମାଜର ମୁଖ୍ୟସ୍ରୋତର ଅଂଶ ହେବାପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ, ଫ୍ରିବିଜ୍ ଦେଇ ଆମେ କ'ଣ ପରଜୀବୀମାନଙ୍କର ଏକ ଶ୍ରେଣୀ ସୃଷ୍ଟି କରୁନାହୁଁ ବୋଲି ଖଣ୍ଡପୀଠ ଓଲଟା ପ୍ରଶ୍ନ ପଚାରିଥିଲେ । ଏହି ଫ୍ରିବିଜ୍ ସଂସ୍କୃତି ଲୋକଙ୍କୁ ଏକପ୍ରକାର ପଙ୍ଗୁ, ଅକର୍ମା କରିଦେଉଛି ବୋଲି କହି ଜଷ୍ଟିସ୍ ଗଭାଇ ମହାରାଷ୍ଟ୍ରରେ 'ଲଡକି ବାହିନୀ' ଯୋଜନା ସହିତ କିଛି ରାଜ୍ୟର ଏହିପରି ଯୋଜନାର ଉଦାହରଣ ଦେଇଛନ୍ତି । 'ଲଡକି ବାହିନୀ' ଯୋଜନା ଅଧୀନରେ ୨୧-୬୫ବର୍ଷ ବୟସର ମହିଳାମାନେ ଯେଉଁମାନଙ୍କର ବାର୍ଷିକ ପରିବାର ଆୟ ୨.୫ ଲକ୍ଷ ଟଙ୍କାରୁ କମ୍ ସେମାନଙ୍କୁ ମାସିକ ୧୫୦୦ ଟଙ୍କା ମିଳିଥାଏ । ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଲେ, ଦେଶରେ ପ୍ରାୟ ଏଭଳି କେହି ନଥିବେ, ଯିଏ କାମ ପାଇ କାମ କରିବାକୁ ଚାହୁଁନଥିବେ । ତାଙ୍କ ଯୁକ୍ତିକୁ ଖଣ୍ଡନ କରି ବିଚାରପତି ଗଭାଇ ଉଦାହରଣ ଦେଇ କହିଲେ, ନିକଟ ଅତୀତରେ ହୋଇଥିବା ମହାରାଷ୍ଟ୍ର ନିର୍ବାଚନ ବେଳେ ଫ୍ରିବିଜ୍ ଯୋଗୁଁ ମହାରାଷ୍ଟ୍ରର ଶ୍ରମିକ କାର୍ଯ୍ୟ କରିବାକୁ ଆଗ୍ରହ ନଦେଖାଇବାରୁ କୃଷକମାନେ କାମ କରାଇବା ପାଇଁ ଲୋକ ପାଇନଥିଲେ । ଆମ ମତରେ, ଫ୍ରିବିଜ୍ ସଂପୂର୍ଣ୍ଣ ଖରାପ କହିହେବନି, କିନ୍ତୁ ଏହା ରାଜନୈତିକ ସ୍ୱାର୍ଥପାଇଁ ପ୍ରଦାନ କରିବା ଉଚିତ । ଫ୍ରିବିଜ୍ ନଦେଲେ କିଛି ଅସୁବିଧା ନାହିଁ, କିନ୍ତୁ ଗରିବଙ୍କ ପାଇଁ ଅଧିକ ସହାୟତାର ଆବଶ୍ୟକତା ରହିଛି । ପୁନଶ୍ଚ ସମାଜର ସବୁ ଶ୍ରେଣୀର ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ ହେବା ଉଚିତ୍ । ଫ୍ରିବିଜ୍ କହିଲେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଭୋଟରମାନଙ୍କୁ ମାଗଣାରେ ସାମଗ୍ରୀ କିମ୍ବା ସେବା ପ୍ରଦାନ କରିବାର ଅଭ୍ୟାସକୁ ବୁଝାଏ । ପ୍ରାୟତଃ ନିର୍ବାଚନ ପ୍ରଚାର ସମୟରେ ସରକାର ଭୋଟରମାନଙ୍କର ସମର୍ଥନ ହାସଲ କରିବା ପାଇଁ କୌଣସି ଦୀର୍ଘକାଳୀନ ଲାଭ ହେଉନଥିବା ବିଭିନ୍ନ ଜିନିଷ, ହାଣ୍ଡଆଉଟ୍, ସୁବିଧା ଯଥା- ମାଗଣା ସାଇକେଲ, ଲାପଟପ୍, ସ୍ମାର୍ଟଫୋନ୍, ଟିଭି ସେଟ୍, ପାଣି ଏବଂ ବିଦ୍ୟୁତ୍ ବିଲ୍ ଛାଡ଼, ପରିବହନ ସୁବିଧା ଇତ୍ୟାଦି ପ୍ରଦାନ କରନ୍ତି, ଯାହା ନିର୍ବାଚନୀ ପ୍ରୋତ୍ସାହନ ଭାବରେ ବ୍ୟବହୃତ ହୁଏ । କୌଣସି ଯୋଜନା ନାମରେ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର ଭୋଟର ବା ମହିଳାଙ୍କୁ ଆର୍ଥିକ ରାଶି ପ୍ରଦାନ କରିବା ମଧ୍ୟ ଫ୍ରିବିଜ୍ ହିସାବରେ ବିଚାର କରାଯାଏ । କିଛି ନିର୍ବାଚନ ପୂର୍ବରୁ ଘୋଷଣା କରାଯାଏ ବା ଦିଆଯାଏ ବା ନିର୍ବାଚନରେ ଜିତିବା ପରେ ଯେଉଁ ଦଳ ପ୍ରତିଶ୍ରୁତି ଦେଇଥାଏ ତାହା କ୍ଷମତା ହାସଲ ପରେ ଦେଇଥାଏ । ମାଗଣାରେ କୌଣସି ଜିନିଷ ବା ସେବା ପ୍ରାୟତଃ ସାମୟିକ ରିଲିଫ୍ ପ୍ରଦାନ କରିଥାଏ । ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ଫ୍ରିବିଜ୍ ବିତ୍ତୀୟ ସ୍ୱାସ୍ଥ୍ୟ ବିଗାଡ଼ିପାରେ, ବଜାରତନ୍ତ୍ରକୁ ବିକୃତ କରିପାରେ ଏବଂ ଉତ୍ପାଦକଭିତ୍ତିକ ଆର୍ଥିକ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିପାରେ, କାରଣ ସେଗୁଡ଼ିକ ପ୍ରାୟତଃ ଦୀର୍ଘକାଳୀନ ଭାବରେ ସ୍ଥାୟୀ ହୁଏନାହିଁ । ଉଲ୍ଲେଖଯୋଗ୍ୟ ଯେ, ୧୨ ଅଗଷ୍ଟ ୨୦୧୩ରେ ନିର୍ବାଚନ କମିଶନ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିର୍ବାଚନ ଇସ୍ତାହାରରେ ଘୋଷଣା କରାଯାଇଥିବା ଫ୍ରିବିଜ୍ ବା ମାଗଣା ଉପହାର ଉପରେ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ କହିଥିଲେ । ରାଜନୈତିକ ଦଳର ନେତାମାନେ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଯୁକ୍ତି କରିଥିଲେ ଯେ, ଏହା ସେମାନଙ୍କ ଅଧିକାରର ଉଲ୍ଲଂଘନ ହେବ । ଆର୍ଥିକ ସ୍ଥିତି ବା ବିତ୍ତୀୟ ସ୍ଥିତି ଫ୍ରିବିଜ୍ ଯୋଗୁଁ ବିଗିଡ଼ି ଯାଏନା । ବରଂ ଟିକସ ଆଶାନୁରୂପ ଆଦାୟ ନହେବା, ଟିକସ ଫାଙ୍କି ବ୍ୟାପକ ହେବା ଯୋଗୁଁ ବିଗିଡ଼ି ଯାଇଥାଏ । ଆମ ଦେଶରେ ଜିଡିପି ଅନୁସାରେ ଟିକସ ଆଦାୟ ହାର କେନ୍ଦ୍ର ଓ ରାଜ୍ୟ ମିଶିକି ୧୭% ହୋଇଥିଲାବେଳେ ଓଇସିଡି ଦେଶରେ ୩୫% । ୨୦୨୩-୨୪ ସୁଦ୍ଧା ୩୧.୧ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଅନାଦେୟ ହୋଇ ରହିଛି। ୨୦୧୯-୨୦ରେ କର୍ପୋରେଟ ଟିକସ ହ୍ରାସ ଯୋଗୁଁ ସେହିବର୍ଷ ସରକାର ୧.୪୫ଲକ୍ଷ କୋଟି ଟଙ୍କା ଟିକସ ହରାଇଥିଲେ। ଯାହା ପ୍ରତିବର୍ଷ ବୃଦ୍ଧିପାଉଛି ଏବଂ ୨୦୨୩-୨୪ରେ ଏହା ୧.୮୭ଲକ୍ଷ କୋଟି ଟଙ୍କା ହୋଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**
**ଭଗବାନ**

ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର ଛର
(୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର
(୮)
କୀଟରୁ ବ୍ରହ୍ମ ପରିଯନ୍ତେ
ସକଳ ଘଟେ ସଦା
ସ୍ଥିତେ (୯)
ଭକ୍ତର ଭାବେ
ବନ୍ଧାହୋଇ
ଦିନ କାଟୁଛି ସଦା ମୁହିଁ
(୧୦)
ମୁଁ ନିରାକାର ନିରଞ୍ଜନ
ଶୂନ୍ୟରୁ ଶୂନ୍ୟ
ମହାଶୂନ୍ୟ (୧୧)
ଯାହା ଦେଖୁଛୁ ଏ
ନୟନେ
ଏ ସର୍ବ ମୋ ମାୟା
ଭିଆଣେ (୧୨)
ସେ ମାୟା କୂପ ଅତି
ଗରୁ
ଗୁରୁଙ୍କ କୃପା ତହୁଁ କରୁ
(୧୩)

(କ୍ରମଶଃ)

# ଦେଶର ସଂହତି ରକ୍ଷା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବର୍ତ୍ତମାନ ସମାଜରେ ଲୋକ ଚରିତ୍ର ଏତେ ଅବକ୍ଷୟ ହେଲାଣି ଯେ କୌଣସି ବଡ଼ ଧରଣର ବିପଦ ପହଞ୍ଚିଲେ ଦେଶକୁ ରକ୍ଷା କରିବା ନିମନ୍ତେ ଯେପରି ସାହସ, ଆତ୍ମବିଶ୍ୱାସ ମନରେ ଆସିବାର କଥା ତାହା ସୃଷ୍ଟି ହେବାରେ ସଂଶୟ ସୃଷ୍ଟି ହୋଇଛି। ଲୋକମାନଙ୍କ ମଧ୍ୟରେ ଧର୍ମ, ଭାଷା ଓ ସଂସ୍କୃତିକୁ ନେଇ ଯେପରି ବିବାଦମାନ କ୍ରମଶଃ ମୁଣ୍ଡ ଟେକୁଛି ତାହା ମଧ୍ୟ ଏକତା ସୃଷ୍ଟି କରିବାରେ ଅନ୍ୟ ଏକ ପ୍ରତିବନ୍ଧକ। "ଭାରତମାତା କି ଜୟ" କହିବାରେ କେତେକ ନିଜର ଅନିଚ୍ଛା ମଧ୍ୟ ପ୍ରକାଶ କରିଛନ୍ତି। ତେଣୁ ଯାହା ଦେଖାଯାଉଛି ଦେଶର ଅଖଣ୍ଡତା ରକ୍ଷା ଉପରେ ସଂଶୟ ସୃଷ୍ଟି କ୍ରମଶଃ ବଢ଼ିଚାଲିଛି। ପଡ଼ୋଶୀ ପାକିସ୍ତାନରୁ ଏପରି ଦେଶଦ୍ରୋହକୁ ଉଜ୍ଜୀବିତ କରିବା ନିମନ୍ତେ ଉଦ୍ୟମ ବି ଅବ୍ୟାହତ ରହୁଛି। ଷାଠିଏ ବର୍ଷର ଉର୍ଦ୍ଧ୍ୱରୁ ଗୃହୀତ ହୋଇଥିବା ସମ୍ବିଧାନକୁ ମୂଳ କରି ସାମାଜିକ ଓ ରାଷ୍ଟ୍ରୀୟ ଜୀବନ ପରିଚାଳିତ ହୋଇ ଆସୁଥିଲେ ମଧ୍ୟ ଦେଶରେ ସର୍ବତ୍ର ବାଦବିବାଦ ସୃଷ୍ଟି ହୋଇ ଜାତୀୟ ଜୀବନର ଧାରାକୁ ବିପନ୍ନ କରିପକାଉଛି। ଗଣତନ୍ତ୍ର ପଦ୍ଧତିରେ ନିର୍ବାଚିତ ସଂସଦର ସାର୍ବଭୌମତ ରହିବାର ଆଶା କ୍ରମଶଃ କ୍ଷୀଣ ହୋଇଆସୁଛି। ପ୍ରଥମରୁ ନିର୍ବାଚିତ ଲୋକସଭା ଓ ରାଜ୍ୟସଭାର ପରିଚାଳନା ଯେପରି ଗଠନମୂଳକ ହେବାସହ ଫଳପ୍ରସୂ ହେଉଥିଲା ତାହା ଏବେ ଆଉ ହେବାର ଦେଖାଯାଉନାହିଁ। ବିଦେଶୀ ଶାସନର ଶୃଙ୍ଖଳରୁ ମୁକୁଳିବା ନିମନ୍ତେ ଗାନ୍ଧିଜୀଙ୍କ ନେତୃତ୍ୱରେ ଲୋକ ସଙ୍ଗଠନ ଆରମ୍ଭ ହୋଇଥିଲା। ଏପରି ସଙ୍ଗଠନର ମୂଳ ଲକ୍ଷ୍ୟ ଥିଲା ଦେଶ ପ୍ରେମକୁ ଜାଗ୍ରତ କରିବା। କାରଣ ସେତେବେଳର ବ୍ରିଟିଶ୍ ସରକାର ନିଜର ଶାସନକୁ ଜାହିର କରିବା ନିମନ୍ତେ ଦେଶପ୍ରେମୀମାନଙ୍କୁ ଦଣ୍ଡ ଦେଇ ଲୋକମତକୁ ଜୋରଜବରଦସ୍ତ ନିଜ ନିୟନ୍ତ୍ରଣରେ ରଖୁଥିଲେ। ସେତେବେଳର ସେପରି ଅବସ୍ଥା ଆଜି ଆଉ ନାହିଁ। ମାତ୍ର ସଂସଦର ଉଭୟ ଗୃହରେ ଏପରି ବିଶୃଙ୍ଖଳା ସୃଷ୍ଟି ହେଉଛି ଯେ ତାହା ଗୃହ ମର୍ଯ୍ୟାଦାର କ୍ଷତି କରିବା ସହିତ ଜାତୀୟ ଜୀବନକୁ ମଧ୍ୟ ଦୁର୍ବଳ କରିପକାଉଛି। ରାଜ୍ୟମାନଙ୍କର ବିଧାନସଭା ଅବସ୍ଥା ମଧ୍ୟ ସେହିଭଳି। ସରକାର ଓ ବିରୋଧୀ ଦଳମାନଙ୍କ ମଧ୍ୟରେ ତିକ୍ତତା ଏତେ ବଢ଼ିଯାଉଛି ଯେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭାକୁ ବନ୍ଦ କରିଦିଆଯାଉଛି। ସମୟ ଅଭାବରୁ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବୀ ଗିଲୋଟିନ୍‌ଦ୍ୱାରା ଗୃହୀତ ହେଉଛି। ଗୃହରେ ମଧ୍ୟ ଶୃଙ୍ଖଳା ନ ରହିବାରୁ ବାଚସ୍ପତିଙ୍କୁ ବାରଂବାର ଅଧିବେଶନକୁ ମୁଲତବୀ କରିବାକୁ ପଡୁଛି। ଦେଶ ବା ରାଜ୍ୟରେ ସମସ୍ୟା ପରେ ସମସ୍ୟାମାନ ସୃଷ୍ଟି ହେବାରେ ଲାଗିଛି। ତାହାର ଦୂରୀକରଣ ନିମନ୍ତେ ଶାସକ ଓ ବିରୋଧୀ ଦଳ ଏକାଠି ହୋଇ କାର୍ଯ୍ୟ କରିବା ପରିବର୍ତ୍ତେ ଯେଉଁଭଳି ଭାବରେ ହୋ ହାଲ୍ଲା କରିଚାଲିଛନ୍ତି ତାହା ଫଳରେ ଏକ ସୁସ୍ଥ ଗଣତନ୍ତ୍ର ସରକାର ରହିପାରିବ ନାହିଁ। ଯେଉଁମାନେ ପ୍ରକୃତରେ ଦେଶର ସ୍ୱାଧୀନତା ପାଇଁ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ଆଜି ସେମାନେ ବଞ୍ଚିଥିଲେ ଏପରି ଅବସ୍ଥା ଦେଖି ନିଶ୍ଚିତ ଭାବରେ ଦୁଃଖରେ ଭାଙ୍ଗି ପଡ଼ିଥାନ୍ତେ। ସେମାନେ କେବେହେଲେ ଭାବି ନଥିଲେ ଯେ ସେମାନଙ୍କ ଅହରହ ସଂଗ୍ରାମରେ ମିଳିଥିବା ସ୍ୱାଧୀନତାର ସ୍ୱାଦ ଏହିପରି ଭାବରେ ଭବିଷ୍ୟତ ବଂଶଧରମାନେ ଉପଭୋଗ କରିବେ।

ଦେଶର ଏକତା ଧ୍ୱଂସ ହେବାର ଅନ୍ୟ ଏକ କାରଣ ହେଲା ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣ। ପ୍ରଥମରୁ ସ୍ଥାନ ସଂରକ୍ଷଣ ଯେଉଁ କେତୋଟି ଜାତିଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା ତାହା କ୍ରମଶଃ ବଢ଼ିବାରେ ଲାଗିଛି। ଏପରିକି ଅନ୍ୟ କେତେକ ସମ୍ପ୍ରଦାୟ ମଧ୍ୟ ନିଜ ନିଜର ସଂରକ୍ଷଣ ଦାବୀକୁ ନେଇ ବିଦ୍ରୋହ ଆରମ୍ଭ କରିଦେଲେଣି। ଏହି ସଂରକ୍ଷଣ ବ୍ୟବସ୍ଥା ଆର୍ଥିକ ଦୁର୍ବଳ ଶ୍ରେଣୀମାନଙ୍କ ପ୍ରତି ହୋଇଥିଲେ ତାହା ସମାଜ ପାଇଁ ମଙ୍ଗଳକର ହୋଇପାରିଥାନ୍ତା। ମାତ୍ର ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଏପରି ହାନିକାରକ ହୋଇଛି ଯେ ତାହା ଦେଶରେ ଏକତା ରକ୍ଷା କରିବାରେ ବାଧା ସୃଷ୍ଟି କରୁଛି। ପ୍ରଥମେ ଏପରି ସଂରକ୍ଷଣ ବ୍ୟବସ୍ଥା ୧୫ବର୍ଷ ନିମନ୍ତେ ଉଦ୍ଦିଷ୍ଟ ଥିଲା। ମାତ୍ର ତାହାର ମିଆଦି କ୍ରମଶଃ ବଢ଼ି ବଢ଼ି ଏପର୍ଯ୍ୟନ୍ତ ରହିଛି। ଉଦାହରଣସ୍ୱରୂପ ଜଣେ ସଂରକ୍ଷିତ ଜାତିର ପଦପଦବୀରେ ନିଯୁକ୍ତି ପାଇଥିବା ବ୍ୟକ୍ତି ସେଥିପାଇଁ ଉଦ୍ଦିଷ୍ଟ ସୁବିଧାମାନ ପାଇ ବର୍ତ୍ତମାନ ସମାଜରେ ତାହାର ଠିକ୍ ସ୍ଥାନ ନେଇପାରିଛି ଓ ପରବର୍ତ୍ତୀ କାଳରେ ତାହାର ବଂଶଧରମାନେ ମଧ୍ୟ ସେପରି ସୁବିଧାମାନ ପାଉଛନ୍ତି। ହୁଏତ ଅଣସଂରକ୍ଷିତ ଜାତିର ଜଣେ ବ୍ୟକ୍ତି ସେହିଭଳି ପୂର୍ବ ଅବସ୍ଥାରେ ରହିଯାଉଛି। ଏପରି ଅବସ୍ଥାକୁ ଦେଖି ବିଭିନ୍ନ ଜାତିର ଲୋକେ ସଂରକ୍ଷଣ ସୁବିଧା ପାଇବା ନିମନ୍ତେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଉଦାହରଣସ୍ୱରୂପ ଗୁଜୁରାଟର ପଟେଲ ଓ ରାଜସ୍ଥାନର ଜାଠ ସମ୍ପ୍ରଦାୟ ସେମାନଙ୍କର ଦାବୀ ଉପସ୍ଥାପନ କରି ବିଦ୍ରୋହ ସୃଷ୍ଟି କଲେଣି ଓ ସେଥିରେ ଶାସନ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ତେଣୁ ଏପରି ସଂରକ୍ଷଣ ବ୍ୟବସ୍ଥାକୁ ବାତିଲ କରି କେବଳ ଆର୍ଥିକ ଓ ଅବହେଳିତ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଲାଗୁ କରିବାର ଆବଶ୍ୟକତା ରହିଛି। ସରକାର ଏହିସବୁ ବିଷୟରେ ପ୍ରଥମେ ଏକ ସ୍ଥିର ନିଷ୍ପତ୍ତି ନେବାର ଆବଶ୍ୟକତା ଅଛି।

ଦେଶରେ ପ୍ରତ୍ୟେକ ନିଜ ନିଜର ଧର୍ମ ଆଚରଣ କରିବାରେ କୌଣସି ବାଧା ନାହିଁ। ତେଣୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ବିଶ୍ୱରେ ବିଦିତ। ମାତ୍ର କେତେକ ଧର୍ମାନ୍ଧ ବ୍ୟକ୍ତି ଭାରତରେ ରହି ମଧ୍ୟ ନିଜ ଧର୍ମ ପ୍ରଚାର କରିବାରେ ଲାଗିଛନ୍ତି। କାହାକୁ ଏପରି ପ୍ରଚାର କରିବାକୁ ମନା ନଥାଇପାରେ ମାତ୍ର ଏପରି ପ୍ରଚାରର ଆବଶ୍ୟକତା କ'ଣ ରହିଛି ? କେବଳ ଦେଶରେ ଅସ୍ଥିରତା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିବାର କୁହାଯାଇପାରେ। ଏହି ଧର୍ମ ପ୍ରଚାର ପାଇଁ ବିଦେଶରୁ କୋଟି କୋଟି ଟଙ୍କାର ଅର୍ଥ ମଧ୍ୟ ସାହାଯ୍ୟ ଆକାରରେ ମିଳୁଛି। ଏପରି ଟଙ୍କା ଆସିବାରେ ବି କୌଣସି ଲଗାମ୍ ନାହିଁ ଓ କେବଳ ସମ୍ପୃକ୍ତ ଧର୍ମ ପ୍ରଚାର ନିମନ୍ତେ ତାହା ଉଦ୍ଦିଷ୍ଟ। ତେଣୁ ଏପରି ଅର୍ଥ ଆଗମନକୁ ପ୍ରଥମେ ବନ୍ଦ କରି ଦେବାର ଆବଶ୍ୟକତା ରହିଛି। ସମାଜର ଅନ୍ୟ ଏକ ସମସ୍ୟା ହେଉଛି ଜାତି ଓ ଲିଙ୍ଗ ଭେଦତା। ସ୍ୱାଧୀନତାର ୬୦ବର୍ଷ ପରେ ବି ଜାତିଭେଦ ପ୍ରଥା ଦେଶର ବହୁ ସ୍ଥାନରେ ରହିଛି। ଜାତିଭେଦ ପ୍ରଥାକୁ ନେଇ ବହୁ ସ୍ଥାନରେ ହିଂସାମାନ ମଧ୍ୟ ସୃଷ୍ଟି ହେଉଛି। ସମାଜର ଏପରି ରୋଗର ଉପଶମ ପାଇଁ ଆଇନର ଦୃଢ଼ ଉପଯୋଗର ଆବଶ୍ୟକତା ଅଛି। ଏଥିପାଇଁ ନ୍ୟାୟପାଳିକାଙ୍କୁ ସହଯୋଗ କରିବା ନିମନ୍ତେ ସଚେତନ ନାଗରିକମାନେ ଆଗେଇ ଆସିବା ଉଚିତ୍। ଲୋକ ସହଯୋଗ ବିନା ଆଇନର ଦୃଢ଼ତା ସମ୍ଭବ ହୋଇ ନପାରେ। ଏବେ ପୁଣି ଦେଖାଯାଉଛି ସମାଜର ଲିଙ୍ଗ ଭେଦତା। ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀମାନେ ସର୍ବଦା ଅବହେଳିତା। ପୁଣି ସେମାନେ କ୍ଷୀଣ ସ୍ୱାଧୀନତା ଉପଭୋଗ କରୁଛନ୍ତି। ଉଦାହରଣ ସ୍ୱରୂପ ନିକଟରେ ମହାରାଷ୍ଟ୍ରର ଶିଙ୍ଗ୍ନିପୁରରେ ଥିବା ଶନିଦେବଙ୍କ ମନ୍ଦିରରେ ନାରୀମାନଙ୍କୁ ପୁରୁଷାନୁକ୍ରମେ ପୂଜା କରିବାର ଅଧିକାର ଦିଆ ନଯିବା। ପ୍ରଚଳିତ କୁପ୍ରଥା ପାଇଁ ନାରୀ ଜାଗରଣର ଆବଶ୍ୟକତା ପଡ଼ିଥିଲା। ଯଦି ଗୋଟିଏ ଦେଶରେ ରହି ଜାତି ଓ ଲିଙ୍ଗ ଭିତରେ ଭେଦଭାବ ରହିବ ତେବେ ସଂହତି ଆସିବ କୁଆଡୁ ? ଦେଶର ଜନଜୀବନ ଓ ସଂସ୍କୃତିକୁ ଠିକ୍ ଭାବରେ ଦିଗ୍‌ଦର୍ଶନ ଦେଇଥାଏ ରାମାୟଣ ଓ ମହାଭାରତର ଗପ ସମୂହ। ମାତ୍ର ସେହିସବୁ ପ୍ରତି କାହାର ନଜର ନାହିଁ। ପୁଣି ଶିକ୍ଷାର ବ୍ୟବସ୍ଥା ଏପରି ହେଲାଣି ଯେ ଦେଶର ଭବିଷ୍ୟତ ଗତିପଥ କୁଆଡ଼େ ଯାଉଛି ତାହା ଜାଣି ହେଉନାହିଁ। ସମାଜକୁ ସଂସ୍କାର ଆଣି ଦେବାରେ ଶିକ୍ଷା ହିଁ ଏକମାତ୍ର ଆଲୋକ ବର୍ତ୍ତିକା। ଆମ ପିଲାବେଳେ ଶିକ୍ଷକମାନେ ଯେଉଁଭଳି ଶିକ୍ଷାଦାନ କରୁଥିଲେ ତାହା ପ୍ରାୟଶଃ ଆଜି ଆଉ ଦେଖିବାକୁ ମିଳୁନାହିଁ। ବିଜ୍ଞାନ ଭିତ୍ତିକ ଶିକ୍ଷାକୁ ଛାଡ଼ିଦେଲେ ସମାଜ ସଂସ୍କାର ନିମନ୍ତେ କୌଣସି ଉପାଦେୟ ଗପ ଯଥା ମହାପୁରୁଷମାନଙ୍କର ଜୀବନୀମାନଙ୍କରେ ଘଟି ଯାଇଥିବା ଉତ୍କୃଷ୍ଟ ଘଟଣାମାନ ଆଉ ଶିକ୍ଷା ବହିରେ ରଖାଯାଉନଥିବା ଦେଖିବାକୁ ମିଳୁଛି। ଯାହାକି ସମାଜକୁ ଉତ୍ତମ ଦିଗ୍‌ଦର୍ଶନ ଦେଇପାରନ୍ତା। ପୁଣି ପଡ଼ୋଶୀ ବଙ୍ଗଳାଦେଶରୁ ଶହ ଶହ ଶରଣାର୍ଥୀ ରାଜ୍ୟର ବିଭିନ୍ନ ସ୍ଥାନରେ ବେଶ୍ ଆସ୍ଥାନ ଜମାଇ ବସିଯାଇଛନ୍ତି। ବିଶେଷ ଭାବରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ସେମାନଙ୍କ ପାଦୁର୍ଭାବ ଏପରି ବଢ଼ିଗଲାଣି ଯେ ସେ ସବୁକୁ ରୋକାଯାଇପାରୁନାହିଁ। ସ୍ଥାନୀୟ କେତେକ କୁଜି ରାଜନୈତିକ ନେତା ଓ ଛୋଟ ସରକାରୀ କର୍ମଚାରୀ ସେମାନଙ୍କୁ ସାହାଯ୍ୟ କରିବାର ଦେଖାଯାଉଛି। ସମ୍ପୃକ୍ତ ପ୍ରଶାସନ ମଧ୍ୟ ସେ ସବୁକୁ ଅଣଦେଖା କରିଚାଲିଛି। ମାତ୍ର ପରିସ୍ଥିତି ଏପରି ହେବ ଯେ ଦିନେ ତାହା ନେଡ଼ି ଗୁଣ କହୁଣିକୁ ବୋହି ଯିବା ଭଳିର ଅବସ୍ଥାକୁ ପହଞ୍ଚିବ। ତେଣୁ ପ୍ରଥମରୁ ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ଶାସନକୁ ଠିକ୍ ଭାବରେ ଚଳାଇଲେ ଦେଶର ଗଣତନ୍ତ୍ର ନିଶ୍ଚିତ ଭାବରେ ଭଲରେ ଚାଲିପାରିବା ସହ ଜାତୀୟ ନ୍ୟାୟ ତଥା ସଂହତିର ଯଥେଷ୍ଟ ଉନ୍ନତି ହୋଇପାରିବ।

# ସିଦ୍ଧାନ୍ତରେ ସିଦ୍ଧି



କିଶୋର ଚନ୍ଦ୍ର ଜେନା
ଜଗନ୍ନାଥ ନଗର,
ରୋଡ଼ ନଂ-୬,
ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ଜୀବନରେ ସମସ୍ତଙ୍କର ନିଜ ନିଜର ସିଦ୍ଧାନ୍ତ ବା ନର୍ଦ୍ଧାରଣ କରିବାର ସ୍ୱ ଶକ୍ତି ନିଜ ଭିତରେ ବିଦ୍ୟମାନ ଏବଂ ଏହା ମୂଲ୍ୟବୋଧଭିତ୍ତିକ । ସମସ୍ତଙ୍କର ନର୍ଦ୍ଧାରଣ ଶକ୍ତି ଅଲଗା ଅଲଗା । କାରଣ ସିଦ୍ଧାନ୍ତ ଯଦି ଠିକ୍ ନ ହୋଇପାରିଲା ବା ମୂଲ୍ୟଭିତ୍ତିକ ନହେଲା, ସିଦ୍ଧି ପ୍ରାପ୍ତି ମଧ୍ୟ ମୂଲ୍ୟଭିତ୍ତିକ ହେବନାହିଁ । ମଣିଷ ଜୀବନରେ ସିଦ୍ଧାନ୍ତ ଦିବ୍ୟ ଚେତନାକୁ ଜନ୍ମ ଦିଏ । ପ୍ରତ୍ୟେକ ଅଣୁ, ପରମାଣୁ ଏବଂ ତତ୍ତ୍ୱଠାରୁ ଆରମ୍ଭ କରି ଜଡ଼ ଚେତନ ଆଦି ସମସ୍ତେ ସ୍ୱଃ ସିଦ୍ଧାନ୍ତଯୁକ୍ତ । ପ୍ରତ୍ୟେକଙ୍କର ସ୍ୱ ସିଦ୍ଧାନ୍ତ ହେତୁ ସମସ୍ତେ ନିଜ ନିଜର ମୌଳିକତାକୁ ପରିପୁଷ୍ଟ କରିବା ସଂଗେ ସଂଗେ ନିଜର ଅସ୍ତିତ୍ୱ ଏବଂ ଔଚିତ୍ୟର ଗୁଣକୁ ପରିପୁଷ୍ଟ କରିବାର ପ୍ରଭାବଶାଳୀ ସାମର୍ଥ୍ୟ ବହନ କରିଥାନ୍ତି। ମଣିଷ ହିଁ ଏହି ଧରିତ୍ରୀରେ ଏକ ମାତ୍ର ଜୀବ, ଯିଏ ଜନ୍ମଠାରୁ ଜ୍ଞାନପ୍ରାପ୍ତ ପର୍ଯ୍ୟନ୍ତ ନିଜର ଆତ୍ମସ୍ମିତି ଏବଂ ମୌଳିକଗୁଣମାନଙ୍କ ଦ୍ୱାରା ଆବଦ୍ଧ ହୋଇ ରହିଥାଏ ଏବଂ ନିଜ ମାନବିକତାର ଖୋଳ ଭିତରେ ଆତ୍ମଗୋପନ କରିଥାଏ । ମଣିଷ ଯେତେବେଳେ ବୁଝିବାର ଶକ୍ତି ଆହରଣ କରିନ୍ତି ପରେ ଏହି ଜୀବନକାଳ ପର୍ଯ୍ୟନ୍ତ ମଣିଷତ୍ୱରୁ ମୁକ୍ତି ହୋଇଯିବାର ପଥ ପାଏ ଏବଂ ଇଏ ଯେକୌଣସିଠାରେ ଯେକୌଣସି କାର୍ଯ୍ୟ କରିବାରେ ଏବଂ କରେଇବାର ସ୍ଥିତାବସ୍ଥାକୁ ପ୍ରାପ୍ତ କରେ । ଯେତେ ଯେତେ ଏ ସଂସାର ସାଗରରେ ସେ ପ୍ରବେଶ କରେ ଏବଂ ଆସକ୍ତ ହେବାରେ ଲାଗେ, ସେତେ ସେତେ ତା ଭିତରେ ଥିବା ମନୁଷ୍ୟତା ପଳେଇବାକୁ ଲାଗେ । ତାପରେ ମାୟାଜାଲରେ ଛନ୍ଦିହୋଇ ସେ ବୁଢ଼ିଆଣୀ ସଦୃଶ ନିଜର ଜାଲ ସୃଷ୍ଟିରେ ଲାଗିପଡ଼େ ଏବଂ ମୌଳିକତାବାଦର ସ୍ଫୁରଣ ହେବାରେ ଲାଗେ ଏବଂ ମନରେ ବା ହୃଦୟ ସିଂହାସନରୁ ମାନବିକତା ବିତାଡିତ ହୁଏ। ପଶୁତୁଲ୍ୟର ସ୍ୱଭାବ ତାର ହୃଦୟ ସିଂହାସନରେ ରାଜତ୍ୱ କରେ ଏବଂ ସ୍ୱୟଂ ନିଜେ ମଧ୍ୟ ମାନବିକତାକୁ ଘୃଣା ଚକ୍ଷୁରେ ଦେଖିବାକୁ ଆରମ୍ଭ କରେ। ଯେବେ ଜଣେ ମଣିଷ, ମଣିଷ ପଦ ବାଚ୍ୟ ହୁଏ ଯେତେବେଳେ ତାର ମୌଳିକତାକୁ ପ୍ରତିପାଦନ କରେ । ମଣିଷର ମୌଳିକତା ହେଉଛି ତାହାର ମାନବିକତାର ଗୁଣ ଏବଂ ଏହା ହେଉଛି ମାନବର ସହଜାତ ମୌଳିକ ଗୁଣ। ଏହି ମାନବଧର୍ମକୁ ଯିଏ ଧାରଣ କରେ, ତାକୁ ମାନବ କୁହାଯାଏ। ଏହି ଏସବୁ କାରଣ ହେତୁ ମଣିଷକୁ କେତେଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ପୃଥିବୀରେ ବହୁତ କମ୍ ଲୋକ ଅଛନ୍ତି ଯେ ପୁରା ଜୀବନ କାଳଖଣ୍ଡରେ ଏହି ମାନବୀୟ ଗୁଣ ଧର୍ମକୁ ଅଖଣ୍ଡ ରଖିବାରେ ସମର୍ଥ ହୁଅନ୍ତି । ଅନେକ ମଣିଷ ଅଛନ୍ତି ସ୍ୱଭାବତଃ ସେମାନେ ଦେଶ, କାଳ, ପରିସ୍ଥିତି ଓ ସମୟୋପଯୋଗୀ ମାନବ ଗୁଣ ଧର୍ମକୁ ଉପଯୋଗ କରନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ମତରେ 'ସ୍ୱୟଂ ଜୀବନ ହିଁ ଧର୍ମ' । ଏହି ମଣିଷ ଜୀବନର କାଳଖଣ୍ଡରେ ସଠିକ୍ ସିଦ୍ଧାନ୍ତ ହିଁ ମଣିଷକୁ ଉଚିତ୍ ମାର୍ଗ ଦେଖାଇଥାଏ।ଏକଲବ୍ୟଙ୍କର ଦୃଢ଼ ଇଚ୍ଛା ଶକ୍ତି ବା ସିଦ୍ଧାନ୍ତ ତାଙ୍କୁ ଏକ ଶ୍ରେଷ୍ଠ ଧନୁର୍ଦ୍ଧାରୀ ଭାବରେ ମହାଭାରତରେ ପ୍ରତିପ୍ରାଦିତ କରିପାରିଥିଲା। ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କୁ ଗ୍ରହଣ କରିବାର ଅମଙ୍ଗ ଏବଂ ଧନୁର୍ଦ୍ଧାରୀ ଅର୍ଜୁନଙ୍କର ତିରସ୍କାର ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ସେ ମନ ଭିତରେ କଠିନ ସିଦ୍ଧାନ୍ତ ନେଲେ ଯେ ସେ ନିଶ୍ଚିତ ଭାବରେ ଜଣେ ଧନୁର୍ଦ୍ଧାରୀ ହେବେ। ଦ୍ରୋଣାଚାର୍ଯ୍ୟଙ୍କୁ ମନରେ ଗୁରୁରୁପେ ସ୍ୱୀକାର କରି ତାଙ୍କାର ଏକ ପ୍ରତିମା ନିର୍ମାଣ କରି ସେ ପ୍ରତିଦିନ ନିଜେ ନଜେ ଏକ ଲକ୍ଷ୍ୟ ପଥରେ ଶର ନିକ୍ଷେପ କରିବାକୁ ଲାଗିଲେ। ତାଙ୍କ ମନରେ ଦୃଢ଼ ସିଦ୍ଧାନ୍ତ ତାଙ୍କୁ ମହାନ ଧନର୍ଦ୍ଧାରୀ ହିସାବରେ ଗଢ଼ି ତୋଳିଥିଲା। ଦୃଢ଼ ସିଦ୍ଧାନ୍ତ ହିଁ ସିଦ୍ଧିପ୍ରାପ୍ତିର ଏକମାତ୍ର ରାସ୍ତା। ଆମର ସିଦ୍ଧାନ୍ତ ହେବା ଦରକାର ଯେ ଆମେ ଆମର ଜୀବନ ରଥକୁ କିପରି ସତ୍‌ମାର୍ଗରେ ପରିଚାଳିତ କରିପାରିବା । ସତ୍‌ମାର୍ଗ ପଥରେ ପରିଚାଳିତ ହେଲେ ତୁମେ ବିଶୃଙ୍ଖଳିତ ଜୀବନାବସ୍ଥାରୁ କ୍ରମେ ଶୃଙ୍ଖଳିତ ମାର୍ଗରେ ଅବସ୍ଥାପିତ ହୋଇପାରିବ । ନିଜେ ସବୁବେଳେ ଧାର୍ମିକ ଉପାସନା ଓ କଠିନ ପୂଜାକର୍ମ ଆଦି ବିଭ୍ରାନ୍ତିକର କାର୍ଯ୍ୟରୁ ନିବୃତ୍ତ□ ରହିବାପାଇଁ ଚେଷ୍ଟା କରିବ । କଷ୍ଟଦାୟକ ସାଧନା ଓ ତପସ୍ୟା କରିବାର ଆବଶ୍ୟକତା ଠାରୁ ଦୂରରେ ରହିବ । ଏପରି ଭାବ ସୁଦୃଢ଼ ହେଲେ ଏହାକୁ ସିଦ୍ଧାନ୍ତ କୁହାଯାଏ । ସିଦ୍ଧାନ୍ତର ଅର୍ଥ ସଦ୍-ମାର୍ଗ ଚୟନ । ଯେତେବେଳେ ତୁମେ ନାନା ପ୍ରକାର ବିଶୃଙ୍ଖଳିତ ସାଂସାରିକ କାର୍ଯ୍ୟରୁ ନିବୃତ୍ତ ରହି ସର୍ବଧର୍ମାନୁସାରେ ଅନାସକ୍ତ ଜୀବନଯାପନ କରିବ, ସେତେବେଳେ ତୁମେ ଶାନ୍ତିମୟ ଜୀବନ ପ୍ରବାହ ଭିତରେ ପ୍ରବେଶ କରିପାରିବ ଯାହାଦ୍ୱାରା ତୁମେ (ଆତ୍ମା) ଅନିନ୍ଦ୍ୟ ସୁଖ ଆକାଶରେ ଘୁରି ବୁଲିବ, ତାହାପାଖରେ ସ୍ୱର୍ଗ ସୁଖ ବି ତୁଚ୍ଛ ବୋଲି ଅନୁମେୟ ହେବ। ଏଥିପାଇଁ ଦରକାର ସାଧନା । ସାଧନା ଯେତେବେଳେ ଦୃଢ଼ୀଭୂତ ହେବ ସେତେବେଳେ ଧୀରେ ଧୀରେ ସିଦ୍ଧିପ୍ରାପ୍ତିର ରାସ୍ତା ଉଦ୍‌ଭାଷିତ ହେବାକୁ ଲାଗିବ। ସ୍ୱୟଂ ଗୌତମ ବୁଦ୍ଧ ସାଧନା ଉପରେ ଆଲୋକପାତ କରି କହିଛନ୍ତି ଯେ ମହତ୍ ବ୍ୟକ୍ତି ସାଧନା ମାଧ୍ୟମରେ ସମସ୍ତ ପ୍ରକାର ମାନସିକ ଶୃଙ୍ଖଳ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଚୂରମାର କରିଦିଏ, ସେତେବେଳେ ସେ 'ଅର୍ହତ' ଅବସ୍ଥା କୁ ପ୍ରାପ୍ତି କରେ। 'ଅର୍ହତ' ଅର୍ଥାତ୍- ଯିଏ ମନରେ ସମସ୍ତ ଶତ୍ରୁକୁ ବିନାଶ କରିପାରନ୍ତି । ହିନ୍ଦୁ ଧର୍ମରେ ଏହାକୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ। ଏଠାରେ ସମସ୍ତ ଶତ୍ରୁ ଏବଂ ମିତ୍ର ଏକାକାର ହୋଇଯାଆନ୍ତି । ବୌଦ୍ଧଧର୍ମାବଲମ୍ବୀଙ୍କ ମତରେ ଯେତେବେଳେ ସାଧନା ଉଚ୍ଚତମ ସୋପାନରେ ପହଞ୍ଚେ□ସେତେବେଳେ ସିଦ୍ଧି ପ୍ରାପ୍ତ ହୁଏ। ଏହାକୁ ଆମେ ନିର୍ବାଣ ବୋଲି କହୁ। ସେତେବେଳ ମନ ସମସ୍ତ ଶୃଙ୍ଖଳରୁ ମୁକ୍ତି ହୋଇଯାଏ। ତେଣୁ ସାଧନାରେ ମନକୁ ଏକାଗ୍ର କରିବାକୁ ପଡ଼େ । ଭାଗ୍ୟ, ଦୁର୍ଭାଗ୍ୟ, ଶତ୍ରୁ, ମିତ୍ର, ରାଗ, ଦ୍ୱେଷ, ହାନି, ଲାଭ, ନକ୍ଷତ୍ର ଗଣନା, ଜ୍ୟୋତିଷ ଶାସ୍ତ୍ର, ଶୁଭ ଓ ଅଶୁଭର ଭବିଷ୍ୟତ ବାଣୀ ବିଷୟ ଉପରେ ଆଦୌ ସମୟ ନଷ୍ଟ ନକରି ଏଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ମନରୁ ପରିତ୍ୟାଗ କଲେ ମନ ସଂଯମ ହୁଏ। ମନକୁ ସଂଯତ ପୂର୍ବକ ସବୁ ସାଂସାରିକ ଆକର୍ଷଣୀୟ ଉପଭୋଗରୁ ନିବୃତ୍ତ ରହି ମନକୁ ଶାନ୍ତ କର । ପ୍ରଜାପତି ଯେପରି ଫୁଲକୁ କ୍ଷତ ବିକ୍ଷତ ନକରି ଏବଂ ବାସ୍ନାକୁ ସମ୍ପୂର୍ଣ୍ଣ ଅପହରଣ ନକରି ଫୁଲରୁ ଫୁଲକୁ ଉଡ଼ି ମଧୁପାନ କରେ, ଠିକ୍ ସେହିପରି ସର୍ବନିମ୍ନ ଆବଶ୍ୟକତା ଗ୍ରହଣକରି ଜୀବନ ଅତିବାହିତ କରିବା ଉଚିତ୍ । ମନକୁ ଯେତେ ପାରୁଛ ଧ୍ୟାନସ୍ଥ କର ଏବଂ ସବୁବେଳେ ଶରୀର ସେବା ପରିବର୍ତ୍ତେ ମନର ସେବାରେ ନିଜକୁ ନିୟୋଜିତ କର। ଯେତେବେଳେ ସମସ୍ତ ପ୍ରକାର ବିବେକଦ୍ୱାରା ତୁମେ ପରିଚାଳିତ ହେବ ଏବଂ ଜ୍ଞାନାଲୋକିତ ହେବ ସେତେବେଳେ ତୁମେ ତୁମ ସାଧନା ବଳରେ ସିଦ୍ଧିପ୍ରାପ୍ତ କରିପାରିବ। ଯାହାର ଅନ୍ୟନାମ ମୋକ୍ଷ ବା ନିର୍ବାଣ ବୋଲି କୁହାଯାଏ। "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା"ର ମନ୍ତ୍ର ଉଚ୍ଚାରଣ ସହିତ ସିଦ୍ଧାନ୍ତ ଓ ସାଧନାର ଆହୁଲାରେ ସିଦ୍ଧି ରୂପୀ ନାବକୁ ସଂସାର ରୂପକ ଅଗାଧ ଜଳରେ ନିର୍ଭୟରେ ଆଗକୁ ଆଗକୁ ଆଗେଇ ନବାରେ ସମର୍ଥ୍ୟ ହେବ ।

# ଶବ୍ଦର ଶାଳୀନତା



ସଲିଳା ତ୍ରିପାଠୀ
ହନୁମାନଗାଦୀ, ବୋଲଗଡ଼
ମୋ - ୮୭୬୩୭୮୮୬୧୪

କଥା କହିଲାବେଳେ ଶବ୍ଦ ପ୍ରୟୋଗର ଶାଳୀନତାକୁ ଭୁଲିଗଲେ ବାକ୍ୟର ଅର୍ଥକୁ ଭୁଲ ଭାବେ ଗ୍ରହଣ କରାଯାଏ । ମନୁଷ୍ୟ ତାର ପରିବାରରୁ ଭାଷା ଶିକ୍ଷା ଆରମ୍ଭ କରିଥିଲା ବେଳେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହାର ଗୁଣାତ୍ମକ ଓ ପରିମାଣାତ୍ମକ ମାନ ବୃଦ୍ଧି ହୋଇଥାଏ। ତେବେ ମନୁଷ୍ୟ ତା'ର ଦେଶଜ ଭାଷାକୁ ସବୁଠାରୁ ଭଲ ପାଏ ଏବଂ ତା'ର ପ୍ରୟୋଗ କରିବାକୁ ଇଚ୍ଛା କରିଥାଏ । ଏଇ ଦେଶଜ ଭାଷା ଗୁଡ଼ିକ ଯେ ସବୁ ସ୍ଥାନରେ ସମସ୍ତଙ୍କର ବୋଧଗମ୍ୟ ହେବ ନାହିଁ ଏହା କାହାକୁ ଅଜଣା ନୁହେଁ। କିନ୍ତୁ ଯେଉଁ ମନୁଷ୍ୟ ନିଜର ମାତୃଭାଷାର ଅମର୍ଯ୍ୟାଦା କରେ ତାକୁ ଅପରାଧୀ ଭାବେ ଗଣନା କରାଯାଏ। ଯେ କୌଣସି ବାକ୍ୟରେ ଗୋଟିଏ ଅକ୍ଷର, ମାତ୍ରା, ଫଳା ଏବଂ ଶବ୍ଦ ଭୁଲ୍ ହେଲେ ବାକ୍ୟଟିର ସାମଗ୍ରିକ ଅର୍ଥ ବଦଳିଯାଏ । ଅନେକ ସମୟରେ ଦେଖାଯାଏ ସରକାରୀ ଫଳକ ଗୁଡ଼ିକରେ ଏଇ ସବୁ ଭୁଲ ଗୁଡ଼ିକ ହୋଇଥାଏ । କାରଣ ସେସବୁ ଦାୟିତ୍ୱ ଗୁଡ଼ିକୁ କେହି ଆତ୍ମୀୟତାର ସହ ଗ୍ରହଣ କରି ନଥାନ୍ତି । ମାତ୍ର କୌଣସି ଗମନାଗମନ ରାସ୍ତାର ସୂଚନା କ୍ଷେତ୍ରରେ ଏହା କେତେ ଯେ ବିପଜ୍ଜନକ ଯିଏ ଭୋଗେ ସିଏ ଜାଣେ। ସରକାରୀ ଅଫିସ୍ ଏବଂ ବିଭିନ୍ନ ଜନନାୟକ ମାନଙ୍କର ନାମ ଓ ଠିକଣା ମଧ୍ୟ ସେହିଭଳି ବିଚିତ୍ର ଭାବରେ ଲେଖାଯିବାର ଅନେକ ଉଦାହରଣ ରହିଛି । ଯାତ୍ରୀବାହୀ, ବସ୍ ଗୁଡ଼ିକରେ 'ନିଜ ଜିନିଷ ନିଜ ଦାୟିତ୍ୱରେ ରଖନ୍ତୁ' ବାକ୍ୟଟିର 'ଜି' କାଟିଦେଇ ମଧ୍ୟ ଉପହାସ କରିବା ପାଇଁ ଚେଷ୍ଟା କରାଯାଏ । ଆମର ଜାଣିରଖିବା ଉଚିତ୍ ଯେ ସାମାନ୍ୟ ଏପଟ ସେପଟରେ ବଦଳି ଯାଉଥିବା ଅର୍ଥ କୁଶିକ୍ଷା ସମ ଅଟେ ଏବଂ ତା ପାଇଁ ମଣିଷ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ । ଠିକ୍ ସେହିପରି ସଂସ୍କୃତ ଶ୍ଳୋକ ଗୁଡ଼ିକ ଯାହାଦ୍ୱାରା ମନୁଷ୍ୟର ମଙ୍ଗଳ ନିମନ୍ତେ ପୂଜାବିଧି ସମାପନ କରାଯାଏ, ସେଗୁଡ଼ିକରେ ଗୋଟିଏ ଅକ୍ଷରର ଭୁଲ୍ ଉଚ୍ଚାରଣରେ ମଙ୍ଗଳ ବଦଳରେ ଅମଙ୍ଗଳ ହୋଇପାରେ ବୋଲି ବିଶ୍ୱାସ ରହିଛି । ଏକଦା ଜଣେ ସାଧକ କୌଣସି ଏକ ଅସୁସ୍ଥ ବ୍ୟକ୍ତିର ସୁସ୍ଥତା ନିମନ୍ତେ ଚଣ୍ଡୀ ପାଠ କରୁଥିଲା ବେଳେ 'ରକ୍ଷତୁ' ସ୍ଥାନରେ 'ଭକ୍ଷତୁ' ଉଚ୍ଚାରଣ କରିବା ଦ୍ୱାରା ରୋଗୀଟିର ସର୍ବନାଶ ହୋଇଥିଲା ବୋଲି କଥା ରହିଛି । ଆଜିକାଲି ରାସ୍ତାରେ ଆଖୁରସ ଦୋକାନରେ ସବୁ ସମୟରେ ଭିଡ଼ ଲାଗି ରହୁଛି । ମାତ୍ର ନିଜର ସୁବିଜ୍ଞାପନ ନିମନ୍ତେ 'ଶୁଦ୍ଧ ଆଖୁରସ' ବଦଳରେ 'ସୁଧ ଆଖୁରସ' ଲେଖିଦେଇ ଆଖୁରସ ସଙ୍ଗେ ନିଜର ଭାଷାଗତ ଜ୍ଞାନର ଅମର୍ଯ୍ୟାଦା କରାଯାଇଛି ବୋଲି ଦୋକାନୀଟିକୁ କେହି ଜଣାଇବାକୁ ମଧ୍ୟ ଠିକ୍ ମନେ କରନ୍ତି ନାହିଁ । ଯେହେତୁ ଆମ ଭାଷାର ଅନେକ ସ୍ଥାନରେ ଲିଖନ ଓ ଉଚ୍ଚାରଣରେ ଅସାମଞ୍ଜସ୍ୟତା ରହିଛି ତେଣୁ ତାକୁ ଜାଣିବା ଓ ଜଣାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ଭାବିବାକୁ ପଡ଼ିବ । ସାଧାରଣତଃ ଅନେକ ବ୍ୟକ୍ତି ତିନୋଟି '(ସ, ଶ, ଷ)' ର ଉପଯୁକ୍ତ ବ୍ୟବହାରକୁ ଜାଣି ପାରି ନଥାନ୍ତି । ଇ, ଈ କାର ଉ, ଊ କାରର ମଧ୍ୟ ଭୁଲ୍ ପ୍ରୟୋଗ କରିଥାନ୍ତି । ତା'ଛଡ଼ା ଜାତୀୟ ଓ ଆନ୍ତର୍ଜାତୀୟ ଭାଷାକୁ ମାନ୍ୟତା ଦେଉ ଦେଉ ଆମେ ଆମର ମାତୃଭାଷାକୁ ଠିକ୍ ଭାବରେ ଶିଖିବା ପାଇଁ ଇଚ୍ଛା ପ୍ରକାଶ କରୁନାହୁଁ । କାରଣ ସେହି ଭାଷାଦ୍ୱୟ ଆମକୁ ଶିକ୍ଷିତ ହେବାର ସମ୍ମାନ ପ୍ରଦାନ କରୁଛି । ଗୋଟିଏ ପରିବାରରେ ବା ବନ୍ଧୁବାନ୍ଧବ ମଧ୍ୟରେ ଇଂରାଜୀ ଶିକ୍ଷା ଥିବା ସଂପର୍କ ଗୁଡ଼ିକ ଓଡ଼ିଆ ଜାଣୁଥିବା ସଂପର୍କୀୟଙ୍କୁ ହେୟ ମନେ କରୁଥିବା ସହିତ ସଠିକ୍ ଭାବର ଆଦାନ ପ୍ରଦାନ ସମ୍ଭବ ହେଉନାହିଁ । ଶିକ୍ଷା ଦିଗରେ ଅନଗ୍ରସର ବ୍ୟକ୍ତି ସମୂହ ଜୀବିକା ପାଇଁ ଆବଶ୍ୟକ ଭାଷାକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି । ପ୍ରତ୍ୟେକଟି ଭାଷା ସେ ଜାତିର ମୂଳଦୂଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ମନୁଷ୍ୟର ସ୍ୱାଭାବିକ ଗୁଣ ଏପରି ଯେ କାହାର ଭୁଲ୍ ଦେଖିଲେ ସେ ନିଜକୁ ତା'ଠାରୁ ଦୂରେଇ ଆଣି ତାକୁ ତାଚ୍ଛଲ୍ୟ କରିବାଟା ହିଁ ସର୍ବମୋଟ କର୍ତ୍ତବ୍ୟ ବୋଲି ଭାବେ । ମାତ୍ର ସେ ଭୁଲ୍‌କୁ ସୁଧାରିବା ପାଇଁ କେବେ ଆଗେଇ ଆସେନା । ଓଡ଼ିଆ ଭାଷା ମଧ୍ୟରେ ଲୁଚି ରହିଥିବା ଦେଶଜ ଭାଷା ଗୁଡ଼ିକ ମୂଳ ଭାଷାର ଛୋଟ ଛୋଟ ସଂସ୍କରଣ ଅଟେ । ମାତ୍ର ଆମେ ଚାରି ଦିଗରେ ଚାଳିଶ ପ୍ରକାର ଭାଷା ତିଆରି କରି ନିଜକୁ ସ୍ୱତନ୍ତ୍ର ବୋଲି ଅଭିହିତ କରୁ। ଆମେ ଯେ ସବୁପରେ 'ଓଡ଼ିଆ' ଏକଥା ମାନି ନେବାକୁ କାହିଁକି କେଜାଣି ଆମର ହଜମ ହୁଏନା ଶୃଙ୍ଖଳା ପାଇଁ ତିଆରି ହେଉଥିବା ବିଭାଗକୁ ଆମେ ବିଭେଦତାରେ ପରିଣତ କରୁ ଏବଂ ସେଥିରୁ ଅପାର ଆନନ୍ଦ ପ୍ରାପ୍ତି ହେଉ । ଆମ ଭାଷା ଯେବେଠାରୁ ହାତ ଲେଖା ଛାଡ଼ି ଡି.ଟି.ପି. ର ହାତ ଧରିଛି ସେବେଠାରୁ ଭୁଲ୍‌ଭାଲ୍‌ର ମାତ୍ରା ଟିକେ ବଢ଼ି ଯାଇଛି। ହାତରେ ଲେଖିବା ଏବଂ ଟାଇପ୍ କରିବା ଫରକ ହେବା ସ୍ୱାଭାବିକ ମାତ୍ର ପରେ ସେସବୁକୁ ଠିକ୍ ଭାବରେ ସୁଧାରିବା ଆମର କର୍ତ୍ତବ୍ୟ ଅଟେ । ପୁଣି ଓଡ଼ିଆ ଭାଷାକୁ ଇଂରାଜି ଲିପିରେ ଲେଖିବା ଦ୍ୱାରା ମଧ୍ୟ ଅର୍ଥ ଗୁଡ଼ିକ କିମ୍ଭୁତ କିମ୍ଭାକରାର ହୋଇପଡ଼େ । ଏସବୁ ଅସୁବିଧାରୁ (typo) ନାମକ ଶବ୍ଦର ସୃଷ୍ଟି । ଯାହାକି ଗୋଟିଏ ଛୋଟ ଭୁଲ୍ ଭାବେ ଧରି ନିଆ ଯାଉଛି । ମାତ୍ର ସେଥିରୁ ଉତ୍ପନ୍ନ ଶବ୍ଦ ଆମ ଭାଷା ଓ ସଂସ୍କୃତିର ବିପର୍ଯ୍ୟୟ ସୃଷ୍ଟି କରୁଛି । ଯେତେବେଳେ ମନୁଷ୍ୟ କାହାକୁ କିଛି କହିଥାଏ ସେଥିରେ କେତେ ଶାଳୀନତା ଏବଂ ବିଚାରବୋଧ ରହିବ ତାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ତଥା ସୀମା ନିୟମ, ନାହିଁ । ଆମେ କେବଳ ମେଣ୍ଢାପଲ ପରି ନୂଆ ନୂଆ ବିକୃତ ଶବ୍ଦକୁ ଆପଣେଇ ନେଇ ଧ୍ୱଂସ ଅଭିମୁଖେ ଯାତ୍ରା କରୁଅଛେ । ଯେପରି କହିବାର ଭାବ ଓ ଢଙ୍ଗକୁ ପରିବର୍ତ୍ତନ କରି କହିଲେ ଭାବନାର ସଠିକ୍ ବ୍ୟକ୍ତ ହୋଇପାରେ ନାହିଁ ସେହିପରି ସୁଶବ୍ଦ ଗୁଡ଼ିକୁ ଛାଡ଼ି ସମ ଅର୍ଥ ବୋଧକ ରୁଚିହୀନ ଶବ୍ଦ ପ୍ରୟୋଗରେ ସମସ୍ୟା ହିଁ ସୃଷ୍ଟି ହୁଏ । ସେଥିପାଇଁ କଥାରେ ଅଛି '(ଖାଆ, ଭୁଞ୍ଜ, ଗିଳ)' ଏହି ଶବ୍ଦ ତିନିଟିର ସମାନ ଅର୍ଥ ହେଲେ ହେଁ ଠିକ୍ ଭାବରେ ଠିକ୍ ଶବ୍ଦର ପ୍ରୟୋଗ ନ କଲେ ତାହା ଗ୍ରହଣୀୟ ହୋଇ ନଥାଏ ଏବଂ ସଂପର୍କର ଅମର୍ଯ୍ୟାଦା ହୋଇଥାଏ । ସର୍ବଶେଷରେ ଏତିକି କୁହାଯାଇପାରେ ଆମ ଭାଷା ଆମର ପରିଚୟ ଓ ଆମର ଗର୍ବ ଅଟେ। ତେଣୁ ତା'ର ଉପଯୁକ୍ତ ସୁରକ୍ଷା, ବ୍ୟବହାର ପାଇଁ କେବଳ ସରକାର ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାନ୍ତୀକରଣରେ ଚେଷ୍ଟା କରିବାକୁ ପଡ଼ିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅପ୍ରେଲ ୨୦୨୫ ବୁଧବାର

# ଆଭା

# ମା' ବିରଜା କଥା ଅନେକ...



ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ଶ୍ରୀବିରଜା ଭାରତବର୍ଷର ପ୍ରସିଦ୍ଧ । ଏକାବନ ଶକ୍ତିପୀଠ ମଧ୍ୟରେ ଅନ୍ୟତମ ଓ ପ୍ରାଚୀନତମ । ଦେବୀଙ୍କର ମୂର୍ତ୍ତି ଦ୍ୱିଭୁଜା ଓ ଦଶବର୍ଷୀୟା କୁମାରୀ କନ୍ୟାପରି କମନୀୟା । ଦେବୀ ବାମହସ୍ତରେ ମହିଷ ପଶୁର ପୁଚ୍ଛକୁ ଧରି ଦକ୍ଷିଣ ହସ୍ତରେ ତ୍ରିଶୂଳଦ୍ୱାରା ତାହାର ପୃଷ୍ଠଭାଗକୁ ବିଦ୍ଧ କରିଛନ୍ତି । ତାଙ୍କର କପାଳରେ ଗଣେଶ-ସର୍ପରାଜ ଅନନ୍ତ-ଯୋନି-ଲିଙ୍ଗ ଓ ଚନ୍ଦ୍ରର ପଞ୍ଚମୁଦ୍ରା ଶୋଭାଯାଉଛି । ବିଶେଷତ୍ୱ ହେଉଛି ଯେ, ଶକ୍ତି ସଂସ୍କୃତିରେ ଚତୁର୍ଭୁଜାଠାରୁ ଅଷ୍ଟାଦଶଭୁଜା ମୂର୍ତ୍ତି ଦୃଷ୍ଟିଗୋଚର ହେଉଥିବା ବେଳେ କେବଳ ବିରଜା ଦେବୀ ଦ୍ୱିଭୂଜା ଅଟନ୍ତି । ଅନନ୍ୟ ଭୁଜା କଳାକୃତିର ସାକାର କଳ୍ପନା ମଧ୍ୟରେ ବିରଜାଙ୍କ ବିରଳମୂର୍ତ୍ତି ସ୍ୱରୂପ ଏକ, କିନ୍ତୁ ପୁରାଣ ପୃଷ୍ଠାରେ ଅଙ୍କିତ ହୋଇଛି ଅନେକ କଥା, ରହସ୍ୟମୟ ତଥ୍ୟ ଓ ଦାର୍ଶନିକ ତତ୍ତ୍ୱ ।

**ସ୍ତମ୍ଭେଶ୍ୱରୀଙ୍କ ପ୍ରତୀକ ପୂଜାରୁ ପ୍ରତିମା ରୂପରେ ବିରଜା**

ପ୍ରାଚୀନ ଯୁଗରେ ପ୍ରକୃତିର ଉପାସନା କରୁଥିବା ଭାରତର ଆଦିମ ଅଧିବାସୀମାନେ ଯେଉଁ ସ୍ତମ୍ଭେଶ୍ୱରୀଙ୍କୁ ପୂଜା କରୁଥିଲେ, ସେହି ପରମ୍ପରାରେ ସଂସ୍କାରିତ ବିଗ୍ରହ ହେଉଛନ୍ତି ଶ୍ରୀବିରଜା । ଦେବୀ ବର୍ତ୍ତମାନ ମଧ୍ୟ ସିଂହାସନରେ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱରେ ତଥା ମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ରୁପା ତଥା ନାନାରତ୍ନମଣ୍ଡିତ ଓ ପଟ୍ଟବସ୍ତ୍ର ବେଷ୍ଟିତ ଏକ କାଷ୍ଠଦଣ୍ଡ ପୂଜା ପାଉଛନ୍ତି । ଶାରଦୀୟ ପୂଜା ସମୟରେ ସିଂହଧ୍ୱଜ ରଥରେ ସେହି କାଷ୍ଠଦଣ୍ଡ ଦେବୀଙ୍କ ବିଜେ ପ୍ରତିମା ରୂପେ ବିରାଜମାନ କରନ୍ତି ।

**ମହାଭାରତ ପୃଷ୍ଠାରେ ପୃଥିବୀମାତା ରୂପରେ ବିରଜା**

ପୁରାଣପୁରୁଷ ବ୍ୟାସଦେବଙ୍କ ରଚିତ ସଂସ୍କୃତ ମହାଭାରତର ଏକଶହ ଚଉଦ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଯେ, ପ୍ରାଚୀନ ଯୁଗରେ ସ୍ୱୟଂ ବ୍ରହ୍ମା ବିରଜଃକ୍ଷେତ୍ରରେ ଏକ ଯଜ୍ଞ ଅନୁଷ୍ଠାନ କରିଥିଲେ । ଯଜ୍ଞର ପୁରୋଧା କଶ୍ୟପମୁନିଙ୍କୁ ଦକ୍ଷିଣାରୂପରେ ପୃଥ୍ୱୀମାତାଙ୍କୁ ଦିଆଯାଇଥିଲା । ମର୍ତ୍ତ୍ୟର ଜଣେ ମାନବଙ୍କୁ ପ୍ରଦାନ କରାଯାଉଥିବାରୁ ପୃଥିବୀମାତା କୁପିତା ହୋଇ ପାତାଳଗାମୀ ହେଲେ । ତାହାପରେ କଶ୍ୟପମୁନିଙ୍କ ପ୍ରାର୍ଥନାରେ ସେ ସନ୍ତୁଷ୍ଟ ହୋଇ ବେଦୀ ରୂପରେ ପ୍ରକାଶିତ ହେଲେ । ସେହି ବେଦୀରୂପିଣୀ ପୃଥିବୀମାତା ପରବର୍ତ୍ତୀ ସମୟରେ ବିରଜା ନାମରେ ଅଭିହିତ ହେଲେ ।

**ବାୟୁପୁରାଣ ପୃଷ୍ଠାରେ ପିତୃକନ୍ୟାରୂପେ ବିରଜା**

ସର୍ବ ପ୍ରାଚୀନ ବାୟୁପୁରାଣ ମତରେ ଆଜ୍ୟପା ନାମକ ପିତୃଗଣଙ୍କର ମାନସୀ କନ୍ୟା ହେଉଛନ୍ତି ବିରଜା । ସେହି ଦୃଷ୍ଟିରୁ ନାଭିଗୟାରେ ପିଣ୍ଡଦାନ ପରେ ପିଣ୍ଡଦାତା ପିତୃକନ୍ୟା ବିରଜାଙ୍କୁ ଦର୍ଶନ କରି ଶ୍ରାଦ୍ଧ ବିଧିକୁ ସମ୍ପନ୍ନ କରିଥାନ୍ତି ।

**ବିରଜାକ୍ଷେତ୍ର ମାହାତ୍ମ୍ୟରେ ବ୍ରହ୍ମାଗ୍ନିଜାତା ବିରଜା**

ସ୍କନ୍ଦପୁରାଣ ବିରଜାକ୍ଷେତ୍ର ମାହାତ୍ମ୍ୟର ବର୍ଣ୍ଣନାରୁ ଜଣାଯାଏ ଯେ, ଭଗବାନ ବିଷ୍ଣୁଙ୍କ ପ୍ରତି ଦ୍ରୋହ କାରଣରୁ ପିତାମହ ବ୍ରହ୍ମା ଅପୂଜ୍ୟ ହେବାର ଅଭିଶାପ ପାଇଥିଲେ । ଏହି ଶାପରୁ ମୁକ୍ତି ପାଇବା ପାଇଁ ଭଗବାନ ଶିବଙ୍କ ପରାମର୍ଶରେ ସେ ପୁଣ୍ୟତୋୟା ବୈତରଣୀତଟସ୍ଥିତ ବିରଜଃକ୍ଷେତ୍ରରେ ଏକ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଯଜ୍ଞର ଦକ୍ଷିଣାଗ୍ନି କୁଣ୍ଡରୁ ପ୍ରଭୁ ଶଙ୍କର ଆର୍ବିଭୂତ ହୋଇ ଈଶାନେଶ୍ୱର ନାମରେ ଏଠାରେ ଅବସ୍ଥାନ କଲେ ଏବଂ ମାର୍ହପତ୍ୟ ଅଗ୍ନିକୁଣ୍ଡରୁ ଜ୍ୟୋତି ରୂପରେ ଭଗବତୀ ବିରଜା ପ୍ରକାଶିତ ହୋଇ ଏଠାରେ ଈଶାନେଶ୍ୱରଙ୍କ ସହିତ କ୍ଷେତ୍ର ଲକ୍ଷ୍ମୀ ରୂପରେ ବାସ କଲେ । ଫଳରେ ଏହି ପୁଣ୍ୟଭୂମି ଅବିମୁକ୍ତ କ୍ଷେତ୍ରର ମର୍ଯ୍ୟାଦା ଲାଭ କରି ଶକ୍ତି ସଂସ୍କୃତିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକଲା ।

**ଦେବୀ ଭାଗବତରେ ବିନ୍ଧ୍ୟେଶ୍ୱରୀ ରୂପରେ ବିରଜା**

ଆର୍ଯ୍ୟ ଧର୍ମର ମହାନ ପ୍ରଚାରକ ଅଗସ୍ତ୍ୟ ମୁନିଙ୍କଙ୍କ ଆଗମନରେ ବିରଜା କ୍ଷେତ୍ରର ଆଦିମ ଅଧିବାସୀମାନେ ପ୍ରଭାବିତ ହୋଇ ତାଙ୍କୁ ସସମ୍ମାନେ ଗୁରୁ ରୂପରେ ଓ ତାଙ୍କ ପତ୍ନୀ ଲୋପାମୁଦ୍ରାଙ୍କୁ ଗୁରୁମାତା ରୂପେ ଗ୍ରହଣ କରିଥିଲେ । ମହର୍ଷିଙ୍କର ଦାକ୍ଷିଣାତ୍ୟ ଯାତ୍ରାରେ କିଛି କାଳପରେ ଗୁରୁମାତାଙ୍କ ଦେହାନ୍ତ ଘଟିବାରୁ ଶିଷ୍ୟମାନେ ତାଙ୍କୁ ବିନ୍ଧ୍ୟେଶ୍ୱରୀ ରୂପରେ ପୂଜା କଲେ । ପରବର୍ତ୍ତୀ ସମୟରେ ସେହି ବିନ୍ଧ୍ୟେଶ୍ୱରୀ ସ୍ୱାୟମ୍ଭୁବମନୁଙ୍କ ଦ୍ୱାରା ସଂସ୍କାରିତ ହୋଇ ବିରଜେଶ୍ୱରୀ ନାମରେ ପରିଚିତ ହେଲେ ।

**ବ୍ରହ୍ମବୈବର୍ତ୍ତ ପୁରାଣରେ ବିରଜା**

ଶ୍ରୀକୃଷ୍ଣଙ୍କର ସଖୀରୂପରେ ଏବଂ ତନ୍ତ୍ର ସାହିତ୍ୟ ପୃଷ୍ଠାର ଉଡ୍ଡୀୟମାନ ପୀଠର ଅଧିଶ୍ୱରୀ ଭାବେ ସେ ପରିଚିତ ହୋଇଛନ୍ତି । ତାଙ୍କର ମୂର୍ତ୍ତି ଓ ସ୍ୱରୂପ ଭାରତୀୟ ଶାକ୍ତ ଧାରାରେ ପ୍ରଥମ ଓ ଅନନ୍ୟ ବୋଲି ସ୍ୱୀକୃତ ହୋଇଛି । ବିବର୍ତ୍ତନ କ୍ରମରେ ବିରଜାଙ୍କ ଏକରୂପ ମଧ୍ୟରେ ଅନେକ କଥାର ରହସ୍ୟ ଲୁଚି ରହିଛି ।

## କର୍ମ ଆଗରେ ହାର୍ ମାନିଛି ବୟସ

# ୧୦୮ ବର୍ଷୀୟା ମହିଳା କଲେ ଗିନିସ୍ ବିଶ୍ୱ ରେକର୍ଡ



୧୦୮ ବର୍ଷରେ ଏବେ ବି କାର୍ଯ୍ୟରତ ଅଛନ୍ତି। ସେଥିପାଇଁ ସବୁଠାରୁ ବୟସ୍କ କାର୍ଯ୍ୟରତ ମହିଳା ବାରିକ ଭାବେ ଗିନିସ୍ ବିଶ୍ୱ ରେକର୍ଡ (ଜିଡବ୍ଲ୍ୟୁଆର)ରେ ସ୍ଥାନ ପାଇଛନ୍ତି । କଥାଟା ହୁଏତ ଆପଣଙ୍କର ବିଶ୍ୱାସ ହେଉନଥିବ । କିନ୍ତୁ, ଏହି କଥାଟା ପୂରା ସତ । ଜାପାନର ପୂର୍ବବର୍ତ୍ତୀ ଟୋଚିଗି ରାଜ୍ୟ ନାକାଗାୱା ସହରର ୧୦୮ ବର୍ଷୀୟା ମହିଳା ଶିତ୍ସୁଇ ହାକୋଇଶି ବିଶ୍ୱର ସବୁଠାରୁ ବୟସ୍କ କାର୍ଯ୍ୟରତ ମହିଳା ବାରିକ ଭାବେ ଗିନିସ୍ ବିଶ୍ୱ ରେକର୍ଡ (ଜିଡବ୍ଲ୍ୟୁଆର)ରେ ସ୍ଥାନ ପାଇଛନ୍ତି । ନାକାଗାୱା ସହରରେ ଥିବା ହାକୋଇଶିଙ୍କ ସେଲୁନରେ ଜିଡବ୍ଲ୍ୟୁଆରର ଅଧିକାରୀମାନେ ତାଙ୍କୁ ସବୁଠାରୁ ବୟସ୍କ ମହିଳା ବାରିକ ଭାବେ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଖୁସିକୁ ଶିତ୍ସୁଇଙ୍କ ନିୟମିତ ଗ୍ରାହକ ଏବଂ ସ୍ଥାନୀୟ ଲୋକେ ମିଶି କେକ୍ କାଟି ସେଲିବ୍ରେଟ୍ କରିଥିଲେ। କେବଳ ଏତିକି ନୁହେଁ ଏହି ବିଶେଷ ମୁହୂର୍ତ୍ତକୁ ମନେ ରଖିବାକୁ ହାକୋଇଶିଙ୍କ ସେଲୁନକୁ ବିଭିନ୍ନ ପ୍ରକାର ଫୁଲରେ ସଜାଯାଇଥିଲା ।

ହାକୋଇଶି ୧୯୧୬ ନଭେମ୍ବର ୧୦ ତାରିଖରେ ନାକାଗାୱାର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୯୩୬ରେ ମାତ୍ର ୨୦ ବର୍ଷ ବୟସରେ ସେଲୁନ ଖୋଲିବା ପାଇଁ ତାଙ୍କୁ ଲାଇସେନ୍ସ ମିଳିଥିଲା । ତାଙ୍କ ସ୍ୱାମୀ ମଧ୍ୟ ଜଣେ କେଶ କଟାଳି ଥିଲେ। ସେ ସ୍ୱାମୀଙ୍କ ସହ ମିଶି ଜାପାନର ରାଜଧାନୀ ଟୋକିଓରେ ନିଜ ପ୍ରଥମ ସେଲୁନ ଖୋଲିଥିଲେ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହେବାପରେ ସେ ନିଜ ଦୋକାନ ମଧ୍ୟ ହରାଇଥିଲେ । ଫଳରେ ହାକୋଇଶି ନିଜ ବାପଘର ନାକାଗାୱାକୁ ଫେରି ଆସିଥିଲେ। ସେ ନାକାଗାୱାରେ ନୂତନ ସେଲୁନ ଆରମ୍ଭ କରି ନିଜ ୨ ପିଲାଙ୍କୁ ଲାଳନପାଳନ କରିଥିଲେ। ଏହି ସେଲୁନ ବର୍ତ୍ତମାନ ମଧ୍ୟ ଚାଲିଛି । ଜିଡବ୍ଲ୍ୟୁଆରରେ ସ୍ଥାନ ପାଇ ହାକୋଇଶି କହିଛନ୍ତି, ନିଜ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ତାଙ୍କୁ ଆଶ୍ୱସ୍ତି ମିଳିଥାଏ। ଏହି ସମୟକୁ ସେ ଖୁବ୍ ଉପଭୋଗ କରିଥାନ୍ତି। ତେଣୁ ବର୍ତ୍ତମାନ ସେ ଏହି ସେବାରୁ ନିବୃତ୍ତ ରହିବା ନେଇ ଚିନ୍ତା କରିନାହାନ୍ତି । ଅପରପକ୍ଷରେ ହାକୋଇଶି ସ୍ୱୀକାର କରିଛନ୍ତି ଆଣ୍ଠୁ ଯନ୍ତ୍ରଣା କାରଣରୁ, ସେ ପ୍ରତି ମାସରେ ଅଳ୍ପ ସଂଖ୍ୟକ ନିୟମିତ ଗ୍ରାହକଙ୍କ କେଶ କାଟୁଛନ୍ତି । ସେ କହିଛନ୍ତି 'ଛୋଟବେଳୁ ମୋ ଜୀବନ କଷ୍ଟରେ ପରିପୂର୍ଣ୍ଣ, କିନ୍ତୁ ମୁଁ ପ୍ରକୃତରେ ଖୁସି ।'' ଅନ୍ୟପଟେ ଯେପର୍ଯ୍ୟନ୍ତ ତାଙ୍କ ସେଲୁନକୁ ଗ୍ରାହକ ଆସୁଥିବେ, ସେପର୍ଯ୍ୟନ୍ତ ସେ ସେମାନଙ୍କୁ ସେବା ପ୍ରଦାନ କରି ଚାଲୁଥିବେ ବୋଲି ଏହି ବୟସ୍କା କେଶ କଟାଳି କହିଛନ୍ତି । ସୂଚନାଯୋଗ୍ୟ, ୨୦୨୧ ମାର୍ଚ୍ଚରେ ଟୋକିଓ ଅଲିମ୍ପିକ୍ସ ପାଇଁ କରାଯାଇଥିବା ମଶାଲ ରିଲେରେ ଅଂଶଗ୍ରହଣ କରିବାକୁ ହାକୋଇଶିଙ୍କୁ ସୁଯୋଗ ମିଳିଥିଲା।

# ପ୍ରଖର ଦୃଷ୍ଟି ଶକ୍ତି ପାଇଁ ଖାଆନ୍ତୁ କ୍ୟାପସିକମ୍



**କ୍ୟା**ପସିକମ୍ ଏକ ପନିପରିବା ଯାହାକୁ ଆମେ ପ୍ରାୟତଃ କଡ଼ାଇ ପନିର ସହିତ କିମ୍ବା କୌଣସି ଚିକ୍କା ଖାଦ୍ୟରେ ଖାଇଥାଉ । କିନ୍ତୁ ବିଶ୍ୱାସ କରନ୍ତୁ ଯଦି ଆପଣ ସପ୍ତାହରେ ଦୁଇରୁ ତିନିଥର ନିୟମିତ ଭାବରେ କ୍ୟାପସିକମ ଖାଦ୍ୟରେ ଗ୍ରହଣ କରନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ । କ୍ୟାପସିକମ୍ ହେଉଛି ଅନେକ ପ୍ରକାରର ପୋଷକ ତତ୍ତ୍ୱରେ ଭରପୂର ଏପରି ଏକ ପରିବା, ଯାହା ସବୁଜ, ଲାଲ, ହଳଦିଆ ଏବଂ କମଳା ରଙ୍ଗରେ ମିଳିଥାଏ। ଏଥିରେ ବହୁତ କମ୍ କ୍ୟାଲୋରୀ ଥାଏ କିନ୍ତୁ ଏଥିରେ ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇ ରହିଥାଏ। ତେଣୁ ଏହା ଓଜନ ହ୍ରାସ କରିବାରେ ସହାୟକ ହୋଇଥିଏ। କ୍ୟାପସିକମ୍‌ରେ ଭିଟାମିନ୍ ସି ଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ଚର୍ମ ପାଇଁ ବହୁତ ଲାଭଦାୟକ। ଏଥିରେ ଆୟରନ୍ ମଧ୍ୟ ଥାଏ, ଯାହା ରକ୍ତହୀନତାକୁ ରୋକେ। କ୍ୟାପସିକମ୍ ହାଡ଼ଠାରୁ ହୃତ୍‌ପିଣ୍ଡ ପର୍ଯ୍ୟନ୍ତ ସବୁକିଛି ମଜବୁତ କରିପାରେ। ଆସନ୍ତୁ ଜାଣିବା ଏହାର କିଛି ଲାଭ ବିଷୟରେ। କ୍ୟାପସିକମର ଲାଭ : ଦୃଷ୍ଟି ଶକ୍ତି ପ୍ରଖର କରିଥାଏ – ହେଲଥଲାଇନ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କ୍ୟାପସିକମ୍ ଖାଇବା ଦ୍ୱାରା ଆପଣ ଇଗଲ୍ ସଦୃଶ ଦୃଷ୍ଟି ଶକ୍ତି ପାଇପାରିବେ। କାରଣ ଏହା ବୟସଜନିତ ଆଖି କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ । ଏହା ମୋତିଆବିନ୍ଦୁ ହେବାର ଆଶଙ୍କା ହ୍ରାସ କରେ । କ୍ୟାପସିକମ୍‌ରେ ଲ୍ୟୁଟିନ୍ ଏବଂ ଜିକ୍ସାଥିନ୍ ନାମକ ଯୌଗିକ ଥାଏ ଯାହା ଆଖିକୁ ସମସ୍ତ ପ୍ରକାରର ସୁରକ୍ଷା ଦିଏ । ଏଥିରେ ଭିଟାମିନ୍ ଏ ଏବଂ ବିଟା-କେରାଟିନ୍ ଥାଏ, ଯାହା ଦୃଷ୍ଟିଶକ୍ତି ବଜାୟ ରଖିବାରେ ସହାୟକ ହୋଇଥାଏ। ତ୍ୱଚାର ଚମକ ବଜାୟ ରଖେ- କ୍ୟାପସିକମ୍‌ର ତ୍ୱଚା ପାଇଁ ସବୁଠାରୁ ଅଧିକ ଲାଭଦାୟକ । ଏଥିରେ ଭିଟାମିନ୍ ସି ସହିତ ଅନେକ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଯାହା ତ୍ୱଚାରେ କୋମଳତା ଆଣିଥାଏ। ଏହା ଚର୍ମ ସଂକ୍ରମଣ ହେବାକୁ ଦିଏ ନାହିଁ ଏବଂ କୋଲାଜେନ ଉତ୍ପାଦନକୁ ମଧ୍ୟ ବୃଦ୍ଧି କରେ। ହୃତପିଣ୍ଡକୁ ମଜବୁତ କରେ – କ୍ୟାପସିକମ୍ ହୃତପିଣ୍ଡ ପାଇଁ ମଧ୍ୟ ପାଇଁ ବହୁତ ଲାଭଦାୟକ । କ୍ୟାପସିକମ୍‌ରେ ପୋଟାସିୟମ୍, ଫସଫରସ୍, ଭିଟାମିନ ସି, ଜିଙ୍କ ଭଳି ଉପାଦାନ ରହିଛି, ଯାହା ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। କ୍ୟାପସିକମ୍ ଖାଇବା ଦ୍ୱାରା ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ହୁଏ। ଗଣ୍ଠି ଯନ୍ତ୍ରଣାରେ ଲାଭଦାୟକ – କ୍ୟାପସିକମ୍ ଗଣ୍ଠି ଯନ୍ତ୍ରଣାରେ ଆରାମ ପ୍ରଦାନ କରେ। ପ୍ରକୃତରେ କ୍ୟାପସିକମ୍‌ରେ ପ୍ରଦାହ-ବିରୋଧୀ ଗୁଣ ରହିଛି, ଯାହା ପ୍ରଦାହକୁ ହ୍ରାସ କରେ। ଶରୀରରେ ପ୍ରଦାହ ଯୋଗୁଁ ସନ୍ଧି ଯନ୍ତ୍ରଣା ହୋଇଥାଏ, ଯାହାର ଅନେକ କାରଣ ରହିଛି। କର୍କଟ ରୋଗର ଆଶଙ୍କା ହ୍ରାସ କରେ – କ୍ୟାପସିକମ୍ କର୍କଟ ରୋଗର ଆଶଙ୍କାକୁ ହ୍ରାସ କରିପାରିବ। କିଛି ଅଧ୍ୟୟନରୁ ଜଣାପଡିଛି ଯେ, କ୍ୟାପସିକମରେ ମିଳୁଥିବା ଲାଇକୋପିନ୍, ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନ ଭଳି ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯାହା କର୍କଟ ରୋଗକୁ ରୋକିଥାଏ ଏବଂ କର୍କଟ କୋଷର ବୃଦ୍ଧିକୁ ମଧ୍ୟ ରୋକିବାରେ ସାହାଯ୍ୟ କରିଥାଏ ।

# ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ପ୍ରେମୀ ଯୁଗଳଙ୍କୁ ମିଳେ ଆଶ୍ରୟ : ଖାଇବା ଏବଂ ରହିବା ମାଗଣା



**ପ୍ରେ**ମକୁ ନେଇ ପ୍ରତ୍ୟେକ ଭାଷା ଏବଂ ସାହିତ୍ୟରେ ଅନେକ କାହାଣୀ ରହିଛି। ଲୈଲା-ମଜନୁ ଏବଂ ରୋମିଓ-ଜୁଲିଏଟ ପରି ଅନେକ ପ୍ରେମୀ ଯୁଗଳଙ୍କ କାହାଣୀ ସମସ୍ତଙ୍କ ମନକୁ ଛୁଇଁଛି । ଯେଉଁମାନେ ପ୍ରେମର ନାମକୁ ଅମର କରିଛନ୍ତି । କିନ୍ତୁ, ଆଜି ଆମେ ଆପଣଙ୍କୁ ଭାରତର ଏପରି ଏକ ଗାଁ ବିଷୟରେ କହିବୁ, ଯେଉଁଠାରେ ପ୍ରେମୀଯୁଗଳ ଘରୁ ଲୁଚିକି ଆସିବା ପରେ ଆଶ୍ରୟ ନିଅନ୍ତି ଏହି ଗାଁର ଲୋକମାନେ ପ୍ରେମୀ ଯୁଗଳଙ୍କୁ ଆଶ୍ରୟ ଦିଅନ୍ତି । ଏପର୍ଯ୍ୟନ୍ତ ଭାରତରେ ପ୍ରେମ ବିବାହକୁ କିଛି ଲୋକ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । କେବଳ ଏତିକି ନୁହେଁ, ଅନେକ ଲୋକ ଏହାକୁ ଖରାପ ଦୃଷ୍ଟିରେ ମଧ୍ୟ ଦେଖିଥାନ୍ତି । ଅନ୍ୟ ଧର୍ମର କିମ୍ବା ଅନ୍ୟ ଜାତିର ବ୍ୟକ୍ତିଙ୍କୁ ବିବାହ କଲେ ବେଳେ ବେଳେ ଅନେକ ସମସ୍ୟା ସୃଷ୍ଟି ହୋଇଯାଏ । ଏହିପରି ବିବାହକୁ ଅନେକ ସମୟରେ ସାମାଜିକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିଥାଏ । କିନ୍ତୁ ପ୍ରେମ ବିବାହ ଦୁନିଆର ଅନେକ ଦେଶରେ ସାଧାରଣ ଘଟଣା ପାଲଟିଗଲାଣି । କିନ୍ତୁ ବୟସ ହେଲା ପରେ ପ୍ରେମ ବିବାହ ଭାରତରେ ସମ୍ପୂର୍ଣ୍ଣ ରୂପେ ଆଇନତଃ ଗ୍ରହଣୀୟ । ତେବେ ଭାରତରେ ପ୍ରେମ ବିବାହର ଧାରା ଆରମ୍ଭ ହୋଇସାରିଛି। କିନ୍ତୁ ଅନେକ ସମୟରେ ପରିବାର ସଦସ୍ୟ ପ୍ରେମ ବିବାହକୁ ବିରୋଧ କରିଥା'ନ୍ତି । ଏଭଳି ପରିସ୍ଥିତିରେ ପରସ୍ପରକୁ ଭଲ ପାଉଥିବା ପ୍ରେମୀ ଯୁଗଳ ଘରୁ ପଳାଇ ବିବାହ କରନ୍ତି । ଘରୁ ପଳାଇବା ପରେ ସେମାନେ ଏକ ସୁରକ୍ଷିତ ସ୍ଥାନ ଖୋଜିଥା'ନ୍ତି । କିନ୍ତୁ ଏପରି ଏକ ସ୍ଥାନ ବିଷୟରେ କହିବାକୁ ଯାଉଛୁ ଯେଉଁଠାରେ ପ୍ରେମିକପ୍ରେମିକାଙ୍କୁ ଆଶ୍ରୟ ଦିଅନ୍ତି ଲୋକେ । ଭାରତରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପ୍ରେମୀ ଯୁଗଳଙ୍କୁ ଆଶ୍ରୟ ଦିଆଯାଏ । ଏହି ସ୍ଥାନ ହେଉଛି ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ଅବସ୍ଥିତ ଶାଙ୍ଗଚୁଲ ମହାଦେବ ମନ୍ଦିର। ଦେଶର ବିଭିନ୍ନ ସ୍ଥାନରୁ ପ୍ରେମପକ୍ଷୀମାନେ ଏହି ମନ୍ଦିରକୁ ଆସନ୍ତି। ସେମାନଙ୍କୁ ଏଠାରେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଦିଆଯିବା ସହ ଖାଦ୍ୟପାନୀୟର ମଧ୍ୟ ବ୍ୟବସ୍ଥା କରାଯାଏ । ଏହି ଗାଁର ଲୋକମାନଙ୍କର ବିଶ୍ୱାସ ରହିଛି, ଯଦି ସେମାନେ ପ୍ରେମୀ ଯୁଗଳଙ୍କୁ ଆଶ୍ରୟ ଦେବେନାହିଁ । ତେବେ ଭଗବାନ ସେମାନଙ୍କ ଉପରେ ରାଗିଯିବେ । ବିଶ୍ୱାସ ଅନୁଯାୟୀ ପାଣ୍ଡବମାନେ ଏହି ଗାଁକୁ ଆଶ୍ରୟ ନେବାକୁ ଆସିଥିଲେ । ତା'ପରେ ଲୋକମାନେ ତାଙ୍କୁ ଏହି ମନ୍ଦିରରେ ଲୁଚାଇ ଦେଇଥିଲେ । ଯେତେବେଳେ ସେମାନଙ୍କୁ ଖୋଜିଖୋଜି କରି କୌରବମାନେ ସେଠାରେ ପହଞ୍ଚିଲେ ଶାଙ୍ଗଚୁଲା ମହାଦେବ ପାଣ୍ଡବମାନଙ୍କୁ ରକ୍ଷା କରିଥିଲେ। ମହାଦେବ କହିଥିଲେ ଯେ, ଯିଏ ତାଙ୍କର ଶରଣକୁ ଆସେ, ସେ ତାଙ୍କୁ ସୁରକ୍ଷା ଦେବେ । ଏହି ବିଶ୍ୱାସ ଆଧାରରେ ଆଜି ମଧ୍ୟ ଏଠାରେ ଆଶ୍ରୟ ନେଉଥିବା ଲୋକମାନେ ସୁରକ୍ଷିତ ଅଛନ୍ତି। ଏହି ପରମ୍ପରା ବର୍ଷ ବର୍ଷ ଧରି ଚାଲିଆସୁଛି । ପ୍ରତ୍ୟେକ ପ୍ରେମୀ ଯୁଗଳଙ୍କ ପାଇଁ ଏଠାରେ ଖାଦ୍ୟ ଏବଂ ରହିବା ବ୍ୟବସ୍ଥା କରାଯାଇଥାଏ। ଏହି ଗାଁରେ ପୋଲିସର ପ୍ରବେଶ ନିଷେଧ ରହିଛି । ଏଥିସହ ଗାଁରେ କୌଣସି ଅସ୍ତ୍ରଶସ୍ତ୍ର ପରିବହନ ମଧ୍ୟ ନିଷେଧ ।

# ପେଟ ପାଇଁ ଲାଭଦାୟକ ନଡ଼ିଆ



ସକାଳେ ଶୀଘ୍ର ଉଠି ନଡ଼ିଆ ଖାଇବା ପେଟ ପାଇଁ ବହୁତ ଲାଭଦାୟକ ହୋଇପାରେ। ଏଥିରେ ଫାଇବର ଏବଂ ହେଲ୍‌ଦି ଫ୍ୟାଟ୍ ରହିଛି, ଯାହା ହଜମ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରିପାରେ। ଏହା ବ୍ୟତୀତ ଏହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେବାରେ ମଧ୍ୟ ସହାୟକ ହୋଇପାରେ। ନଡ଼ିଆ ଏକ ସୁପରଫୁଡ୍ ଠାରୁ କମ୍ ନୁହେଁ ଯାହା ପୂଜା ଠାରୁ ଖାଇବା ପର୍ଯ୍ୟନ୍ତ ବ୍ୟବହାର କରାଯାଏ । ସେଥିପାଇଁ ନଡ଼ିଆକୁ ପୁଷ୍ଟିକର ଉପାଦାନର ଭଣ୍ଡାର କୁହାଯାଏ। ଆୟୁର୍ବେଦରେ ନଡ଼ିଆକୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ସକାଳେ ଆପଣ ନଡ଼ିଆକୁ ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବରେ ମଧ୍ୟ ଖାଇପାରିବେ। କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇପାରିବ। କଞ୍ଚା ନଡ଼ିଆ ମଧ୍ୟ ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଏଥିରେ ଅଧିକ ପରିମାଣର ଫାଇବର ଥାଏ ଏବଂ ଏଥିର ଗ୍ଲାଇସେମିକ୍ ଇଣ୍ଡେକ୍ସ ମଧ୍ୟ କମ୍ ଥାଏ। ଏହା ଆପଣଙ୍କ ପେଟକୁ ବହୁତ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରାଇପାରେ। ଯେଉଁମାନେ ସକାଳେ ଖାଲି ପେଟରେ କଞ୍ଚା ନଡ଼ିଆ ଖାଆନ୍ତି, ସେମାନେ ପେଟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ। କଞ୍ଚା ନଡ଼ିଆ ପାଚନ ପ୍ରକ୍ରିୟାକୁ ଶକ୍ତିଶାଳୀ କରିବା ପାଇଁ ଭଲ। ଏହା ସାହାଯ୍ୟରେ ଶରୀରରେ ଜମା ହୋଇଥିବା ଖରାପ କୋଲେଷ୍ଟ୍ରୋଲ୍‌କୁ ହ୍ରାସ କରାଯାଇପାରିବ । ପ୍ରତିଦିନ କଞ୍ଚା ନଡ଼ିଆ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ। କଞ୍ଚା ନଡ଼ିଆ ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଫାଇବର ମିଳିଥାଏ। କଞ୍ଚା ନଡ଼ିଆରେ ଆମିନୋ ଏସିଡ୍ ଏବଂ ହେଲ୍‌ଦି ଫ୍ୟାଟ୍ ରହିଥାଏ, ଯାହା ମଧୁମେହ ନିୟନ୍ତ୍ରଣରେ ସାହାଯ୍ୟ କରେ।

# ବାରମ୍ବାର ଆଖି ଡେଇଁବା ରୋଗର ପୂର୍ବାଭାସ

ସାଧାରଣରେ ଧାରଣ ରହିଛି ଯେ ଆଖି ଡେଇଁବା କେବଳ ଶୁଭ-ଅଶୁଭର ସଙ୍କେତ ଦେଇଥାଏ । କିନ୍ତୁ ଏହା ପଛରେ ବାସ୍ତବତା ରହିଛି ନା' କେବଳ ଅନ୍ଧବିଶ୍ୱାସ । ତାହାର କୌଣସି ପ୍ରମାଣ ମିଳିନାହିଁ । କିନ୍ତୁ ବିଶେଷଜ୍ଞଙ୍କ ମତରେ ଆଖି ଡେଇଁବା କେତେକ ରୋଗର ପୂର୍ବାଭାସ ହୋଇପାରେ । ଚାଲନ୍ତୁ ଜାଣିବା ଏ ବିଷୟରେ ଅଧିକ କିଛି... ଜ୍ୟୋତିଷ ବିଜ୍ଞାନ ଅନୁସାରେ ଆଖି ଡେଇଁବା ଅର୍ଥାତ ଜୀବନରେ କିଛି ଶୁଭଅଶୁଭ ଘଟଣା ଘଟିବାର ସଙ୍କେତ ମିଳିଥାଏ । ଅନ୍ଧବିଶ୍ୱାସଠାରୁ ଦୂରେଇ ରୁହନ୍ତୁ। ଆଖି ଡେଇଁବା ଖୁବ୍ ସାଧାରଣ । କେତେକ ସ୍ଥିତିରେ ଏହା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ମହିଳାଙ୍କ ଆଖି ପୁରୁଷଙ୍କ ତୁଳନାରେ ଅଧିକ ଡେଇଁଥାଏ। ଆଖି ଡେଇଁବାର ଲକ୍ଷଣ : ଅଧିକ ଚିନ୍ତା , ଅଧିକ ଥକ୍କାପଣ ଅନୁଭବ ହେବା , ଠିକ୍ ଭାବେ ନିଦ ନ ହେବା, ଆଖି ଉପରେ ଚାପ ପଡିବ ଯୋଗୁ ଆଖିରେ ଜ୍ୱଳନ ହେବା, ପ୍ରଦୂଷିତ ପବନ, ଔଷଧର ପାର୍ଶ୍ୱର୍ ପ୍ରତିକ୍ରିୟା, ଶରୀରରେ ପୋଷକ ତତ୍ତ୍ୱର ଅଭାବ, ଅଟୋଇମ୍ୟୁନ୍ ଡିଜଅର୍ଡର କିମ୍ବା ମେଟାବଲିକ୍ ଡିଜଅର୍ଡର ହେଲେ, ଅଧିକ କ୍ୟାଫିନ୍ ବ୍ୟବହାର, ଡିଷ୍ଟୋନିଆ, ସର୍ଭାଇକାଲ୍ ଡିଷ୍ଟୋନିଆ, ମଲ୍ଟିପଲ୍ ସ୍କେଲେରୋସିସ୍, ପାର୍କିନସନ୍ ଆଦି ସ୍ନାୟବିକ ସମସ୍ୟା ରହିଥିଲେ। 'ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ' ଅନୁସାରେ ଯଦି ଦୀର୍ଘଦିନ ଧରି ଆଖି ଡେଉଁଥାଏ, ତେବେ ଏହା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ଚିକିତ୍ସା କ୍ଷେତ୍ରରେ ଆଖି ଡେଇଁବାର ୩ଟି ସ୍ଥିତି ରହିଥାଏ। ପ୍ରଥମମାୟୋକିମିୟା, ଦ୍ୱିତୀୟ- ବ୍ଲେଫାରୋସ୍ପାମ୍, ତୃତୀୟ- ହେମିଫେସିଆଲ୍ ସ୍ପାମ୍ । ଆଇଲିଡ୍ ମାୟୋକିମିଆ : ଏହି ସ୍ଥିତିରେ ଆଖି ଡେଇଁଥାଏ, କିନ୍ତୁ ହାଲ୍‌କାଫୁଲକା । ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁ କେବେ କେବେ ଏମିତି ଗୋଟିଏ ବା ଦୁଇଟି ଦିନ କିମ୍ବା କେତେ ଘଣ୍ଟା ପାଇଁ ଆଖି ଡେଇଁଥାଏ । ଏହା ଧୀରେ ଧୀରେ ଠିକ୍ ହୋଇଥାଏ । ଏହି ସ୍ଥିତି ଷ୍ଟ୍ରେସ୍, ଆଖିର ଥକ୍କାପଣ, ଅଧିକ କ୍ୟାଫିନ୍‌ଯୁକ୍ତ ପାନୀୟ ବ୍ୟବହାର, ନିଦ ପୁରା ନ ହେବା ଓ ଅଧିକ ମୋବାଇଲ ବା କମ୍ପ୍ୟୁଟର ବ୍ୟବହାର ଦ୍ୱାରା ଉପୁଜିଥାଏ । ବିନାଇନ୍ ଇସେନସିଆଲ୍ ବ୍ଲେଫାରୋସ୍ପାମ୍ : ଏହି ସ୍ଥିତି ଆଖି ସହ ଯୋଡି ହୋଇଥିବା ଏକ ଗମ୍ଭୀର ସମସ୍ୟା। ଏହି ସମସ୍ୟା ହେବା ଦ୍ୱାରା ଆଖିର ମାଂସପେଶୀ ସଙ୍କୁଚିତ ହୋଇଚାଲେ । ଫଳରେ ଆଖି କ୍ଷତିଗ୍ରସ୍ତ ହୋଇଚାଲେ । ଏହି ରୋଗ ହେବା ପରେ ଆଖି ପତା ଖୋଲିବା ଓ ବନ୍ଦ କରିବା ସମୟରେ ଯନ୍ତ୍ରଣା ଅନୁଭବ ହେବା ସହ ଆଖି ଫୁଲିବା ଓ ଝାପ୍‌ସା ଦେଖାଯିବା ପରି ସମସ୍ୟାମାନ ଉପୁଜିଥାଏ । ପରବର୍ତ୍ତୀ ସମୟରେ ଆଖି ଆଖପାଖ ମାଂସପେଶୀ ଡେଇଁବା ଆରମ୍ଭ ହୋଇଥାଏ । ଯଦି ଲଗାତାର ସ୍କ୍ରିନ୍‌ରେ କାମ କରୁଥାନ୍ତି, ତେବେ ପ୍ରତି ୨ ଘଣ୍ଟା ପରେ ୨୦ ମିନିଟ୍ ପାଇଁ ଆରାମ ନେବା ଆବଶ୍ୟକ । ଦୁଇ ହାତକୁ ପରସ୍ପର ସହ ଘସି ଆଖି ଉପରେ କିଛି ସମୟ ପାଇଁ ରଖିଲେ ଆରାମ ମିଳିଥାଏ ।

# ୧୦ ଆଥ୍‌ଲେଟ୍‌ଙ୍କୁ ସହାୟତାର ହାତ ବଢ଼ାଇଲେ ଶିବମ୍ ଦୁବେ



**ଚେନ୍ନାଇ**

ଭାରତ ତଥା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଲରାଉଣ୍ଡର ଶିବମ ଦୁବେ ମଙ୍ଗଳବାର ତାମିଲନାଡୁର ୧୦ ଉଦୀୟମାନ ଆଥଲେଟ୍‌ଙ୍କୁ ୭୦ ହଜାର ଲେଖାଏଁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତାମିଲନାଡୁ ଜର୍ଣ୍ଣାଲିଷ୍ଟଙ୍କ ଆସୋସିଏସନ (ଟି ଏନ୍ ଏସ୍ ଜେଏ)ର ପୁରସ୍କାର ଓ ସ୍କଲାରସିପ୍ ବିତରଣ କାର୍ଯ୍ୟକ୍ରମରେ ଦୁବେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି । ଦୁବେଙ୍କ ପୁରସ୍କାର ରାଶି ଛଡ଼ା ଟିଏନ୍‌ଏସ୍‌ଜେଏ ପକ୍ଷରୁ ୩୦ ହଜାର ଟଙ୍କାର ସ୍କଲାରସିପ୍ ଦିଆଯାଇଛି ।

ମୁଁ ଦଳୀୟ ହୋଟେଲରୁ ଏଠାକୁ ଆସୁଥିବା ବେଳେ ତାମିଲନାଡୁ କ୍ରିକେଟ ଆସୋସିଏସନ ସମ୍ପାଦକ ଡ. ବାବା ମୋତେ କହିଥିଲେ ଯେ, ଏଠାରେ ଥିବା କିଛି ଉଦୀୟମାନ ଆଥଲେଟ୍‌ଙ୍କୁ ସାହାଯ୍ୟ କରିବା ପାଇଁ ଏହା ଏକ ଉଦ୍ୟମ । ଏହା ସତରେ ଯୁବ ଆଥଲେଟ୍‌ଙ୍କୁ ଉତ୍ସାହିତ କରିବ । ଏହି ଛୋଟିଆ ସହାୟତା ରାଶି ଯୁବ ଆଥଲେଟଙ୍କୁ ଆହୁରି ପରିଶ୍ରମ କରି ଦେଶର ଗର୍ବ ହେବା ପାଇଁ ପ୍ରେରଣା ଯୋଗାଇବ । ଏହି କାର୍ଯ୍ୟକ୍ରମରେ ସିଏସ୍‌କେର ସିଇଓ ବିଶ୍ୱନାଥନ ମଧ୍ୟ ଉପସ୍ଥିତ ଥିଲେ ।

# ଲକ୍ଷ୍ନୌକୁ ୮ ୱିକେଟରେ ହରାଇଲା ଦିଲ୍ଲୀ



**ଲକ୍ଷ୍ନୌ**

ଲକ୍ଷ୍ନୌରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୪୦ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ କରିଥିଲା । ଦଳ ପକ୍ଷରୁ ଆଇଡେନ ମାର୍କରାମ ଓ ମିଚେଲ ମାର୍ସ ଆରମ୍ଭରୁ ହିଁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ଉଭୟ ପ୍ରଥମ ୱିକେଟ୍ ଯୋଡ଼ିରେ ୮୭ ରନ କରିଥିଲେ । ମାର୍କରାମ ୫୨ ରନ କରିଥିବାବେଳେ ମାର୍ସ ୪୫ ରନ କରିଥିଲେ । ମାତ୍ର ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଦଳ ବେଶ୍ କେତୋଟି ୱିକେଟ ଅଳ୍ପ ରନ ବ୍ୟବଧାନରେ ହରାଇଥିଲା । ଫଳରେ ରନ୍ ଗତି ଧୀମେଇ ଯାଇଥିଲା । ନିକୋଲାସ ପୁରନ ୯ ରନ ଓ ଅବଦୁଲ ସମଦ ୨ ରନ କରିଥିଲେ । ଆୟୁଷ ବାଦୋନି ୩୬ରନ କରିଥିବାବେଳେ ଡେଭିଡ୍ ମିଲର ୧୪ ରନ କରିଥିଲେ । ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୪ଟି ୱିକେଟ ନେଇଥିଲେ । ସେହିପରି ମିଚେଲ ଷ୍ଟାର୍କ ଓ ଦୁଷ୍ମନ୍ତ ଚମିରା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

ଏହାପରେ ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଲକ୍ଷ୍ନୌ ସୁପରଜାଏଣ୍ଟସକୁ ୮ ୱିକେଟରେ ପରାସ୍ତ କରି ଏକ ଚମତ୍କାର ବିଜୟ ହାସଲ କରିଛି । ଦିଲ୍ଲୀ ଏହି ସିଜିନରେ ଦ୍ୱିତୀୟ ଥର ପାଇଁ ଲକ୍ଷ୍ନୌକୁ ପରାସ୍ତ କରିଛି । ଅଭିଷେକ ପୋରେଲ ଏବଂ କେଏଲ ରାହୁଲଙ୍କ ଅର୍ଦ୍ଧଶତକ ବଳରେ ଦିଲ୍ଲୀ ସହଜରେ ୧୬୦ ରନର ଟାର୍ଗେଟ ହାସଲ କରିଥିଲା ।

# ଆରସିବି ମ୍ୟାଚ୍‌ରୁ ବାଦ୍ ପଡ଼ିଲେ ସଞ୍ଜୁ ସାମସନ

**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସକୁ ଝଟକା । ଅଧିନାୟକ ସଞ୍ଜୁ ସାମସନ ଆହତ ହୋଇଛନ୍ତି । ଏହି କାରଣରୁ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍ ଖେଳି ପାରିବେ ନାହିଁ । ସୋମବାର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏହାର ସୂଚନା ଦିଆଯାଇଛି । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ସମୟରେ ସଞ୍ଜୁଙ୍କୁ ମାଂସପେଶୀ ଟାଣି ଧରିଥିଲା । ଫଳରେ ସେ ଘରୋଇ ମାଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ମ୍ୟାଚ୍ ବି ଖେଳି ପାରି ନ ଥିଲେ । ଗୁରୁବାର ରାଜସ୍ଥାନ ଆରସିବି ବିପକ୍ଷରେ ମ୍ୟାଚ୍ ଖେଳିବ । ତେବେ ସଞ୍ଜୁ ସାମସନ କେଉଁ ମ୍ୟାଚ୍‌ରେ ଦଳକୁ ଫେରିବେ ତାହା ସ୍ପଷ୍ଟ ହୋଇ ନାହିଁ । ରାଜସ୍ଥାନ ରୟାଲ୍ସ ପ୍ରେସ ବିବୃତି ଜାରି କରିଛି ଯେ, ଅଧିନାୟକ ସଞ୍ଜୁ ସାମସନ ବର୍ତ୍ତମାନ ସୁସ୍ଥ ହେବ ପ୍ରକ୍ରିୟା ଦେଇ ଗତି କରୁଛନ୍ତି । ସେ ରାଜସ୍ଥାନ ରୟାଲ୍ସର ମେଡିକାଲ ସଦସ୍ୟଙ୍କ ସହ ହୋମ ବେସରେ ରହିବେ । ସେ ଆଗାମୀ ମ୍ୟାଚ୍ ପାଇଁ ବେଙ୍ଗାଲୁରୁ ଯିବେ ନାହିଁ । ଦଳ ପ୍ରବନ୍ଧକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ପ୍ରଗତି ଉପରେ ନଜର ରଖିଛନ୍ତି । ସାମସନଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଦଳ ନେତୃତ୍ୱ ନେବା ଜାରି ରଖିବେ । ରିୟାନ ସିଜିନର ପ୍ରଥମ ତିନୋଟି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଇଥିଲେ । କାରଣ ସାମସନଙ୍କୁ କେବଳ ବ୍ୟାଟିଂ ପାଇଁ ଅନୁମତି ମିଳିଥିଲା ଏବଂ ୱିକେଟ୍ କିପିଂ ପାଇଁ ଅନୁମତି ଦିଆଯାଇ ନ ଥିଲା । ସାମସନ ଚତୁର୍ଥ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବା ପୂର୍ବରୁ ପ୍ରଥମ ତିନି ମ୍ୟାଚ୍‌ରେ ଇମ୍ପାକ୍ଟ ଖେଳାଳି ଭାବେ ଖେଳିଥିଲେ । ତାଙ୍କ ଅନୁପସ୍ଥିତିରେ ଧ୍ରୁବ ଜୁରେଲ ଦଳର ୱିକେଟ୍ କିପିଂ ଦାୟିତ୍ୱ ସମ୍ଭାଳିବେ ।

# ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷ କାରାଦଣ୍ଡ



**ମେଲବୋର୍ଣ୍ଣ**

ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷର ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । କିନ୍ତୁ ପୋଲିସ ହେପାଜତରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବାରୁ ୫୫ ବର୍ଷୀୟ ସ୍ଲାଟରଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇଛି । ସେ ଘରୋଇ ହିଂସା ସମେତ ୭ ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ତାଙ୍କ ବିରୋଧରେ ନିର୍ଯାତନା, ତଣ୍ଟି ଚିପିବା, ଚୋରି ଓ ବେଆଇନ ଭାବେ ମହିଳାଙ୍କୁ ପିଛା କରିବା ଭଳି ଦଫା ଲଗାଯାଇଛି ।

ବିଚାରପତି ଗ୍ଲେନ କ୍ୟାଶ୍ ଦଣ୍ଡାଦେଶ ଶୁଣାଇଲା ବେଳେ କହିଥିଲେ ଯେ, ସ୍ଲାଟରଙ୍କ ଅସୁବିଧା ପଛର ମୁଖ୍ୟ କାରଣ ସ୍ପଷ୍ଟ ଭାବେ ଜଣାପଡୁଛି । ଏହା ସ୍ପଷ୍ଟ ଯେ, ସ୍ଲାଟର ଜଣେ ମଦ୍ୟପ । ମଦ୍ୟପ ଗୁଣ ତାଙ୍କ ପେଶାର ଅନ୍ତ ଘଟାଇବା, ପଶ୍ଚାତାପର ବିଷୟ । ତୁମ ରେହାବିଲିଟେଶନ ସହଜ ହେବ ନାହିଁ ।

ସ୍ଲାଟରଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ସେ ସେବେଠାରୁ ଜେଲ୍‌ରେ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ସ୍ଲାଟର ଅଷ୍ଟ୍ରେଲିଆ ପାଇଁ ୭୪ ଟେଷ୍ଟ ଖେଳି ୧୪ ଶତକ ସହ ୫,୩୧୨ ରନ କରିଥିଲେ । ଅନ୍ତର୍ଜାତୀୟସ୍ତରରେ ସେ ୪୨ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଛନ୍ତି ।

# ଆଇପିଏଲ-୨୦୨୫ : ରାଜସ୍ଥାନ ରୟାଲ୍ସ ଉପରେ ଆସିଲା ମ୍ୟାଚ ଫିକ୍ସିଂ ଅଭିଯୋଗ

**ନୂଆଦିଲ୍ଲୀ**

ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷରେ ଜିତିଥିବା ମ୍ୟାଚ୍ ହାରିବା ପରେ ରାଜସ୍ଥାନ ରୟାଲ୍ସ ଉପରେ ମ୍ୟାଚ୍ ଫିକ୍ସିଂର ଅଭିଯୋଗ ଆସିଛି । ଏହି ମ୍ୟାଚ୍‌ରେ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ୯ରନ ଆବଶ୍ୟକ ଥିଲା, କିନ୍ତୁ ଆଭେଶ ଖାନଙ୍କ ଏହି ଓଭରରେ ଦଳ କେବଳ ୬ ରନ କରିପାରିଥିଲା । ଏହା କ୍ରମାଗତ ଦ୍ୱିତୀୟ ଥର ଥିଲା ଯେତେବେଳେ ରାଜସ୍ଥାନ ଜିତିଥିବା ମ୍ୟାଚ୍ ହାରିଥିଲା । ରାଜସ୍ଥାନ କ୍ରିକେଟ ଆସୋସିଏସନର ଆଡ-ହକ୍ କମିଟିର ସଂଯୋଜକ ଜୟଦୀପ ବିହାନୀ ସଞ୍ଜୁ ସାମସନଙ୍କ ଦ୍ୱାରା ପରିଚାଳିତ ରାଜସ୍ଥାନ ଦଳକୁ ମ୍ୟାଚ୍ ଫିକ୍ସିଂ ଅଭିଯୋଗ କରିଛନ୍ତି ।

ବିହାନୀ ରାଜସ୍ଥାନ ରୟାଲ୍ସ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲେ, ଏହି ଦଳର ପ୍ରଶିକ୍ଷକ ହେଉଛନ୍ତି ରାହୁଲ ଦ୍ରାବିଡ଼ ଏବଂ ଅଧିନାୟକ ହେଉଛନ୍ତି ସଞ୍ଜୁ ସାମସନ । ସେ ପ୍ରଶ୍ନ କରିଥିଲେ ଯେ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଡ-ହକ୍ କମିଟିର ଆଇପିଏଲରେ ରାଜସ୍ଥାନ ଦଳର କାର୍ଯ୍ୟକଳାପ ଉପରେ କାହିଁକି ନିୟନ୍ତ୍ରଣ ନାହିଁ ।

ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଜୟଦୀପ ବିହାନୀ ଲକ୍ଷ୍ନୌ ବିପକ୍ଷ ଶେଷ ଓଭର ପରାଜୟ ଉପରେ ପ୍ରଶ୍ନ ଉଠାଇଥିଲେ । ଏହାକୁ ପଞ୍ଚମ ଥର ପାଇଁ ବୃଦ୍ଧି କରାଯାଇଛି । ଆମେ ନିଶ୍ଚିତ କରୁ ଯେ ସମସ୍ତ ଟୁର୍ଣ୍ଣାମେଣ୍ଟ କୌଣସି ସମସ୍ୟା ବିନା ଆୟୋଜିତ ହେବ । କିନ୍ତୁ ଆଇପିଏଲ ଆସିବା ମାତ୍ରେ ଜିଲ୍ଲା ପରିଷଦ ଏହାକୁ ନିୟନ୍ତ୍ରଣ କରିନେଲା । ଆଇପିଏଲ ପାଇଁ, ବିସିସିଆଇ ପ୍ରଥମେ ଜିଲ୍ଲା ପରିଷଦକୁ ନୁହେଁ, ଆରସିଏକୁ ଚିଠି ପଠାଇଥିଲା । ତାଙ୍କ ଏବଂ ଜଜ୍‌ଙ୍କ ଦ୍ୱାରା ଦିଆଯାଇଥିବା ବାହାନା ହେଉଛି ଯେ ଆମର ସବାଇ ମାନସିଂହ ଷ୍ଟାଡିୟମ ସହିତ କୌଣସି ଏମଓୟୁ ନାହିଁ । ଯଦି କୌଣସି ଏମଓୟୁ ନାହିଁ, ତେବେ କ'ଣ ? ତୁମେ କ'ଣ ପ୍ରତ୍ୟେକ ମ୍ୟାଚ୍ ପାଇଁ ଜିଲ୍ଲା ପରିଷଦକୁ ଦେୟ ଦେଉନାହଁ ବୋଲି ପ୍ରଶ୍ନ ଉଠିଛି ।



ଏହି ମ୍ୟାଚ୍‌ରେ ଆଘାତ ଯୋଗୁ ଖେଳୁ ନ ଥିବା ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାନ ପରାଗ ଅଧିନାୟକ ଥିଲେ । ଏହି ମ୍ୟାଚ୍‌ରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଡେବ୍ୟୁ କରିବାର ସୁଯୋଗ ପାଇଲେ । ୧୮୧ ରନର ପିଛା କରି ରାଜସ୍ଥାନର ଆରମ୍ଭ ଭଲ ହୋଇଥିଲା ଏବଂ ବୈଭବ ଏବଂ ଯଶସ୍ୱୀ ଜୟସୱାଲ ପ୍ରଥମ ୱିକେଟ ପାଇଁ ୮୫ ରନ ଯୋଡ଼ିଥିଲେ । ୯ମ ଓଭରର ଚତୁର୍ଥ ବଲରେ ବୈଭବଙ୍କ ରୂପରେ ରାଜସ୍ଥାନକୁ ପ୍ରଥମ ଝଟ୍‌କା ଲାଗିଥିଲା । ବୈଭବ ତାଙ୍କର ଡେବ୍ୟୁ ମ୍ୟାଚ୍‌ରେ ୨୦ ବଲରେ ୩୪ ରନ କରିଥିଲେ ।

ରାଜସ୍ଥାନକୁ ଜିତିବା ପାଇଁ ୧୮ ବଲରୁ ୨୫ ରନ ଆବଶ୍ୟକ ଥିଲା, ଯଶସ୍ୱୀ ୭୪ ରନ କରିବା ପରେ ଖେଳୁଥିଲେ ଏବଂ ରିୟାନ ପରାଗ ୩୮ ରନ କରିବା ପରେ ଖେଳୁଥିଲେ । ୧୮ତମ ଓଭରର ପ୍ରଥମ ବଲରେ ଆବେଶ ଖାନ ଯଶସ୍ୱୀ ଜୟସ୍ୱାଲଙ୍କୁ ବୋଲିଂ କରିଥିଲେ । ସେହି ଓଭରର ଶେଷ ବଲରେ ସେ ଅଧିନାୟକ ପରାଗଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରିଥିଲେ । ଏହି ଓଭରରେ ଆଭେସ କେବଳ ୫ ରନ ଦେଇଥିଲେ । ରାଜସ୍ଥାନକୁ ଶେଷ ଓଭରରେ ଜିତିବା ପାଇଁ ୯ ରନ ଆବଶ୍ୟକ ଥିଲା କିନ୍ତୁ ସେମାନେ ୨ ରନରେ ହାରିଗଲେ । ଏହା ପୂର୍ବରୁ ମଧ୍ୟ, ରାଜସ୍ଥାନ ୧୬ ଏପ୍ରିଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଜିତିଥିବା ମ୍ୟାଚ୍ ହାରିଥିଲା ।

ସେହି ମ୍ୟାଚ୍‌ରେ ମଧ୍ୟ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ମାତ୍ର ୯ରନ ଆବଶ୍ୟକ ଥିଲା କିନ୍ତୁ ଦଳ କେବଳ ୮ରନ କରିପାରିଥିଲା । ଏହା ପରେ, ସୁପର ଓଭରରେ, ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି ୧୧ ରନ କରିଥିଲା, ଯାହାକୁ ଦିଲ୍ଲୀ ମାତ୍ର ୪ ବଲରେ ହାସଲ କରି ଜିତିଥିଲା ।

# ବିବାହ ବାର୍ଷିକୀରେ ମା' ହେଲେ ଜ୍ୱାଳା ଗୁଟ୍ଟା



**ଚେନ୍ନାଇ**

ପୂର୍ବତନ ଭାରତୀୟ ବ୍ୟାଡମିଣ୍ଟନ ତାରକା ଜ୍ୱାଳା ଗୁଟ୍ଟା ମା' ହୋଇଛନ୍ତି । ସେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି । ଏହାସହ ଜ୍ୱାଳାଙ୍କ ଖୁସି ଦ୍ୱିଗୁଣିତ ହୋଇଛି । କାରଣ ସେ ବିବାହ ବାର୍ଷିକୀରେ ମା' ହୋଇଛନ୍ତି । ଜ୍ୱାଳା ୨୨ ଏପ୍ରିଲ ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ବିବାହ କରିଥିଲେ । ଏବେ ୨୨ ଏପ୍ରିଲ ୨୦୨୫ରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି ।

ଜ୍ୱାଳାଙ୍କ ମା' ହେବାର ଖବର ତାଙ୍କ ସ୍ୱାମୀ ବିଷ୍ଣୁ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି । ସେ ପୋଷ୍ଟରେ ଝିଅ ହାତର ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆମ ଚତୁର୍ଥ ବିବାହ ବାର୍ଷିକୀରେ ଆମେ ଏହି ଉପହାର ପାଇଲୁ । ଜ୍ୱାଳା ଗୁଟ୍ଟା ବିଷ୍ଣୁଙ୍କ ଦ୍ୱିତୀୟ ପତ୍ନୀ । ୨୦୧୯ ମସିହାରୁ ପରସ୍ପରକୁ ଡେଟ୍ କରିବା ପରେ, ଦୁହେଁ ୨୦୨୧ ମସିହାରେ ବିବାହ କରିଥିଲେ ।

ବ୍ୟାଡ୍‌ମିଣ୍ଟନ କୋର୍ଟରେ ତାଙ୍କର ଚମତ୍କାର ଖେଳ ବ୍ୟତୀତ, ଜ୍ୱାଳା ଗୁଟ୍ଟା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ଥା'ନ୍ତି । ଜ୍ୱାଳାଙ୍କ ନାମ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ସହ ମଧ୍ୟ ଜଡ଼ିତ ଥିଲା । ବିଷ୍ଣୁ ବିଶାଲ ମଧ୍ୟ ଜ୍ୱାଳାଙ୍କ ଦ୍ୱିତୀୟ ସ୍ୱାମୀ ଥିଲେ । ସେ ପ୍ରଥମେ ବ୍ୟାଡ୍‌ମିଣ୍ଟନ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ । କିନ୍ତୁ, ୨୦୦୫ ମସିହାରେ ହୋଇଥିବା ସେହି ବିବାହ ୨୦୧୧ ମସିହାରେ ଭାଙ୍ଗିଯାଇଥିଲା ।

# ଅମିତ ମିଶ୍ରଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ଗରିମା ମିଶ୍ର

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଅମିତ ମିଶ୍ରଙ୍କ ନାଁରେ ତାଙ୍କ ପତ୍ନୀ ଗରିମା ମିଶ୍ର ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ଅମିତ ତାଙ୍କୁ ଯୌତୁକ ପାଇଁ ହଇରାଣ କରିଛନ୍ତି । ତାଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଏକ କାର୍ ଦେବାକୁ ମଧ୍ୟ କୁହାଯାଇଛି । ଅମିତ୍‌ଙ୍କର ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଗରିମା ।

ଗରିମା ଅମିତ ଏବଂ ତାଙ୍କ ପରିବାର ବିରୋଧରେ ଘରୋଇ ହିଂସାର ମାମଲା ଦାୟର କରିଛନ୍ତି । ଏହା ସହିତ ଗାରିମା ୧ କୋଟି ଟଙ୍କାର କ୍ଷତିପୂରଣ ମଧ୍ୟ ଦାବି କରିଛନ୍ତି । ଏହି ମାମଲାରେ ଗରିମା ଭାରତୀୟ କ୍ରିକେଟ ଦଳ ପାଇଁ ଖେଳିଥିବା ଅମିତ ମିଶ୍ର, ତାଙ୍କ ବାପା (ଶଶିକାନ୍ତ ମିଶ୍ର), ମାଆ (ବୀଣା ମିଶ୍ର), ଭାଇ (ଅମର ମିଶ୍ର), ଭାଉଜ (ରତୁ ମିଶ୍ର)ଙ୍କୁ ମଧ୍ୟ ଅଭିଯୁକ୍ତ ବୋଲି କହିଛନ୍ତି ।



କୋର୍ଟ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣି ମେ' ୨୬ ତାରିଖରେ ହେବ । ସେ ୧ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି । ଗରିମାଙ୍କ କହିବା ଅନୁଯାୟୀ, ତାଙ୍କ ଶ୍ୱଶୁର ଘର ଲୋକ ଯୌତୁକ ଦାବି ପୂରଣ ନ ହେବାରୁ ତାଙ୍କୁ ବାହାରକୁ ଯିବାକୁ ରୋକି ଦେଇଥିଲେ । ୨.୫ ଲକ୍ଷ ଟଙ୍କା ଦେବା ପରେ ସେ ଘରୁ ବାହାରି ଥିଲେ । ତାଙ୍କ ଶ୍ୱଶୁର ଘର ଲୋକେ ତାଙ୍କୁ ହଇରାଣ କରୁଥିଲେ । ତାଙ୍କ ପରିବାର ସଦସ୍ୟଙ୍କ ପ୍ରଭାବରେ, ଅମିତ ତାଙ୍କୁ ଦୁର୍ବ୍ୟବହାର କରୁଥିଲେ ଏବଂ ମାଡ଼ ମାରୁଥିଲେ ।

ଗରିମାଙ୍କ କହିବା ଅନୁଯାୟୀ, ମଡେଲିଂରୁ ରୋଜଗାର କରୁଥିବା ଟଙ୍କାକୁ ଅମିତ ହଡ଼ପ କରୁଥିଲେ । ଏହାସହ ଇନଷ୍ଟାଗ୍ରାମରେ ଅନ୍ୟ ଝିଅମାନଙ୍କ ସହ କଥା ହେଉଥିଲେ ଏବଂ ତାଙ୍କୁ ଛାଡ଼ପତ୍ର ଦେବାକୁ ଧମକ ଦେଉଥିଲେ ।

୪୨ ବର୍ଷୀୟ ଅମିତ ମିଶ୍ର ତିନୋଟି ଫର୍ମାଟରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି । ସେ ୨୨ଟି ଟେଷ୍ଟ, ୩୬ଟି ଦିନିକିଆ ଏବଂ ୧୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଏଥିରେ ସେ ଯଥାକ୍ରମେ ୭୬, ୬୪ ଏବଂ ୧୬ ଉଇକେଟ ନେଇଛନ୍ତି । ଏହା ବ୍ୟତୀତ ସେ ଓଟଖରେ ୧୬୨ଟି ମ୍ୟାଚ୍ ଖେଳି ୧୭୪ଟି ଉଇକେଟ ନେଇଛନ୍ତି । ଅମିତ ଆଇପିଏଲରେ ଡେକାନ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ ପାଇଁ ଖେଳିଛନ୍ତି ।

# ସିଏସ୍‌କେ ଖେଳାଳି ଡେଭନ କନୱେଙ୍କ ପିତାଙ୍କ ଦେହାନ୍ତ

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୫ର ୩୮ତମ ମ୍ୟାଚ୍‌ରେ, ମୁମ୍ବାଇ ଇଣ୍ଡିଆନ୍ସ ଚେନ୍ନାଇ ସୁପର କିଙ୍ଗସକୁ ୯ ୱିକେଟରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଯେତେବେଳେ ଏମ୍‌ଏସ୍ ଧୋନିଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ହାତରେ କଳା ପଟି ପିନ୍ଧି ପଡ଼ିଆକୁ ପ୍ରବେଶ କରିଥିଲା, ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସାଧାରଣତଃ କାହାକୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମ୍ୟାଚ୍‌ରେ ଏହା କରାଯାଏ । ମ୍ୟାଚ୍ ଶେଷ ହେବା ପରେ ଜଣାପଡିଲା ଯେ ସିଏସକେ ଦଳର ଖେଳାଳି ଡେଭନ କନୱେଙ୍କ ପିତାଙ୍କ ଦେହାନ୍ତ ହୋଇଯାଇଛି । ମ୍ୟାଚ୍ ପରେ ଉପସ୍ଥାପନା ଉତ୍ସବ ଆରମ୍ଭ କରିବା ପୂର୍ବରୁ, ହର୍ଷ ଭୋଗଲେ କନୱେଙ୍କୁ ସାନ୍ତ୍ୱନା ଦେବା ପାଇଁ ତାଙ୍କ ନାମ ନେଇଥିଲେ । ନ୍ୟୁଜିଲାଣ୍ଡର ଏହି ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ଖେଳୁ ନଥିଲେ । କନୱେ ଏବେ ତାଙ୍କ ଘରକୁ ଫେରିଯିବେ । ଚେନ୍ନାଇ ସୁପର କିଙ୍ଗସ ମଧ୍ୟ ସେମାନଙ୍କର ସୋସିଆଲ ମିଡିଆରେ ଏହି ସୂଚନା ଦେଇ କନୱେଙ୍କ ବାପାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ସେ କହିଲେ ଯେ କନୱେଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି । ଏହି କଷ୍ଟକର ସମୟରେ ଆମେ ତାଙ୍କ ଏବଂ ତାଙ୍କ ପରିବାର ସହିତ ଛିଡ଼ା ହୋଇଛୁ ।

# ଇନଟ୍ରା କ୍ଲବଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଜୟ ଭୈରବୀ କ୍ଲବ ବିଜୟୀ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ଷ୍ଟାଡ଼ିୟମଠାରେ ଚାଲିଥିବା ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ଗ୍ରାମ୍ୟବିକାଶ ପରିଷଦ ଖୁଣ୍ଟବନ୍ଧ ଓ ଜୟ ଭୈରବୀ କ୍ଲବ ବୌଦ୍ଧ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଗ୍ରାମ୍ୟବିକାଶ ପରିଷଦ ଖୁଣ୍ଟବନ୍ଧ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଜୟ ଭୈରବୀ କ୍ଲବ ପ୍ରଥମ ଇନିଂସ୍‌ରେ ବ୍ୟାଟିଂ କରି ୨୪.୫ ଓଭରେ ୧୦ ୱିକେଟ ବିନିମୟରେ ୧୯୨ ରନ୍ କରିଥିଲା । ଦଳ ତରଫରୁ ଅବିନାଶ ପୁରୋହିତ ୪୧ ବଲ୍‌ରୁ ୪୭ ରନ୍ ଓ ସୁନୀଲ କୁମାର ମେହେର ୩୬ ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ । ଜୟ ଭୈରବୀ କ୍ଲବର ପୀୟୁଷ ପ୍ରଧାନ ୫ଟି ତନୁଷ ଦେ ୨ଟି ୱିକେଟ ନେଇଥିଲେ । ଏହାର ଜବାବରେ ଜିବିପି ଖୁଣ୍ଟବନ୍ଧ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୭୪ ରନ୍ କରିପାରିଥିଲା । ଫଳରେ ଜୟ ଭୈରବୀ କ୍ଲବ ୧୧୮ରନ୍‌ରେ ବିଜୟୀ ହୋଇଥିଲା । ଦଳ ତରଫରୁ ଯୋଗେଶରାଜ୍ ଓ ସୁସ୍ମିତ ପ୍ରସାଦ ଉଭୟେ ୪ଟି ଲେଖାଁଏ ୱିକେଟ ନେଇଥିଲେ । ଯୋଗେଶରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଆଶୁତୋଷ ଦାଶ ଓ ତାପସ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ସ୍ୱାଗତ କୁମାର ଦେହୁରୀ ତୁଲାଇଥିଲେ ।

# ମହାବିଦ୍ୟାଳୟଗୁଡ଼ିକୁ ନାକ୍ ଓ ଏନଆଇଆରଏଫର ମାନ୍ୟତା ଲାଭ ନିମନ୍ତେ ଉଦ୍ୟମ କରିବାକୁ ଅଧକ୍ଷମାନଙ୍କୁ ଏଫଏମୟୁ କୁଳପତିଙ୍କ ଅନୁରୋଧ

**ବାଲେଶ୍ୱର, ନ୍ୟୁଜ୍**

ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ (ପ୍ରିନସିପାଲ) ମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମ୍ମିଳନୀକକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ହେମନ୍ତ କୁମାର ଘଡେଇ ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ବିଶିଷ୍ଟ ସଦସ୍ୟ ପ୍ରଫେସର ଡକ୍ଟର ସୁସ୍ମିତ ପ୍ରସାଦ ପାଣି ଯୋଗ ଦେଇଥିଲେ । ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ, ଜାତୀୟ ଶିକ୍ଷା ନୀତି-୨୦୨୦ ଉପରେ ଆଲୋଚନା ସହ ଏହାର କାର୍ଯ୍ୟକାରିତା ଓ ପ୍ରଣାଳୀଗତ ନୀତିନିୟମ ସଂପର୍କରେ ଅବଗତ କରିବା, ସ୍ୱୟଂ, ଏବିସି ଆଇ.ଡି, ଏପିଏଆର ଆଇ.ଡି, ଅନଲାଇନ ମାଇଗ୍ରେସନ, ଇ-ଆଫିଲିଏସନ ଇତ୍ୟାଦି କାର୍ଯ୍ୟକ୍ରମ ଓ ଏଥିରେ ଆସୁଥିବା ପ୍ରତିବନ୍ଧକ ନେଇ ସବିଶେଷ ଆଲୋଚନା କରାଯାଇଥିଲା । କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦ୍‌ବୋଧନରେ ସମସ୍ତ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ନାକ୍ ଓ ଏନଆଇଆରଏଫର ମାନ୍ୟତା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ ନିଜନିଜ ମହାବିଦ୍ୟାଳୟକୁ ସାମିଲ କରିବାକୁ ଅନୁରୋଧ କରିଥିଲେ । ଏଥିସହ ଜାତୀୟ ଶିକ୍ଷାନୀତି-୨୦୨୦କୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରାଯିବାକୁ ନେଇ ଦୃଢ ସମର୍ଥନ କରିଥିଲେ । ପ୍ରଫେସର ଡକ୍ଟର ସୁସ୍ମିତ ପ୍ରସାଦ ପାଣି ନିଜ ଅଭିଭାଷଣରେ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ପୂରଣ ଓ ଆଗାମୀବର୍ଷ ମାନଙ୍କରେ ଶିକ୍ଷାର ଗୁଣାତ୍ମକମାନ ଆସିବାକୁ ଥିବା ପରିବର୍ତ୍ତନ ପ୍ରତି ସକରାତ୍ମକ ମନୋଭାବ ପୋଷଣ କରିଥିଲେ । ଏହି ଅବସରରେ ଡକ୍ଟର ହେମନ୍ତ କୁମାର ଘଡ଼େଇ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ ।




ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ହୋଇ ଏହି ସମ୍ମିଳନୀରେ ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏଥିସହିତ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷ ମାନଙ୍କ ପ୍ରତିନିଧିଙ୍କ ସକ୍ରିୟ ସହଭାଗୀତା କରି ନିଜର ସମସ୍ୟା ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ପ୍ରସଙ୍ଗରେ ମତାମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ପରିଚାଳନା କରିଥିଲେ ଓ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
A-60
Letter No. 1844/ Dt. 21.04.2025
**GOVERNMENT OF ODISHA e-Procurement Notice**
**Bid Identification No. on line SECMID- 03 /2025-26**
eemidcuttack@yahoo.co.in

1. Name of work :- Improvement to canal Lining of MIP under Capex in MI Sub-Division Athagarh.
2. Total Number of work :- 01 (One) no.
3. Estimated cost :- **Rs. 82.54 lakhs**
4. Tender paper Cost(Online) :- **Rs.10,000/-**
5. Bid Security (Online) :- As per DTCN
6. Period of Completion :- As per DTCN
7. Availability of Bid Document :- From 25.04.2025,10.00 AM to 07.05.2025,5.00 PM in website (www.tendersorissa.gov.in)
8. Last date & Time of receipt :- 07.05.2025 at 5.00 PM through online Bid.
9. Date of opening of Technical Bid documents :- 08.05.2025 - at 11.00 A.M in the office of the SE, M.I. Division, Cuttack.
10. Date of opening of Financial Bid Documents :- **14.05.2025_at 11.00 A.M** in the office of the SE, M.I. Division, Cuttack.
11. Date of Lottery, if required :- **17.05.2025 at 12.00 Noon** in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack. P.O Nayabazar, Cuttack. Phone 0671-2443622, PINCODE 753004

Further details can be seen from the Government of Odisha Web-Site www.tendersorissa.gov.in

Sd/- Superintending Engineer
M.I. Division, Cuttack
OIPR-32121/11/0033/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
AUL EMBANKMENT DIVISION, AUL
Dist: Kendrapara, Odisha - 754219
Tel/Fax: 06729-295188
Mail id:- aulembankment@gmail.com
'e' Procurement Notice No.AED-01 OF 2025-26
A-64

1. No of work : **02 no. Flood Control & Road works.**
2. Tender Cost : Varies from ₹.80,32,076.00 to 82,64,246.00
3. Bid Document Cost : Rs.10000.00
4. Bid Security : Varies from Rs.80,400.00 to 82,700.00
5. Class of Contractor : B Class
6. Period of Completion : Four calendar months
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 02 of 2024-25 (02 no. work) | 23.04.2025 10.00 A.M | 30.04.2025 5.00 P.M | 01.052025 11.00 A.M |

8. e-mail Id : aulembankment@gmail.com
9. **If required Lottery will be held on dtd.08.05.2025 at 11.00 A.M**
Further detail conditions can be seen from the Govt, website www. tendersodisha.gov.in

Sd/- Superintending Engineer
Aul Embankment Division, Aul
OIPR-32097/11/0019/2526

NOTICE INVITING TENDER
**OFFICE OF THE MUNICIPAL COUNCIL,NAYAGARH**
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 834 dt. 07.04.2025
E- Procurement Notice No. MUNLNGR-002/2025-26
C-68

| | | | |
|---|---|---|---|
| 1 | Name of the Work | : | **Construction of Shed at Fish Market back side, Nayagarh Municipality.** |
| 2 | No of Works | : | 01 Nos. |
| 3 | Value of Work | : | **Rs.4,87,383/-** |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | **Dt.09.04.2025** |
| 7 | Date and Time of availability of document in the portal. | : | From **Dt.10.04.2025** at **10.00 AM** to **Dt.22.04.2025** up to **5.00 PM** |
| 8 | Last Date/Time for receipt of bids in portal | : | **Dt.22.04.2025** up to **5.00 PM** |
| 9 | Last date of Submission of original documents in this Office | : | On or before **12.00 Noon** on **Dt.24.04.2025** by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | | **Dt.25.04.2025** at **9.00 A.M.** at Municipality Office, Nayagarh |
| 11 | Name and address of the officer inviting bid | | Sd/- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in
OIPR-13134/11/0030/2526





# ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହର ସହ ପାଳନ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ



ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିଦ୍ଧଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ, ଦେବୋତ୍ତର କମିଶନର ଙ୍କ ନିର୍ଦ୍ଦେଶ କ୍ରମେ ସିଦ୍ଧଳ ମନ୍ଦିର ର ରକ୍ଷଣାବେକ୍ଷଣ ଓ ଦାୟିତ୍ୱ ନିମନ୍ତେ ଉପ ଜିଲ୍ଲାପାଳ ଙ୍କୁ ଟ୍ରଷ୍ଟୀ ସହ ସରକାରୀ ଅଧିକାରୀ ଙ୍କ ସମେତ ଅନ୍ୟ ୮ ଜଣ ମନ୍ଦିର କର୍ତ୍ତୃପକ୍ଷ ଙ୍କୁ ମିଶାଇ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହ ର ସହ ପାଳନ କରାଯିବ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରା ର ସ୍ଥାନ କୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବେ। ମନ୍ଦିର ପୁଷ୍କରିଣୀ ର ସୌନ୍ଦର୍ଯ୍ୟ କରଣ ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା ଓ ଜିଲ୍ଲାପାଳ ଏଥିପାଇଁ ଉପ ଜିଲ୍ଲାପାଳ ଓ ବିଡିଓ ଙ୍କୁ ଦାୟିତ୍ୱ ଦେଇଥିଲେ। ବୈଠକରେ ରଥ ନିର୍ମାଣ, ସିଦ୍ଧଳ ରୁ ପୁରୋହିତପୁର,ସିଦ୍ଧଳ ଛେଳିଆଗଡ଼, ସିଦ୍ଧଳ ରୁ ଢ଼ିଅସାହି ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା , ଗୁଣ୍ଡିଚା ମନ୍ଦିର ନିକଟ କେନାଲ ଉପରେ ସ୍ଲାବ ମରାମତି ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ,ନଳକୂପ ମରାମତି, ବଡ଼ଦାଣ୍ଡ ନିକଟରେ ଡ୍ରେନ ସଫେଇ,ଅଳିଆ ଆବର୍ଜନା ଓ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ,ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାଶ, ଡି ଏସ୍ ପି ପ୍ରଭାତ କୁମାର ସେଠୀ, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ,ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜିଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ , ଜ୍ୟୋତି ରଞ୍ଜନ ପରିଡ଼ା, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସୁର ପ୍ରସାଦ ନାୟକ, ଶରତ କୁମାର ଷଡଙ୍ଗୀ ,ମୁଦୁପୁର,ସରପଞ୍ଚ , ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଉପ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କୁ 'ଚଲାପଥ' ସମ୍ମାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କୁ ତାଙ୍କର ଜୀବନ ବ୍ୟାପି ସାଧନା, ତ୍ୟାଗ, ସେବା ଲାଗି ତାଙ୍କୁ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର 'ସମ୍ମାନ ଜନକ ଚଲାପଥ ସମ୍ମାନ ୨୦୨୫' ପ୍ରଦାନ କରିଥିଲେ । ଏହି ସମ୍ମାନ ପ୍ରଦାନ ସମୟରେ ଓୟୁ.ଜେ.ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପ୍ରାକ୍ତନ ବରିଷ୍ଠ ପ୍ରଶାସକ ସନ୍ତୋଷ କୁମାର ମିଶ୍ର, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଡ଼ଭୋକେଟ କବୀର କୁମାର ଜେନା, ମାନବ ଅଧିକାର କମିଶନ ନୂଆଦିଲ୍ଲୀ କୋରଗ୍ରୁପ ସଦସ୍ୟ ମନୋଜ କୁମାର ଜେନା, ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସଂସ୍କୃତି ସମାଜର ପ୍ରତିଷ୍ଠାତା ତଥା ସାମ୍ବାଦିକ ରଞ୍ଜନ କୁମାର ଆଚାର୍ଯ୍ୟ, ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଡକ୍ଟର ନୃସିଂହ ଚରଣ ସାହୁ, ଗିତାଶ୍ରୀ ପ୍ରିୟମ୍ବଦା, ଭୁବନ ମୋହନ ମହାନ୍ତି, ବୀଣାପାଣି ଚୌଧୁରୀ, ମଧୁସ୍ମିତା ଶା, ଗୀତାଞ୍ଜଳି ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।



# ମହାଦେବ ପ୍ରଧାନଙ୍କ କବିତା ବହି 'ପାହାନ୍ତି ଆକାଶ 'ଲୋକାର୍ପିତ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବର୍ତ୍ତମାନ ଓଡ଼ିଆ କବିତାରେ ସମକାଳୀନତା ସହିତ ଶାଶ୍ୱତତା ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଭାରତୀୟ ବିଦ୍ୟା ଭବନରେ ଯୁବ କବି ମହାଦେବ ପ୍ରଧାନଙ୍କ ପ୍ରଥମ ବହି 'ପାହାନ୍ତି ଆକାଶ'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଆଶୁତୋଷ ପରିଡ଼ା, ଖ୍ୟାତନାମା କବି ମମତା ଦାଶ, ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଓ ସାହିତ୍ୟିକା ଚିରଶ୍ରୀ ଇନ୍ଦ୍ରସିଂ ଉପସ୍ଥିତ ରହି କବିଙ୍କ ଉଜ୍ଜ୍ୱଳ ସାହିତ୍ୟିକ ଭବିଷ୍ୟତ କାମନା କରିଥିଲେ । ସୁମିତ ପଣ୍ଡା, ଦେବବ୍ରତ ଦାସ, ମନୀଷା ବିଶ୍ୱାଳ, ଜାହ୍ନବୀ ଚୌଧୁରୀ, ସୁବ୍ରତ ସେନାପତି ଓ ସଂଗ୍ରାମ ମହାରଣା ପୁସ୍ତକରୁ କବିତା ପାଠ କରିଥିଲେ। ପ୍ରକାଶକ, ବର୍ଷା ପବ୍ଲିକେସନ ବାଦଲ ମହାନ୍ତି ଓ କବି ଶ୍ରୀ ପ୍ରଧାନ ମଧ୍ୟ ବକ୍ତବ୍ୟ ରଖିଥିଲେ । ବେଦ ପ୍ରକାଶ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଗରମ ଓ ଗୁଳୁଗୁଳି ଯୋଗୁ ୫୦ରୁ ଅଧିକ ଅସୁସ୍ଥ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗରମ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହେଲେଣି ୫୦ରୁ ଅଧିକ ଲୋକ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠେଇ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସବୁ ମେଡିକାଲକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଲର୍ଟ କରାଯାଇଛି । ଅଂଶୁଘାତ ପାଇଁ ଜିଲ୍ଲା ସ୍ତରୀୟ ହସ୍ପିଟାଲରେ ୬ ଟି, ସବଡ଼ିଭିଜନ ସ୍ତରୀୟ ମେଡିକାଲରେ ୪ଟି ସିଏଚସିରେ ୨ଟି ବେଡ୍ ପ୍ରସ୍ତୁତ ରଖାଯାଇଛି । ଜରୁରୀ କାମ ନ ଥିଲେ ଦିନ ୧୦ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଅନ୍ୟପଟେ ଏ ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ବି ଅଂଶୁଘାତ ଜନିତ ଘଟଣା ସାମ୍ନାକୁ ଆସିନଥିବା କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପହଲଗାମରେ ପର୍ଯ୍ୟଟକଙ୍କ ...

ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଅନନ୍ତନାଗ ପୋଲିସ ପକ୍ଷରୁ ହେଲ୍ପଲାଇନ୍ ନଂ ଜାରି କରାଯାଇଛି । ହେଲ୍ପଲାଇନ୍ ନଂ- ୯୫୯୬୭୭୭୬୬୯/ ୦୧୯୩୨୨୨୫୮୭୦ ରହିଛି। ଆସନ୍ତା ଜୁଲାଇ ୩ ତାରିଖରୁ ଶ୍ରୀ ଅମରନାଥ ଯାତ୍ରା ଆରମ୍ଭ ହେଉଛି । ଏହା ପୂର୍ବରୁ ମଙ୍ଗଳବାର ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ସଂଘଠିତ ହୋଇଛି। ଦକ୍ଷିଣ ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ପହଲଗାମରେ ଏହି ଆକ୍ରମଣ ହୋଇଛି । ଆତଙ୍କବାଦୀମାନେ ବୟାସରନ ଘାଟିରେ ପର୍ଯ୍ୟଟକଙ୍କ ଉପରକୁ ଅତର୍କିତ ଭାବେ ଗୁଳିମାଡ଼ କରିଥିଲେ । ଜମ୍ମୁ-କଶ୍ମୀର ପୋଲିସର ସୂଚନା ମୁତବକ, ଏହି ଭୟଙ୍କର ଆକ୍ରମଣରେ ଅନ୍ୟୁନ ୨୪ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ରାଜ୍ୟର ବହୁ ପର୍ଯ୍ୟଟକ ରହିଛନ୍ତି । ସେହିପରି ଆତଙ୍କବାଦୀଙ୍କ ଆକ୍ରମଣରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି। ଗୁରୁତର ଆହତଙ୍କୁ ଏୟାରଲିଫ୍ଟ କରାଯାଇ ଶ୍ରୀନଗରର ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ସ୍ଥାନୀୟ ଅଞ୍ଚଳକୁ ଭାରତୀୟ ସେନା ହାଇଆଲର୍ଟ ଜୋନ ଘୋଷଣା କରି ତନତନ କରି ଛାନଭୀନ କରୁଛି ।

ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ତୁରନ୍ତ ସୁରକ୍ଷାବଳ ପୂରା ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ କରୁଛନ୍ତି । ଏଥିରେ ଜମ୍ମୁ-କଶ୍ମୀର ଭାରତୀୟ ସେନା, ସିଆରପିଏଫ ଓ ଜମ୍ମୁ-କଶ୍ମୀର ପୋଲିସ ସାମିଲ ହୋଇଛି । ପହଲଗାମ ଏବେ ଉତ୍ତେଜନାପୂର୍ଣ୍ଣ ରହିଛି । ଆତଙ୍କବାଦୀଙ୍କୁ ଧରିବାକୁ ସୁରକ୍ଷାବଳ ତନତନ କରି ପୂରା ଅଞ୍ଚଳରେ ଛାନଭିନ କରୁଛି । ଅତିରିକ୍ତ ସୁରକ୍ଷାବଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିସାରିଛନ୍ତି। ପହଲଗାମ ଉଚ୍ଚ ସ୍ଥାନରେ ରହିଥିବାରୁ ଆହତଙ୍କୁ ଘୋଡ଼ା ସାହାଯ୍ୟରେ ତଳକୁ ଅଣାଯାଇ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆକ୍ରମଣକୁ ପ୍ରଧାନମନ୍ତ୍ରୀଙ୍କ...

ଦେଇଛନ୍ତି। ସେ ଲେଖିଛନ୍ତି, 'ପହଲଗାମ (ଜମ୍ମୁ ଏବଂ କାଶ୍ମୀର)ରେ ଆତଙ୍କବାଦୀ ଆକ୍ରମଣ ଖବର ଶୁଣି ଗଭୀର ଦୁଃଖିତ' ନିରୀହ ନାଗରିକଙ୍କ ଉପରେ ଏହି କାପୁରୁଷୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ନିର୍ଦ୍ଦୋଷ ପୀଡିତ ଏବଂ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା ଏବଂ ପ୍ରାର୍ଥନା।

ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଆକ୍ରମଣକୁ ନିନ୍ଦା କରି ମୃତାହତଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏହା ସହିତ ସେ କହିଛନ୍ତି ଯେ ଏହି ଘଟଣାର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ ଓ ସେମାନେ ଏହାର କଠୋର ପରିଣତି ଭୋଗ କରିବେ ।

## ଆତଙ୍କବାଦୀଙ୍କ...

ଭର୍ତ୍ତି କରାଯାଇଛି, ଯେଉଁଠାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଛି।

ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଆଜିଠୁ ୫ ଦିନ...

ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଅପ୍ରେଲ ୨୩ ତାରିଖ ଠାରୁ ୫ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି । ତେବେ ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା ଗୁଡିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜେଦ୍ଦା ବିମାନବନ୍ଦରରେ ...

କ୍ରାଉନ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ ସଲମାନଙ୍କ ନିମନ୍ତ୍ରଣରେ ଦୁଇ ଦିନିଆ ରାଜ୍ୟ ଗସ୍ତରେ ଜେଦ୍ଦା ପହଞ୍ଚିଛନ୍ତି । ଏହା ତାଙ୍କର ତୃତୀୟ ସାଉଦି ଗସ୍ତ ଏବଂ ଜେଦ୍ଦାକୁ ପ୍ରଥମ ଗସ୍ତ । ଯାହା ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଜେଦ୍ଦା ଗସ୍ତ ହୋଇଛି।

ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ସମ୍ମାନ ସହ ମକ୍କାର ଡେପୁଟି ଗଭର୍ଣ୍ଣର ଏଚଆରଏଚ ପ୍ରିନ୍ସ ସାଉଦ ବିନ ମିଶାଲ ବିନ ଅବଦୁଲାଜିଜ ଅଲ ସାଉଦଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମଇଏ) ଏହି ମନୋରମ ଦୃଶ୍ୟର ଏକ ଭିଡିଓ ପ୍ରକାଶ କରି କହିଛି, ଭାରତ-ସାଉଦି ମୈତ୍ରୀ ଉଚ୍ଚାକାଶରେ ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଜ୍ୟ ଗସ୍ତ ପାଇଁ ଏକ ସ୍ୱତନ୍ତ୍ର ଅଭିନନ୍ଦନ ଭାବେ ସାଉଦି ବାୟୁସୀମାରେ ତାଙ୍କ ବିମାନକୁ ରୟାଲ ସାଉଦି ଏୟାର ଫୋର୍ସ ଏସ୍କର୍ଟ କରିଥିଲା। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଭାରତ-ସାଉଦି ଆରବ ଷ୍ଟ୍ରାଟେଜିକ ପାର୍ଟନରସିପ କାଉନସିଲର ଦ୍ୱିତୀୟ ନେତା ସମ୍ମିଳନୀରେ ମିଳିତ ଅଧକ୍ଷତା କରିବେ। ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ରକ୍ଷା, ଶକ୍ତି, ବାଣିଜ୍ୟ, ବିନିଯୋଗ ଏବଂ ସାଂସ୍କୃତିକ ସହଯୋଗିତାକୁ ଆହୁରି ମଜଭୂତ କରିବା ପାଇଁ ଅନ୍ୟୁନ ୬ଟି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହେବାର ସମ୍ଭାବନା ରହିଛି।

ପ୍ରଧାନମନ୍ତ୍ରୀ ମୋଦି ଜେଦ୍ଦାରେ ପ୍ରବାସୀ ଭାରତୀୟମାନଙ୍କ ସହ ମଧ୍ୟ ମିଳିତ ହେବେ, ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ପାରମ୍ପରିକ ନୃତ୍ୟ ଓ ସାରେ ଜହାଁ ସେ ଅଚ୍ଛା ଗୀତ ଗାଇ ଉତ୍ସାହିତ ଥିଲେ । ଜେଦ୍ଦାର ଗୁଡ ହୋପ ଆର୍ଟସ ଏକାଡେମୀର ସଦସ୍ୟ ପୁଷ୍ପା ସୁରେଶ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଆମ ପାଇଁ ଏକ ବଡ଼ ଦିନ। ଆମେ ପାରମ୍ପରିକ ନୃତ୍ୟରେ ତାଙ୍କୁ ଅଭିନନ୍ଦନ ଜଣାଇବୁ।

ଜେଦ୍ଦା ଭାରତ ଓ ସାଉଦି ଆରବ ମଧ୍ୟରେ ଶତାବ୍ଦୀ ପୁରୁଣା ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କର ଏକ ପ୍ରମୁଖ କେନ୍ଦ୍ର ରହିଆସିଛି। ଏହା ମକ୍କାର ନିକଟବର୍ତ୍ତୀ ହୋଇଥିବାରୁ ହଜ ଓ ଉମରା ତୀର୍ଥଯାତ୍ରା ପାଇଁ ଆସୁଥିବା ଭାରତୀୟ ମୁସଲମାନମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ। ଏହି ଗସ୍ତରେ ପ୍ରଧାନମନ୍ତ୍ରୀ ଭାରତୀୟ ତୀର୍ଥଯାତ୍ରୀଙ୍କ ପାଇଁ ହଜ କୋଟା ବୃଦ୍ଧି ସମ୍ପର୍କରେ ମଧ୍ୟ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ମୋଦୀ ସାଉଦି ଆରବକୁ ଭାରତର ଅତ୍ୟନ୍ତ ମୂଲ୍ୟବାନ ଅଂଶୀଦାର, ସାମୁଦ୍ରିକ ପଡୋଶୀ, ବିଶ୍ୱସ୍ତ ବନ୍ଧୁ ଏବଂ ସାଉଦି ସହଯୋଗୀ ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଭାରତ ଓ ସାଉଦି ଆରବ ଆଞ୍ଚଳିକ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଏହି ସମ୍ପର୍କର ସମ୍ଭାବନା ଅସୀମିତ। ଏହି ସ୍ୱାଗତ ଓ ଗସ୍ତ ଦୁଇ ଦେଶ ମଧ୍ୟରେ ବଢୁଥିବା ରଣନୈତିକ ଏବଂ ସାଂସ୍କୃତିକ ବନ୍ଧନକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି।

## ସଡ଼କ ଦୁର୍ଘଟଣା...

ଚପିଦେବା ଫଳରେ ଅକାଳରେ ଚାଲିଯାଇଥିଲା ୨ ପୁଲିସ କର୍ମଚାରୀଙ୍କ ଜୀବନ। ଖାଲି ସେତିକି ନୁହେଁ, ଏଥିରେ ଆଉ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଛନ୍ତି । ତାଙ୍କୁ ପୁଲିସ ଉଦ୍ଧାର କରି ଏସସିବିରେ ଭର୍ତ୍ତି କରିଥିବା ଜଣାଯାଇଛି।

କଟକ ଡିସିପି ରଷିକେଶ ଲାରୀଙ୍କ ସୂଚନା ଅନୁଯାୟୀ, ଭୋର ସମୟରେ ଟ୍ରକଟି ଦ୍ରୁତଗତିରେ ଆସି ମୁହାଁମୁହିଁ ପିସିଆରଭ୍ୟାନକୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣାସ୍ଥଳରେ ଜଣେ ଓପିଏଫ ଯବାନ ଓ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତ ଯବାନଙ୍କ ନାମ ଲୋକନାଥ ଶବର ଓ ତାଙ୍କ ଘର ରାୟଗଡାରେ ବୋଲି ଜଣାଯାଇଛି । ତେଣେ ହୋମଗାର୍ଡଙ୍କ ଘର କଟକ ଜିଲ୍ଲା କିଶୋରନଗରରେ ବୋଲି ସୂଚନା ମିଳିଛି। ଉଭୟଙ୍କ ପରିବାରକୁ ଘଟଣା ସଂପର୍କରେ ସୂଚନା ଦିଆଯାଇଛି । ଏଣେ ଟ୍ରକ ଚାଳକଙ୍କୁ ପୁଲିସ ଗିରଫ କରି ତଦନ୍ତ ଚଳାଇଛି।

## ଦେବ ପ୍ରସାଦ...

ସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଅନୁମାନ କରାଯାଉଛି। ଏହି ନିଯୁକ୍ତି ସମ୍ପର୍କରେ ରାଜ୍ୟର ବିଭିନ୍ନ ମହଲରେ ସକାରାତ୍ମକ ପ୍ରତିକ୍ରିୟା ଦେଖାଦେଇଛି।

## ୨୪ରୁ ନୂଆ...

ଇ-କେୱାଇସି କରିନାହାନ୍ତି। ଅଫିସରମାନେ ଫିଲ୍ଡକୁ ଯାଇ ଏହାର ଅନୁଧ୍ୟାନ କରିବେ। ୨୪ ତାରିଖରୁ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ ଆରମ୍ଭ ହେବ । ପୁରୀରେ ପଞ୍ଚାୟତିରାଜ ଦିବସ ପାଳନ ବେଳେ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ । ପରେ ପର୍ଯ୍ୟାୟକ୍ରମେ ସମସ୍ତ ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

## ଭାରତୀୟ ପ୍ରଶାସନିକ ...

ଧ୍ରୁତିରାଜ ମିଶ୍ର । ଏଥିସହ ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୬୮ରେ ସିମରନ ସାହୁ, ୮୪୦ରେ ରିଶିତା ଦାସ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଏବଂ ୯୯୪ତମ ସ୍ଥାନରେ ରହିଛନ୍ତି ଅନ୍ନପୂର୍ଣ୍ଣା ମିଶ୍ର।

ସୂଚନାଯୋଗ୍ୟ, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା-୨୦୨୪ର ଚୂଡ଼ାନ୍ତ ଫଳ ଆଜି ପ୍ରକାଶ ପାଇଛି। ସାକ୍ଷାତକାର ରାଉଣ୍ଡରେ ସାମିଲ ହୋଇଥିବା ସମସ୍ତ ପ୍ରାର୍ଥୀ ଆୟୋଗର ଅଫିସିଆଲ ୱେବସାଇଟକୁ ଯାଇ ନିଜ ରେଜଲ୍ଟ ଦେଖିପାରିବେ। ମୋଟ ୧୦୦୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଛି । ଶକ୍ତି ଦୁବେ ଆଇଏଏସ୍-୨୦୨୪ର ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ହର୍ଷିତା ଗୋୟଲ ଓ ତୃତୀୟରେ ରହିଛନ୍ତି ଡୋଙ୍ଗରେ ଅର୍ଚ୍ଚିତ ପରାଗ। ଚତୁର୍ଥରେ ଶାହ ମାର୍ଗି ଚିରାଗ, ଆକାଶ ଗର୍ଗ ପଞ୍ଚମ, କୋମଲ ପୁନିଆ ଷଷ୍ଠ, ଆୟୁଷୀ ବଂଶଲ ସପ୍ତମ, ରାଜ କ୍ରିଷ୍ଣା ଝା ଅଷ୍ଟମ, ଆଦିତ୍ୟ ବିକ୍ରମ ଅଗ୍ରୱାଲ ନବମ ଓ ଦଶମରେ ମୟଙ୍କ ତ୍ରିପାଠୀ ରହିଛନ୍ତି।

## ଶୁଭେଚ୍ଛା ଜଣାଇଲେ...

ଆହୁରି ସୁଦୃଢ଼ କରିବା ପାଇଁ ପାରଦର୍ଶୀ ପ୍ରଶାସନ ଗଠନ ଦିଗରେ ସମସ୍ତେ ଏକନିଷ୍ଠ ହୋଇ କାର୍ଯ୍ୟ କରନ୍ତୁ। ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

## ସମ୍ବିଧାନ ହେଉଛି...

କରୁ ଏବଂ ନିର୍ବାଚନ ମାଧ୍ୟମରେ ପ୍ରତିନିଧିମାନଙ୍କୁ ଦାୟୀ କରୁ। ୧୯୭୭ ମସିହାରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଲୋକମାନଙ୍କ ଦ୍ୱାରା ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଏଥିପାଇଁ ଦାୟୀ କରାଯାଇଥିଲା। ତେଣୁ ଏଥିରେ କୌଣସି ସନ୍ଦେହ ରହିବା ଉଚିତ୍ ନୁହେଁ ଯେ ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହାକୁ ସୁରକ୍ଷା ଦେବାର ଦାୟିତ୍ୱ ନିର୍ବାଚିତ ପ୍ରତିନିଧିମାନଙ୍କର। ସମ୍ବିଧାନର ବିଷୟବସ୍ତୁ କ'ଣ ହେବ ତାହାର ସେମାନେ ହିଁ ଶେଷ ମାଲିକ।

# ବେଦାନ୍ତ ନିରନ୍ତର ଭାବରେ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ଉତ୍ସର୍ଗୀକୃତତାର ଉଦାହରଣ ଦେଇଛି : ରାଜସ୍ୱ ମନ୍ତ୍ରୀ



ଝାରସୁଗୁଡା, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଜିଲ୍ଲା ହକି ଆସୋସିଏସନ୍, ଝାରସୁଗୁଡା ସହିତ ମିଳିତ ଭାବରେ ୧୮ରୁ ୨୦ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ଆନ୍ତଃରାଜ୍ୟ ୫-ଏ ସାଇଡ୍ ବାଳିକା ୧୭ ବର୍ଷରୁ କମ୍ ହକି ଲିଗ୍ ଆୟୋଜନ କରିଥିଲା। ଝାରସୁଗୁଡା ହକି ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ତିନି ଦିନିଆ ଟୁର୍ଣ୍ଣାମେଂଟରେ ଓଡ଼ିଶା, ବିହାର ଏବଂ ଛତିଶଗଡ଼ର ଦଳଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଯୁବ ହକି ପ୍ରତିଭାଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସୁନ୍ଦରଗଡ଼ ଛାତ୍ରାବାସ ସମଗ୍ର ଲିଗରେ ଅସାଧାରଣ ଦକ୍ଷତା ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରି ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିବା ସହିତ ଟୁର୍ଣ୍ଣାମେଣ୍ଟଟି ଏକ ଉଚ୍ଚମାନର ଲକ୍ଷ୍ୟରେ ଶେଷ ହୋଇଥିଲା। ସାଇ ସୁନ୍ଦରଗଡ଼ ଫାଇନାଲରେ ଏକ ସାହସିକ ଲଢ଼େଇ କରି ରନର୍ସଅପ୍ ସ୍ଥାନ ହାସଲ କରିଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତରେ, ଆମେ ଆମ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ଗଭୀର ଭାବରେ ପ୍ରତିବଦ୍ଧ। ଆତ୍ମବିଶ୍ୱାସୀ ଏବଂ ଶୃଙ୍ଖଳିତ ଯୁବପିଢ଼ିଙ୍କୁ ଗଠନ କରିବାରେ କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଭିନ୍ନ ସାମାଜିକ ପ୍ରଭାବ ପ୍ରକଳ୍ପ ମାଧ୍ୟମରେ, ଆମେ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରୁଛୁ। ପରବର୍ତ୍ତୀ ପିଢ଼ିର ଚାମ୍ପିଅନମାନଙ୍କୁ ପ୍ରେରଣା ଦେଉଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ଆମକୁ ଅତ୍ୟନ୍ତ ଗର୍ବର ବିଷୟ।' ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, "ବେଦାନ୍ତ ନିରନ୍ତର ଭାବରେ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ଉତ୍ସର୍ଗୀକୃତତାର ଉଦାହରଣ ଦେଇଛି। ଝାରସୁଗୁଡାରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର ପ୍ରଶାସନିକ ଭବନ ନିର୍ମାଣ ପାଇଁ ସେମାନଙ୍କର ଉଦାର ଅବଦାନ, ଏହି ହକି ଲିଗ୍ ଭଳି ତୃଣମୂଳ ସ୍ତରରେ ପଦକ୍ଷେପଗୁଡ଼ିକୁ ନିରନ୍ତର ସମର୍ଥନ ସହିତ, ପ୍ରକୃତରେ ପ୍ରଶଂସନୀୟ। ଏହି ପ୍ରୟାସଗୁଡ଼ିକ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ରାଜ୍ୟ ସାରା ଏକ ସ୍ପନ୍ଦନଶୀଳ କ୍ରୀଡା ସଂସ୍କୃତିକୁ ପୋଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସମାପନୀ ଉତ୍ସବରେ ଯୋଗ ଦେଇଥିବା ଝାରସୁଗୁଡାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠି କହିଛନ୍ତି, ଝାରସୁଗୁଡା କ୍ରୀଡା ପ୍ରତିଭାର କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି, ଏବଂ ଏହିପରି ଟୁର୍ଣ୍ଣାମେଣ୍ଟଗୁଡ଼ିକ ଆମ ଯୁବପିଢ଼ିଙ୍କୁ ଚମକ ଦେବା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ କରେ। ମୁଁ ବେଦାନ୍ତ ଆଲୁମିନିୟମ ଏବଂ ଜିଲ୍ଲା ହକି ଆସୋସିଏସନକୁ ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ଯୁବତୀମାନଙ୍କୁ ନିର୍ଭୀକ ଭାବରେ ସେମାନଙ୍କର ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିବା ପାଇଁ ପ୍ରଶଂସା କରୁଛି।" ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ ବିଜୟୀ ଦଳ, ଉତ୍କୃଷ୍ଟ ପ୍ରଦର୍ଶନକାରୀ ଏବଂ ପ୍ରଶିକ୍ଷକ ଏବଂ ଆୟୋଜକଙ୍କ ସାମୂହିକ ପ୍ରୟାସକୁ ସମ୍ମାନିତ କରିବା ପାଇଁ ଏକ ସ୍ପନ୍ଦନଶୀଳ ପୁରସ୍କାର ପ୍ରଦାନ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୦୨୫ ରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରେ।

# ରାଇଘର ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନକୁ ମହିଳା ସଂଗଠନର ବିରୋଧ




ରାଇଘର, ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକରେ ଗର୍ଭବତୀ ମହିଳା ଓ କୋମଳ ମତି ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଛତୁଆ ବଣ୍ଟନରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସମସ୍ୟାର କୌଣସି ସମାଧାନନ କରି ପ୍ରଶାସନ ଓ ସରକାର ନୀରବ ରହିବା ଚର୍ଚ୍ଚାର ବିଷୟ ପାଲଟିଛି । ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକ ଠାରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନରେ ଛତୁଆ ବଣ୍ଟନ ନିମନ୍ତେ ଗୋଟିଏ ଆଦର୍ଶ ସ୍ୱଂୟ ସହାୟକ ଗୋଷ୍ଠୀ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯଇଛି । ମୋଟ ୩୧୩ ଅଙ୍ଗନବାଡି କେନ୍ଦ୍ରକୁ ଗୋଟିଏ ମାତ୍ର ସ୍ୱଂୟ ସହାୟକ ଗୋଷ୍ଠୀ ଛତୁଆ ବଣ୍ଟନ କରୁଛନ୍ତି । ଗର୍ଭବତୀ, ପ୍ରସୂତି ଓ ଅପପୃଷ୍ଟିର ଶିକାର ହୋଇଥିବା ମହିଳା ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସରକାର ଛତୁଆ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । କିନ୍ତୁ କ୍ରମାଗତ ବଣ୍ଟନ ବ୍ୟବସ୍ଥା ଓ ନିମ୍ନ ମାନର ସାମଗ୍ରୀ ସମସ୍ୟାକୁ ନେଇ ମହିଳା ସଂଗଠନ, ଲୋକ ପ୍ରତିନିଧିଗଣ ଅଭିଯୋଗ କରି ଆସୁଥିବା ବେଳେ ଅଭିଯୋଗ ଉପରେ କୌଣସି ତଦନ୍ତ ହେଉନି। ଆଜି ପୁଣି ଥରେ ରାଇଘର ମହିଳା ସଂଗଠନ ନିମ୍ନ ମାନର ଛତୁଆ ବଣ୍ଟନ, ଛଅ ମାସ ତଳେ ପ୍ରମାଣ ସହ ପୋକ ହୋଇଥିବା ଛତୁଆ ଓ ଲଡୁ ବଣ୍ଟନ ତଥ୍ୟ ଦେବା ପରେ ମଧ୍ୟ ତଦନ୍ତ ନ କରିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରି ଗୋଷ୍ଠୀ ଉନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବ୍ଲକରେ ସଠିକ୍ ସମୟରେ ବଣ୍ଟନ ନ ହେବା ସହ ସଲା ସୂତରା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଯଥା ଶୀଘ୍ର ସମସ୍ୟାର ତଦନ୍ତ କରାଯାଉ ନଚେତ୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଂଗଠନ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ବିନା ଟେଣ୍ଡରରେ ବର୍ଷ ବର୍ଷ ଧରି ଗୋଟିଏ ଆଦର୍ଶ ସ୍ୱୟଂ ସହାୟକ ଯୋଗାଣକାରୀ ସଂସ୍ଥାକୁ ବଣ୍ଟନ ଅନୁମତି ଦେବା ପଛରେ ଅନେକ ଗୁମର ରହିଥିବା ଚର୍ଚ୍ଚା ଜୋର ଧରିଛି । ଯେଉଁ ଲକ୍ଷ୍ୟ ନେଇ ସରକାର ଛତୁଆ ବଣ୍ଟନ କରୁଛନ୍ତି ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ ଓ ତଦାରଖ ନ ହେବା ଯୋଗୁଁ ଶିଶୁ ଓ ମହିଳାମାନଙ୍କ ମଧ୍ୟରେ ଅପପୃଷ୍ଟି ବଢ଼ି ଚାଲିଛି । ଅପର ପକ୍ଷରେ ରାଇଘର ବ୍ଲକ ଠାରେ ଗୋଟିଏ ମାତ୍ର ଯୋଗାଣ କାରି ସଂସ୍ଥା ରହିଥିବା ବେଳେ ୩୧୩ କେନ୍ଦ୍ରକୁ ଯୋଗାଣ କରିବା ମଧ୍ୟ ନାନା ସମସ୍ୟା ଦେଖା ଦେଉଥିବା ଜଣା ପଡିଛି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି।

# ଡେଲାଙ୍ଗ ନାବାଳକ ହତ୍ୟା ଘଟଣା, ଯୌନ ଶୋଷଣ ପାଇଁ ପ୍ରଲୋଭିତ କରାଇଥିଲା ଅଭିଯୁକ୍ତ : ଏସପି

ପୁରୀ, ନ୍ୟୁଜ ବ୍ୟୁରୋ

ବହୁଚର୍ଚ୍ଚିତ ଡେଲାଙ୍ଗ ରତନପୁରର ନାବାଳକ ହତ୍ୟା ଘଟଣା। ହତ୍ୟା ପୂର୍ବରୁ ନାବାଳକକୁ ଅପ୍ରାକୃତିକ ଯୌନ କ୍ରିୟା କରିବାକୁ ଅର୍ଥ ଦେଖାଇ ପ୍ରଲୋଭିତ କରାଇଥିଲା ଅଭିଯୁକ୍ତ। ନାବାଳକ ହତ୍ୟା ଘଟଣାରେ ଅଭିଯୁକ୍ତ ବାପି ଓରଫ ପ୍ରଭାକର ସାହୁଙ୍କ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳକକୁ ଅପ୍ରାକୃତିକ ଯୌନ କ୍ରିୟା ଏବଂ ହତ୍ୟା ଅଭିଯୋଗରେ ପୋକ୍ସୋ ଆକ୍ଟରେ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି ପୋଲିସ। ପୁରୀ ଏସପି ବିନୀତ ଅଗ୍ରୱାଲଙ୍କ ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁରୀ ଏସପିଙ୍କ ସୂଚନା ଅନୁସାରେ ଗତ ୧୫ ତାରିଖ ସନ୍ଧ୍ୟାରେ ନାବାଳକ ଜଣକ ବାହାରେ ଖେଳି ଘରକୁ ଫେରୁଥିଲେ। ଅଭିଯୁକ୍ତ ବାପି ନାବାଳକକୁ ଡାକି ତାଙ୍କ ଘରକୁ ନେଇଥିଲା। ସେଠାରେ ଅପ୍ରାକୃତିକ ଯୌନ କ୍ରିୟା ପାଇଁ ନାବାଳକକୁ ଟଙ୍କା ଦେବ ବୋଲି ଲୋଭ ଦେଖାଇଥିଲା। ତେବେ ନାବାଳକ ସହିତ ଅଭିଯୁକ୍ତ ବାପି ଯୌନ କ୍ରିୟା କରିବା ପରେ ନାବାଳକକୁ ଟଙ୍କା ଦେଇନଥିଲା। ଏହି ଘଟଣା ନାବାଳକ ଜଣକ ଘରେ କହି ଦେବ ବୋଲି କହିଥିଲା।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୩ ଅପ୍ରେଲ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀକ୍ଷେତ୍ରରେ ଶେଷ ହେଲା ଚଳିତବର୍ଷର ସାହିଯାତ

**ପୁରୀ,୨୨/୪ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ରାମାଭିଷେକ ସହ ଶେଷ ହୋଇଛି ଚଳିତବର୍ଷର ସାହିଯାତ। ଶେଷ ଦିନରେ ଗୌଡ଼ବାଡ଼ ସାହି ପାଳନ କରିଛି ନୀତି । ଗୌଡ଼ବାଡ ସାହି ଆଖଡାରୁ ଭରତ, ବଶିଷ୍ଠ ଋଷି ଓ ପତିଆରା ହନୁମାନ ବାହାରି ଶ୍ରୀମନ୍ଦିରକୁ ଯାଇଥିଲେ । ଶ୍ରୀମନ୍ଦିରରୁ ଭରତ ଶ୍ରୀରାମଙ୍କ ରୁପା କଠଉ ମସ୍ତକରେ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖରେ ନିର୍ମାଣ ହୋଇଥିବା ଅସ୍ଥାୟୀ ନନ୍ଦି ଗ୍ରାମକୁ ଯାଇ ସେଠାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବିଜେ କରିବା ପରେ ଭରତ କଠଉ ପ୍ରଦାନ କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀରାମ ଅଭିଷେକ ନୀତି ଅନୁଷ୍ଠିତ ହୁଏ । ଏଥିସହ ସାହିଯାତ ପଟୁଆର ସାହି ପରିକ୍ରମା କରିଥିଲେ । ଏହି ନୀତି ସହ ଶେଷ ହୋଇଛି ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ର ସାହିଯାତ ।

### ସୁନ୍ଦରଗଡ଼ରେ ନଗଡ଼ା ଚିତ୍ର

## ଅପପୁଷ୍ଟିର ଶିକାର ୩,୬୦୦ ଶିଶୁ

**ରାଉରକେଲା ୨୨/୪ ନ୍ୟୁଜ ବ୍ୟୁରୋ**

ଅପପୁଷ୍ଟି ରୋକିବାକୁ ସରକାରୀ ତହବିଲରୁ ପାଣି ବୋହିଲା ପରି ଅର୍ଥ ଖର୍ଚ୍ଚ କରାଯାଉଛି। ଅଙ୍ଗନବାଡ଼ି ଜରିଆରେ ଶିଶୁମାନଙ୍କୁ ପୋଷଣଯୁକ୍ତ ଲଡୁ, ଛତୁଆ, ଅଣ୍ଡା ଆଦି ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହା ଅପପୁଷ୍ଟିକୁ ରୋକିପାରିନି। ସୁନ୍ଦରଗଡ଼ ଜିଲ୍ଲାର ମୋଟ ୩ ହଜାର ୬୩୩ କୋମଳମତି ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଅଭିଯୋଗ ହେଉଛି। ଏମାନଙ୍କ ମଧ୍ୟରୁ ୬୩୩ ଶିଶୁ ଅତିଶୟ ଅପପୁଷ୍ଟି କବଳିତ। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ଏହି ସାଂଘାତିକ ତଥ୍ୟ ସୁନ୍ଦରଗଡ଼ ବିକାଶର ଅସଲି ଚିତ୍ର ସାମନାକୁ ଆଣିଛି। ଆଶ୍ଚର୍ଯ୍ୟର କଥା, ଅଣ୍ଡା, ଲଡୁ ଓ ଛତୁଆ ବାବଦରେ ସରକାର ମାସିକ ପାଖାପାଖି ୨ କୋଟି ୧୨ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରୁଥିଲେ ହେଁ କିଛି ସୁଫଳ ମିଳୁନି। ଖଣି ଅଞ୍ଚଳର ଏମିତି ଅନେକ ବସ୍ତି ରହିଛି, ଯେଉଁମାନଙ୍କ ପାଖରେ ଆଜି ପର୍ଯ୍ୟନ୍ତ ସରକାରଙ୍କ ଯୋଜନା ପହଞ୍ଚିପାରିନି। ସେମାନଙ୍କ ଶିଶୁଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଯେମିତି ସାତସପନ ହୋଇଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍)ରେ ଜିଲ୍ଲାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ସତ୍ତ୍ୱେ ଜିଲ୍ଲାରେ ଅପପୁଷ୍ଟି ସଂଖ୍ୟାରେ ରୋକ୍ ଲାଗି ନ ପାରିବା ଚିନ୍ତାଜନକ ବୋଲି ବୁଦ୍ଧିଜୀବୀଙ୍କ ମତ। ସୁନ୍ଦରଗଡ଼ରେ ୦ରୁ ୫ ବର୍ଷ ମଧ୍ୟରେ ମୋଟ ୧ ଲକ୍ଷ ୧୭ ହଜାର ଶିଶୁ ଅଛନ୍ତି। ଲହୁଣିପଡ଼ା ବ୍ଲକ୍‌ରେ ୮,୭୭୫ ଶିଶୁଙ୍କ ମଧ୍ୟରୁ ଜିଲ୍ଲାର ସର୍ବାଧିକ ୫୨୪ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ୪୩୬ ଶିଶୁ ଅପପୁଷ୍ଟି ଓ ୭୫ ଶିଶୁ ଅତିଶୟ ଅପପୁଷ୍ଟିର ଶିକାର ହୋଇଛନ୍ତି। ଦ୍ୱିତୀୟସ୍ଥାନରେ ରହିଛି ଉପାନ୍ତ ବ୍ଲକ୍ ଗୁରୁଣ୍ଡିଆ। ଏହି ବ୍ଲକ୍‌ରେ ମୋଟ ୪,୬୬୩ ଶିଶୁଙ୍କ ମଧ୍ୟରୁ ୨୬୭ ଶିଶୁ ଅପପୁଷ୍ଟି ଓ ୯୪ ଶିଶୁ ଅତିଶୟ ଅପପୁଷ୍ଟି କବଳିତ।

## ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳର ସାଂଗଠନିକ ଟିମ୍ ଗଠନ ହୋଇପାରୁନି

**ଭୁବନେଶ୍ୱର, ୨୨/୦୪ ନ୍ୟୁଜ ବ୍ୟୁରୋ**

ନୂଆ ରୂପରେଖ ନେବେ କଂଗ୍ରେସ, ବିଜେଡି ଓ ବିଜେପି । ତିନି ଦଳର ପୁନର୍ବିନ୍ୟାସ ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ତିନି ଦଳ ନୂଆ ଟିମ୍ ନେଇ ମଇଦାନକୁ ଓହ୍ଲାଇବେ । ଦଳୀୟ ନେତା, କର୍ମୀ ଅପେକ୍ଷା କରିଛନ୍ତି, କେବେ ଗଠନ ହେବ ବହୁପ୍ରତୀକ୍ଷିତ ଟିମ୍। କଂଗ୍ରେସ ଓ ବିଜେଡିର ମୁଖିଆ ନିଯୁକ୍ତ ହୋଇ ସାରିଲେଣି। ରାଜ୍ୟ କଂଗ୍ରେସର ନବକଳେବର ପାଇଁ ଅଭିଜ୍ଞ ଭକ୍ତଚରଣ ଦାସଙ୍କ ହାତରେ ସଂଗଠନର ଭାର ଦେଇଛି ଏଆଇସିସି । ହେଲେ ଅଢ଼େଇ ମାସ ପରେ ବି ଭକ୍ତ ଏଯାଏଁ ତାଙ୍କ ଟିମ୍ ଗଠନ କରିପାରିନାହାନ୍ତି । ସେହିପରି ନବୀନ ପଟ୍ଟନାୟକ ପୁନର୍ବାର ବିଜେଡି ସଭାପତି ନିର୍ବାଚିତ ହୋଇଛନ୍ତି । ନବୀନଙ୍କ ନୂଆ ଟିମ୍ ଉପରେ ବି ସଭିଙ୍କ ନଜର ରହିଛି । ତେବେ କ୍ଷମତାସୀନ ରାଜ୍ୟ ବିଜେପିର ନୂଆ ମୁଖିଆ (ସଭାପତି) ଆସନରେ ମନମୋହନ ସାମଲ ରହିବେ ନା ଆଉ କାହାକୁ ଦାୟିତ୍ୱ ମିଳିବ ? ଖୁବଶୀଘ୍ର ଏ ନେଇ କେନ୍ଦ୍ରୀୟ ନେତୃତ୍ୱ ଘୋଷଣା କରିବେ । ସଭାପତି ଘୋଷଣା ପରେ ରାଜ୍ୟ ବିଜେପିରେ ମଧ୍ୟ ସାଂଗଠନିକ ଅଦଳବଦଳ ହେବ । ଅର୍ଥାତ୍ ତିନି ଦଳ ଏବେ ନୂଆ ଟିମ୍ ଗଢ଼ିବେ । ଗତ ଫେବ୍ରୁୟାରୀରୁ ଭକ୍ତ ପିସିସି ସଭାପତି ଦାୟିତ୍ୱ ନେଲେଣି । କିନ୍ତୁ, ଏ ପର୍ଯ୍ୟନ୍ତ ପିସିସି କମିଟି କିମ୍ବା ଜିଲ୍ଲା କମିଟି ଗଢ଼ିପାରିନାହାନ୍ତି । ରାଜ୍ୟ, ଜିଲ୍ଲା, ବ୍ଲକ ସ୍ତରରେ କଂଗ୍ରେସର ସାଂଗଠନିକ କମିଟି ନାହିଁ । ଭକ୍ତଙ୍କ ଆଗରେ ବଡ଼ ଆହ୍ୱାନ- କାହାକୁ ପିସିସିରେ କେଉଁ ଦାୟିତ୍ୱ ଦେବେ। କାରଣ ଅତୀତରେ ପିସିସି ଓ ଜିଲ୍ଲା କମିଟିକୁ ନେଇ କଂଗ୍ରେସରେ ବିବାଦ, ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି । ଅଭିଜ୍ଞ ଭକ୍ତ ଏଯାବତ୍ କଂଗ୍ରେସକୁ ସଂଗଠିତ କରିବା ସହ ନୂଆ ଉତ୍ସାହ ଭରିବାରେ ସକ୍ଷମ ହୋଇଛନ୍ତି। ହେଲେ ସଂଗଠନର ନବକଳେବର ଭକ୍ତଙ୍କ ପାଇଁ ପ୍ରଥମ ଅଗ୍ନି ପରୀକ୍ଷା ହେବ । ନୈରାଶ୍ୟ ଭିତରେ ନୂଆ ଆଶା ଦେଖୁଥିବା ନେତା, କର୍ମୀ ଏବେ ଦଳର ନବକଳେବର ଅପେକ୍ଷାରେ ରହିଛନ୍ତି । ସେହିପରି କ୍ଷମତାରୁ ବାହାରେ ରହି ନବୀନ ଏଥର ସଂଗଠନ ଭାର ସମ୍ଭାଳିବେ । ମାତ୍ର ଏଥର ରାସ୍ତା ଭାରି କଠିନ । ପରାଜୟର ନୈରାଶ୍ୟକୁ କାଟି ଦଳକୁ ନୂଆ ମନ୍ତ୍ରରେ ସଂଗଠିତ କରିବାକୁ ପଡ଼ିବ । ଏଥିପାଇଁ ସେଭଳି ସଶକ୍ତ, ଉତ୍ସାହୀ, ପରିଶ୍ରମୀ ଓ ଅନୁଭବୀ ଟିମ୍ ଗଠନ କରିବା ନବୀନଙ୍କ ପାଇଁ ବଡ଼ ଆହ୍ୱାନ । ପୁଣି ଗୋଟିଏ ପଟେ ଅଭିଜ୍ଞ ଓ ଅନ୍ୟପଟେ ଯୁବ ନେତୃତ୍ୱଙ୍କ ଭିତରେ ସନ୍ତୁଳନ କରିବାକୁ ପଡ଼ିବ । ପ୍ରଥମ ପର୍ଯ୍ୟାୟରେ ୧୮ଟି ସାଂଗଠନିକ ଜିଲ୍ଲାରେ ବିଜେଡି ସଭାପତି ଘୋଷଣା କରି ସାରିଛି । ମାତ୍ର ୧୫ ସାଂଗଠନିକ ଜିଲ୍ଲାରେ କେଁ ଛିଣ୍ଡିନି । ରାଜ୍ୟକାରିଣୀ ଓ ରାଜ୍ୟ ପରିଷଦ ସଭ୍ୟକୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହିଛି । ଏଥିରେ କାହାକୁ ସ୍ଥାନ ମିଳିଛି, ଖୋଦ୍ ଦଳୀୟ ନେତାମାନେ ବି ଜାଣି ପାରୁନାହାନ୍ତି ।

## ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ମିଳିବ ଚାକିରି : ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଏଜି

**ନୂଆଦିଲ୍ଲୀ,୨୨/୦୪**



ମୃତ ସରକାରୀ କର୍ମଚାରୀଙ୍କ ପରିବାରଙ୍କ ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ । ସ୍କୁଲ, କଲେଜଠାରୁ ଆରମ୍ଭ କରି ସଚିବାଳୟରେ କାର୍ଯ୍ୟ କରୁଥିବା ୩ ହଜାରରୁ ଊର୍ଦ୍ଧ୍ୱ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ମିଳିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟରେ ଏହା କହିଛନ୍ତି । ସେ କହିଛନ୍ତି, ଏ ନେଇ ୨୦୨୦ ନିୟମର ସଂଶୋଧନ କରାଯାଇଛି । ସଂଶୋଧିତ ଆଇନ ୨୦୨୫ ଅନୁଯାୟୀ ଜଣେ କାର୍ଯ୍ୟରତ ସରକାରୀ କର୍ମଚାରୀ ପ୍ରାଣ ହରାଇଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଓଡ଼ିଶା ସରକାର ସରକାରୀ ଚାକିରି ଦେବେ । ବିଚାରପତି ଜେ କେ ମାହେଶ୍ୱରୀ ଏବଂ ବିଚାରପତି ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଏହି ମାମଲାର ଶୁଣାଣି ହୋଇଥିଲା । ଏଜି ପୀତାମ୍ବର ଆଚାର୍ଯ୍ୟ କହିଥିଲେ, ୧୯୯୦ର ଆଇନ ଅନୁସାରେ ସରକାରୀ ଚାକିରିରେ କାର୍ଯ୍ୟରତ ଥିବା ଜଣେ କର୍ମଚାରୀ ପ୍ରାଣ ହରାଇଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରାଯିବ ବୋଲି ବ୍ୟବସ୍ଥା ଥିଲା । ୨୦୨୦ରେ ଏହି ନିୟମକୁ ତତ୍କାଳୀନ ସରକାର ପରିବର୍ତ୍ତନ କରିଥିଲେ । ନୂଆ ସରକାର ଏହାକୁ ସଂଶୋଧନ କରିଛନ୍ତି। ଏହା ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇଛି । ତେବେ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ବ୍ଲକ୍ ଗ୍ରାଣ୍ଟ ପାଉଥିବା କେତେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିବାଦୀଙ୍କ କ୍ଷେତ୍ରରେ ଏହି ଆଇନ କାର୍ଯ୍ୟକାରୀ ହେବନି । ସେମାନଙ୍କ ମାମଲା ଅଲଗା ଭାବେ ବିଚାର କରାଯାଉଛି। ଏମାନଙ୍କ ସଂଖ୍ୟା ୨୦/୨୫ ହୋଇପାରେ ବୋଲି ଏଜି କହିଥିଲେ। ସେମାନଙ୍କ ଏକ ଅଲଗା ତାଲିକା କରିବା ପାଇଁ ଖଣ୍ଡପୀଠ କହିଥିଲେ। ପରବର୍ତ୍ତୀ ଶୁଣାଣି ମେ ୨ ତାରିଖରେ ରାଜ୍ୟ ସରକାର ଏହି ତାଲିକା କୋର୍ଟରେ ଉପସ୍ଥାପନ କରିବେ । ସୁପ୍ରିମକୋର୍ଟରେ ପାଖାପାଖି ୩ଶହରୁ ଊର୍ଦ୍ଧ୍ୱ ପ୍ରତିବାଦୀ ରହିଛନ୍ତି । ଦେବାଶିଷ ରଥ ନାମକ ଜଣେ ପ୍ରତିବାଦୀଙ୍କ ପକ୍ଷରୁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ସୁରେନ୍ଦ୍ର କୁମାର ପତ୍ରୀ ଓ ଓକିଲ ରଭିଶ କୁମାର ତ୍ରିପାଠୀ ସେମାନଙ୍କ ପକ୍ଷ ରଖିଥିଲେ । ଉଲ୍ଲେଖନୀୟ ଯେ, ୨୦୨୦ରେ ନବୀନ ପଟ୍ଟନାୟକଙ୍କ ସରକାର ୧୯୯୦ ଆଇନର ସଂଶୋଧନ କରିବା ଫଳରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ ଅନୁକମ୍ପାମୂଳକ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଥିଲେ । କେତେକ କର୍ମଚାରୀଙ୍କ ପରିବାର ସଦସ୍ୟ ଓଡ଼ିଶା ହାଇକୋର୍ଟରେ ଏହା ବିରୋଧରେ ଆବେଦନ କରିଥିଲେ । ଓଡ଼ିଶା ହାଇକୋର୍ଟ ରାଜ୍ୟ ସରାକାରଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ । ନବୀନ ପଟ୍ଟନାୟକ ସରକାର ୨୦୨୩ ଜୁନ୍ ୨୭ରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଗତ ଫେବ୍ରୁୟାରୀ ୨ରେ ସୁପ୍ରିମକୋର୍ଟରେ ଏହି ମାମଲାର ପ୍ରଥମ ଶୁଣାଣି ହୋଇଥିଲା । ଏଜି ପୀତାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟରେ କହିଥିଲେ ଯେ, ନୂଆ ରାଜ୍ୟ ସରକାର ୨୦୨୦ର ଏହି ଆଇନର ପୁନର୍ବିଚାର କରିବା ପାଇଁ ଚିନ୍ତା କରୁଛନ୍ତି । ଏହାପରେ ମାମଲା ଏପ୍ରିଲ ୨୧କୁ ସ୍ଥଗିତ ହୋଇଥିଲା । ଏହାର ଶୁଣାଣି ଶେଷ ହେବା ପରେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କୁ କହିଥିଲେ ଯେ, ନୂଆ ସରକାରଙ୍କ ସଂଶୋଧିତ ଆଇନ-୨୦୨୫ ଦ୍ୱାରା ୩ ହଜାରରୁ ଊର୍ଦ୍ଧ୍ୱ ମୃତ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ ଏଥିରୁ ଲାଭବାନ ହେବେ ।

## ରାଜ୍ୟରେ ନକଲି ଶିକ୍ଷକ ସଂଖ୍ୟା କେତେ ଜାଣିବାକୁ ଚାହିଁଲେ ହାଇକୋର୍ଟ



**କଟକ ୨୨।୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୪୨୪ ଜଣ ନକଲି ଶିକ୍ଷକ ଧରାପଡିଛନ୍ତି । କିନ୍ତୁ ସଂଖ୍ୟା ଏତିକି ନା ଆହୁରି ଅଧିକ ତାହା ଜାଣିବାକୁ ଚାହିଁଛନ୍ତି ହାଇକୋର୍ଟ । ନକଲି ଶିକ୍ଷକ ନିଯୁକ୍ତି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଆସନ୍ତା ମାସ ୬ ତାରିଖ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛି । ରାଜ୍ୟରେ ମାଳ ମାଳ ନକଲି ଶିକ୍ଷକ ଥାଇବି, ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାର ଅଭିଯୋଗ କରି ସଞ୍ଜୟ କୁମାର ମହାରଣା ୨୦୧୮ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ସରକାରୀ ଭାବେ ହୋଇଥିବା ତଦନ୍ତ ଅନୁସାରେ ୪ ଶହ ୨୪ ଜଣ ନକଲି ଶିକ୍ଷକ ଥିବା ଗତ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। ୬ଟି ଜିଲ୍ଲାରେ ସ୍ଥିତି ଉଦ୍‌ବେଗଜନକ ରହିଛି ବୋଲି କୁହାଯାଇଛି ଏବଂ ବରଗଡ଼, କେନ୍ଦୁଝର ଓ କେନ୍ଦ୍ରାପଡା ଜିଲ୍ଲାରେ ତଦନ୍ତ ଚାଲିଛି ଯାହା ଏବେବି ଶେଷ ହୋଇନାହିଁ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି । ଯାହାକୁ ନେଇ ମୁଖ୍ୟବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଭୀଷଣ ବିରକ୍ତି ପ୍ରକାଶ କରିଛନ୍ତି। ୨୦୧୮ ମସିହାରୁ ନକଲି ଶିକ୍ଷକ ଧରପଗଡ଼ କାର୍ଯ୍ୟ ଚାଲିଥିଲେ ବି ଏଯାଏଁ କାହିଁକି ସରିନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ଆସନ୍ତା ୬ ତାରିଖ ସୁଦ୍ଧା ତଦନ୍ତର ଅଗ୍ରଗତି ଏବଂ ଧରାପଡ଼ିଥିବା ନକଲି ଶିକ୍ଷକମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହୋଇଛି, ସତ୍ୟପାଠ ଜରିଆରେ ଜଣାଇବା ଲାଗି ରାଜ୍ୟ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ହୋଇଛି।

## ପାଞ୍ଚଗାଁରୁ ଅପହୃତ ନାବାଳକ ନିରାକାରପୁର ଅଞ୍ଚଳରୁ ଉଦ୍ଧାର

**ଭୁବନେଶ୍ୱର ୨୨।୪ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପାଞ୍ଚଗାଁରୁ ଅପହୃତ ନାବାଳକ ଉଦ୍ଧାର ହୋଇଛି। ଖୋର୍ଦ୍ଧା ନିରାକାରପୁର ଅଞ୍ଚଳରୁ ଅପହୃତ ନାବାଳକ ସୁରକ୍ଷିତ ଉଦ୍ଧାର ହୋଇଛି । ଘଟଣାରେ ସମ୍ପୃକ୍ତ ସମସ୍ତ ୭ ଜଣଙ୍କୁ ଗିରଫ ନେଇ ପୋଲିସ କମିଶନର ସୂଚନା ଦେଇଛନ୍ତି। ନାବାଳକଙ୍କ ବାପାଙ୍କଠୁ ଜମି ବିକା ଟଙ୍କା ନେବାକୁ ଅପହରଣ ଯୋଜନା କରିଥିଲେ ଅପହରଣକାରୀ । ଅପହର୍ତ୍ତାଙ୍କ କବଳରୁ ମୁକୁଳିବା ପରେ ନାବାଳକ ଜଣଙ୍କ କହିଛନ୍ତି ଯେ, ମୋତେ ଟ୍ୟୁସନ ସାର୍ ନେଇ ଯାଇଥିଲେ। ଦେହ ଖରାପ ଥିଲା, ଡାକ୍ତର ପାଖକୁ ନେବାକୁ କହି ନେଇଗଲେ ।



ଭୁବନେଶ୍ୱର : ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ୨ଜଣ ବାଳକ ବିନ୍ଦୁସାଗରରେ ଜଳ କ୍ରୀଡ଼ାର ମଜା ନେଉଛନ୍ତି। (ଫଟୋ : ସମ୍ବାଦ କଳିକା)

### କୋଟିଆକୁ ନେଇ ବିବାଦ ତେଜିଲା...

## ଓଡ଼ିଶାର ରାସନ, ଆଧାର ଏବଂ ପେନସନ କାର୍ଡ ଫେରାଇବେ ୬ ଖଣ୍ଡ ଗ୍ରାମର ଲୋକେ!

**କୋରାପୁଟ, ୨୨/୪ (ନୀରଜ ଶତପଥୀ, ନ୍ୟୁଜ)**

କୋଟିଆକୁ ନେଇ ପୁଣି ଥରେ ବିବାଦ ଧିରେ ଧିରେ ତେଜିବାରେ ଲାଗିଛି। ଏଥର କିନ୍ତୁ ଓଡ଼ିଶା ପୋଲିସର କାର୍ଯ୍ୟଧାରା ବିରୁଦ୍ଧରେ ଆନ୍ଧ୍ରର ଶରଣ ପଶିଛନ୍ତି କୋଟିଆ ଅଞ୍ଚଳର ଲୋକେ। ଯାହାକି କେବଳ ଜିଲ୍ଲା ପ୍ରଶାସନ ପାଇଁ ନୁହେଁ ବରଂ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ ନିର୍ମାଣ କରାଯାଇଥିବା ପାନୀୟ ଜଳ ଟ୍ୟାଙ୍କରେ ରଙ୍ଗ ମାରୁଥିବା ସମୟରେ ଓଡ଼ିଶା ପୋଲିସ ୩ ଜଣଙ୍କୁ ଉଠାଇ ନେଇ ପଟାଙ୍ଗି ଥାନାରେ ବିନା କାରଣରେ ଦିର୍ଘ ସମୟ ଯାଏଁ ଅଟକ ରଖିଥିବା ନେଇ ଥାନାରୁ ଆସିବା ପରେ ଆନ୍ଧ୍ର ସାଲୁରୁର ପୂର୍ବତନ ବିଧାୟକ ରାଜନ୍ନ ଦୋରାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବାରମ୍ବାର ଓଡ଼ିଶା ପକ୍ଷରୁ ଧୂଳିପଦର ସମେତ ସୀମାନ୍ତ ଗ୍ରାମବାସୀଙ୍କୁ ହଇରାଣ କରା ଯାଉଥିବା ନେଇ ଅଭିଯୋଗ କରି ସୀମାନ୍ତ ଅଞ୍ଚଳର ୬ ଖଣ୍ଡଗ୍ରାମର ଲୋକେ ଆନ୍ଧ୍ରରେ ରହିବେ ବୋଲି ଲିଖିତ ଆକାରରେ ପ୍ରଦାନ କରିଛନ୍ତି।

କେବଳ ଏତିକି ନୁହେଁ, ଓଡ଼ିଶା ପ୍ରଦାନ କରିଥିବା ଆଧାର କାର୍ଡ, ରାସନ କାର୍ଡ ଏବଂ ପେନସନ କାର୍ଡ ସବୁ ଫେରସ୍ତ କରି ଓଡ଼ିଶାର କୌଣସି ସାହାଯ୍ୟ ଓ ସହଯୋଗ ନ ନେଇ ଆନ୍ଧ୍ର ସହିତ ଜଡିତ ହୋଇ ରହିବେ ବୋଲି କହିଛନ୍ତି। ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ଜନକଲ୍ୟାଣକାରୀ କାର୍ଡଗୁଡ଼ିକୁ ମାନ୍ୟମ ଜିଲ୍ଲା ପାର୍ବତୀପୁର ଜିଲ୍ଲାପାଳଙ୍କୁ ପ୍ରଦାନକରିବେ ଏବଂ ପାର୍ବତୀପୁର ଜିଲ୍ଲାପାଳ ସେଗୁଡ଼ିକୁ କୋରାପୁଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ବୋଲି ସାଲୁରୁର ପୂର୍ବତନ ବିଧାୟକ ରାଜନ୍ନ ଦୋରା କହିଛନ୍ତି। ପ୍ରଥମ ଥର ପାଇଁ ଲୋକଙ୍କ ମଧ୍ୟରେ ଏପରି ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଯାହାର ଫଳ ସ୍ୱରୁପ ୬ ଖଣ୍ଡ ଗ୍ରାମର ଲୋକେ ଆନ୍ଧ୍ରର ସରଣ ପଶିଛନ୍ତି। ତେବେ ବର୍ତ୍ତମାନ ଆନ୍ଧ୍ରରେ ଚନ୍ଦ୍ରବାବୁ ନାଇଡୁ ସରକାର ଏବଂ ଓଡ଼ିଶାରେ ବିଜେପି ସରକାର ରହିଥିବାବେଳେ, ଏହି ମାମଲାକୁ ଦୁଇ ରାଜ୍ୟ ସରକାର ସମାଧାନର ବାଟ ବାହାର କରିବେ ନା ଦୁଇ ରାଜ୍ୟର ଦୁଇ ପୋଡଶୀ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଦ୍ୱାରା ଏହାର ସମାଧାନ କରାଯିବା ନେଇ ପ୍ରଚେଷ୍ଟା କରାଯିବ ? ତେବେ କୋଟିଆ ସୀମାନ୍ତ ୬ ଖଣ୍ଡ ଗ୍ରାମର ଲୋକେ ଆନ୍ଧ୍ରରେ ସାମିଲ ହେବା ନେଇ ଲିଖିତ ଆକାରରେ ଦେବା ଘଟଣା ସୁପ୍ରିମକୋର୍ଟରେ ଆନ୍ଧ୍ରର ପ୍ରାଧାନ୍ୟ ଅଧିକ ରହିବା ସମ୍ଭାବନା ମନେ କରାଯାଉଛି। ଏପରି ହେଲେ ଓଡ଼ିଶା କ୍ଷତି ସହିବ ! ତେବେ ଏହାର ଫାଇଦା ଆନ୍ଧ୍ର ଉଠାଇବା ପୂର୍ବରୁ ଓଡ଼ିଶା ସରକାର କିମ୍ବା ଜିଲ୍ଲା ପ୍ରଶାସନ ଘଟଣାକୁ ଗୁରୁତର ସହ ନେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

### କୋଟିଆ ପିଲା ଓଡ଼ିଆ ପଢ଼ିବେ, ଓଡ଼ିଶାରେ ରହିବେ : ଗଣଶିକ୍ଷା ମନ୍ତ୍ରୀ

**କୋରାପୁଟ ୨୨।୪ ନ୍ୟୁଜ ବ୍ୟୁରୋ**



କୋଟିଆ ପିଲା ଆନ୍ଧ୍ର ବିଦ୍ୟାଳୟରେ ନୁହେଁ, ଓଡ଼ିଆ ପଢ଼ିବେ ଓଡ଼ିଶାରେ ରହିବେ । ଏଭଳି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ କହିଛନ୍ତି, କୋଟିଆ ବିବାଦର ସମାଧାନ କରାଯିବ। ଆନ୍ଧ୍ର ଜବରଦସ୍ତ କୋଟିଆ ଅଞ୍ଚଳରେ ପ୍ରବେଶ କରୁଛି । ଲୋକଙ୍କୁ ପ୍ରଲୋଭିତ କରିବାକୁ ଷଡଯନ୍ତ୍ର କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ଦେଉଛି। ଲୁଚିଛପି ଆନ୍ଧ୍ର ଅଧିକାରୀ କୋଟିଆରେ ପ୍ରବେଶ କରୁଥିବା ନଜରକୁ ଆସିଛି । କୋଟିଆରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗମନାଗମନ ସୁବିଧା, ପ୍ରତ୍ୟେକ ଯୋଜନା କିଭଳି ସଫଳ ରୁପାୟନ ହେବ ସେନେଇ ପଦକ୍ଷେପ, ଶିକ୍ଷା, ସ୍ୱାସ୍ଥ୍ୟ ସେବା କିଭଳି ଉନ୍ନତମାନର ହେବ ସେନେଇ କାମ କରୁଛନ୍ତି ଜିଲ୍ଲା ପ୍ରଶାସନିକ ଅଧିକାରୀ । ଓଡ଼ିଶାର କୋଟିଆ ସୀମାରେ ଥିବା ଆନ୍ଧ୍ର ପକ୍ଷରୁ ଚାଲୁଥିବା ବିଦ୍ୟାଳୟର ଆବଶ୍ୟକତା ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଓଡ଼ିଆ ମାଟିରେ ଓଡ଼ିଆ ପଢ଼ିବେ, ଓଡ଼ିଶାର ହୋଇ ରହିବେ ସେ ବ୍ୟବସ୍ଥା ରାଜ୍ୟ ସରକାର ପକ୍ଷରୁ ଖୁବ୍‌ଶୀଘ୍ର ନିଆଯିବ। ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆ ଅଞ୍ଚଳର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।



ସମ୍ପାଦକୀୟ
ପୃଷ୍ଠା–୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

ବାଣିଜ୍ୟ ଯୁଦ୍ଧ : ଅଧିକ ଭାରତୀୟ ସାମଗ୍ରୀ ଆମଦାନି କରିବ ଚୀନ୍

ସିଙ୍ଗାପୁରରେ ଦୁଇଗୁଣ ବଢ଼ିଛି ଭାରତୀୟ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା: ମଧ୍ୟବିତ୍ତଙ୍କ ଆୟରେ ୪୦% ବୃଦ୍ଧି

'ସମ୍ବାଦ କଳିକା'ର ବାର୍ତ୍ତା ସମ୍ପାଦକ ଏସ୍.ଏ. କଲିମ୍‌ଙ୍କ ପରଲୋକ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଚଳିତ ବର୍ଷ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ସମାପ୍ତ ହେବ : ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ, ୨୨/୪**



ଚଳିତ ଶରତ ଋତୁ ସୁଦ୍ଧା ଆମେରିକା ସହିତ ବାଣିଜ୍ୟ ଚୁକ୍ତିର ପ୍ରଥମ ଭାଗ 'ସକାରାତ୍ମକ ଭାବରେ ସମାପ୍ତ' ହେବାର ଆଶା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇ ଦେଶ ମଧ୍ୟରେ ଆଲୋଚନାରେ ପରିପୂର୍ଣ୍ଣ ଏକ ଗସ୍ତ ଆରମ୍ଭ କରିବା ସମୟରେ କହିଛନ୍ତି ।

## ମହିଳାମାନେ ଭାରତର ନୂଆ ଆର୍ଥିକ ଶକ୍ତିରେ ପରିଣତ ହେଉଛନ୍ତି

**ନୂଆଦିଲ୍ଲୀ :**



ଭାରତ ଏବେ ଆର୍ଥିକ ଓ ସାମାଜିକ ରୂପେ ବଦଳିବାରେ ଲାଗିଛି ଓ ଏହି ପରିବର୍ତ୍ତନର ସବୁଠୁ ବଡ଼ ପ୍ରତୀକ ହେବାକୁ ଯାଉଛନ୍ତି ଦେଶର ବଢୁଥିବା ମଧ୍ୟମ ବର୍ଗ। ବୁଟିକ୍ ସାଂସ୍କୃତିକ ଓ ରଣନୈତିକ ଫାର୍ମ 'ଫୋକ୍ ଫ୍ରିକ୍ୱେନ୍ସୀ' ଦ୍ୱାରା ଜାରି ଏକ ନୂଆ ରିପୋର୍ଟ ଅନୁସାରେ ୨୦୩୦ ମସିହା ବେଳକୁ ଭାରତର ଅଧାରୁ ଅଧିକ ଜନସଂଖ୍ୟା ମଧ୍ୟମବର୍ଗୀୟ ହୋଇସାରିଥିବେ। ଏଣୁ ଉପଭୋଗ ପ୍ରବୃତ୍ତି ଆବଶ୍ୟକତା ଆଧାରିତରୁ ଅନୁଭବ ଆଧାରିତ ହେବାକୁ ଯାଉଛି। ଏହି ନିଷ୍କର୍ଷ ଭାରତର ସାମାଜିକ ଓ ଖାଉଟି ପରିଦୃଶ୍ୟରେ ଏକ ନୂଆ ଦିଗ ଆଡକୁ ଇଶାରା କରୁଛି, ଯେଉଁଥିରେ ନୂଆ ଆକାଂକ୍ଷା, ବଦଳୁଥିବା ପ୍ରାଥମିକତା ଓ ମଜଭୁତ ହେଉଥିବା ପରିଚୟ ମଧ୍ୟ ସାମିଲ ହେବ। ଏହି ରିପୋର୍ଟରେ ନୂଆ ମଧ୍ୟମ ବର୍ଗଙ୍କ ପାରମ୍ପରିକ ପରିଭାଷା ସମ୍ପୂର୍ଣ୍ଣ ଅଲଗା ହେବ। ଏମାନେ ସେହି ଲୋକ ଯେଉଁମାନେ ପିଢି ପରେ ପିଢି ଧରି ଚଳି ଆସୁଥିବା ଦାରିଦ୍ର୍ୟତାରୁ ବାହାରି ଏକ ନୂଆ ଆର୍ଥିକ ସ୍ଥିତିରେ ପହଞ୍ଚିବେ। ଏମାନଙ୍କ ମଧ୍ୟରୁ ଏପରି ଅନେକ ଥିବେ ଯେଉଁମାନେ ତାଙ୍କ ପରିବାରରେ ଶିକ୍ଷା ପ୍ରାପ୍ତ କରିଥିବା ପ୍ରଥମ ବ୍ୟକ୍ତି ଓ ଖୁବ୍ କମ୍ ବୟସରେ ଔପଚାରିକ ଚାକିରୀରେ ପ୍ରବେଶ କରୁଥିବେ। ଏହାର ପ୍ରଭାବ ସେମାନଙ୍କ ବିଚାର, ଖର୍ଚ୍ଚ କରିବା ଓ ଉତ୍ପାଦ ଏବଂ ସେବାକୁ ଦେଖିବାର ଦୃଷ୍ଟିକୋଣ ଉପରେ ପଡିବ। ଏପରି ଉପଭୋକ୍ତା କେବଳ ଜିନିଷର ମୂଲ୍ୟ ନୁହେଁ ବରଂ ଏହାର ଅନୁଭବ, କ୍ୱାଲିଟି ଓ ବ୍ରାଣ୍ଡ ଷ୍ଟୋରୀକୁ ଗୁରୁତ୍ୱ ଦେବେ। ରିପୋର୍ଟରେ ଏହା ବି କୁହାଯାଇଛି ଯେ ଏବେ ବ୍ୟବହାରର ପରିଭାଷା ବଦଳୁଛି। ଲୋକେ ଏବେ କେବଳ ଆବଶ୍ୟକ ଜିନିଷ କିଣୁ ନାହାନ୍ତି ବରଂ ଅନୁଭବାତ୍ମକ ସେବା ଓ ପ୍ରିମିୟମ ଲାଇଫଷ୍ଟାଇଲ ଆଡକୁ ମୁହାଁଉଛନ୍ତି। ଏହାର ଉଦାହରଣ ରୂପେ କାଜୁଆଲ ଡାଇନିଂକୁ ନିଆଯାଇ ପାରେ, ଯାହା ୪୯% ବୃଦ୍ଧି ହୋଇଛି। ଏହି ପରିବର୍ତ୍ତନ ସ୍ପଷ୍ଟ କରୁଛି ଏବେ ଲୋକଙ୍କ ଖର୍ଚ୍ଚ କେବଳ ଆବଶ୍ୟକତା ପୂରଣ କରିବାର ମାଧ୍ୟମ ହୋଇ ରହି ନାହିଁ ବରଂ ଏକ ଷ୍ଟେଟମେଣ୍ଟରେ ପରିବର୍ତ୍ତିତ ହୋଇଛି। ରିପୋର୍ଟରେ ଏହା ବି ରେଖାଙ୍କିତ କରାଯାଇଛି ଯେ ଭାରତର ଉଚ୍ଚଶିକ୍ଷା ପରିଦୃଶ୍ୟରେ ଏବେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଯୋଗୁ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି। ସରକାରଙ୍କ ଲକ୍ଷ୍ୟ ୨୦୩୫ ସୁଦ୍ଧା ଗ୍ରସ ଏନରୋଲମେଣ୍ଟ ରେସିଓ (ଜିଇଆର)କୁ ୫୦% ପର୍ଯ୍ୟନ୍ତ ପହଞ୍ଚାଇବା, ଯାହା ୨୦୧୮ ମସିହାରେ ୨୬.୩% ଥିଲା। ଶିକ୍ଷାର ଏହି ପ୍ରସାର ସହିତ ସାକ୍ଷରତା ହାରରେ ମଧ୍ୟ ସୁଧାର ଆସିଛି। ୨୦୧୧ ମସିହାରେ ଦେଶର ୨୨.୫% ଜନସଂଖ୍ୟା ନିରକ୍ଷର ଥିବା ବେଳେ ୨୦୧୯ ବେଳକୁ ଏହି ସଂଖ୍ୟା ହ୍ରାସ ହୋଇ ୧୦.୨% ହୋଇଯାଇଛି। ଏହାର ସିଧାପ୍ରଭାବ ହେଉଛି ଉପଭୋକ୍ତା ଏବେ ବ୍ରାଣ୍ଡ ଓ ପ୍ରଚାର ପ୍ରତି ଅଧିକ ସଚେତନ। ଯେଉଁମାନେ ପାରଦର୍ଶିତା, ଉତ୍ତରଦାୟୀ ଓ ଉତ୍ପାଦ ସେବାର କ୍ୱାଲିଟିକୁ ପ୍ରାଧାନ୍ୟ ଦେଉଛନ୍ତି। ରିପୋର୍ଟରୁ ଏକ ରୋଚକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ତାହା ହେଉଛି ଭାରତର ୫୭% ଇଣ୍ଟରନେଟ୍ ବ୍ୟବହାରକାରୀ ଗ୍ରାମୀଣ ଓ ଟିୟର-୨+ ସହରରେ ରହୁଛନ୍ତି, ହେଲେ ବିଜ୍ଞାପନ ଓ ଡିଜିଟାଲ ସାମଗ୍ରୀରେ ଏବେବି ମହାନଗର ଓ ଇଂରାଜୀଭାଷୀ ଦର୍ଶକଙ୍କୁ ପ୍ରାଥମିକତା ଦିଆଯାଉଛି। ଏଥିରେ ଏଆଇ ଅଲଗାରିଦମରେ ଆଞ୍ଚଳିକ ଭାଷା ପ୍ରତି ପୂର୍ବାଗ୍ରହ ବା ପକ୍ଷପାତ ସ୍ପଷ୍ଟ ଜଣାପଡ଼ିଯାଉଛି, ଏଣୁ ବହୁ ସଂଖ୍ୟାରେ ସମ୍ଭାବିତ ଉପଭୋକ୍ତା ଅଣଦେଖା ହୋଇଯାଉଛନ୍ତି। ଏହା ଡିଜିଟାଲ ବଜାର ପ୍ରତି ଏକ ଚେତାବନୀ ଯେ ଯଦି ସେମାନେ ବାସ୍ତବରେ ଭାରତର ହୃଦୟକୁ ଛୁଇଁବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ସ୍ଥାନୀୟ ଭାଷା ଓ ସ୍ଥାନୀୟ ସନ୍ଦର୍ଭକୁ ପ୍ରାଥମିକତା ଦେବାକୁ ପଡିବ। ରିପୋର୍ଟରେ ଏକ ପ୍ରମୁଖ ବିନ୍ଦୁ ଏହା ଯେ ମହିଳାମାନେ ଏବେ ଭାରତର ନୂଆ ଆର୍ଥିକ ଶକ୍ତିରେ ପରିଣତ ହେଉଛନ୍ତି। ତଥ୍ୟରୁ ଏହା ସୃଷ୍ଟି ହେଉଛି ଯେ ଦେଶର ୫୦%ରୁ ଅଧିକ ମେଡିକାଲ ଛାତ୍ରୀ ମହିଳା। ସେହିପରି ୧୪% ବ୍ୟବସାୟ ଏବେ ମହିଳାଙ୍କ ଦ୍ୱାରା ସଞ୍ଚାଳିତ ହେଉଛି। ଆଜିର ଜେନେରେସନ 'ଜେଡ୍' ଓ ଆଲଫା, ଯେଉଁମାନେ ୨୫ ବର୍ଷ ବୟସରୁ କମ୍ ଆୟୁବର୍ଗର ଯୁବ ପିଢି ଉପଭୋଗ କ୍ଷେତ୍ରରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରୁଛନ୍ତି।